


ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-141 ◆MONDAY ◆17 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୪୧ ◆ସୋମବାର ◆୧୭ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦






# SN ECO RESORT & WATER PARK

*Where Adventure Meets Peace*

DESTINATION WEDDINGS || CORPORATE EVENTS || WEEKEND GETAWAYS

• Luxury Rooms • Premium Cottages • Multi-cusine Restaurant • Swimming Pool
• SPA • Open GYM • Water Park • Boating • Children's Park
• Adventure Activities • Indoor & Outdoor Games


Premium Cottages



Comfortable Rooms


In-house Restaurant


Banquet Hall


Ayurvedic SPA


Destination Weeding Venue


Swimming Pool


Fun Filled Water Park


20+ Adventure Activities

*Celebrate the magic of Christmas and the joy of New Year with us this holiday season..*

For Bookings | +91 8144584399 / 9237379453 | www.snecoresort.com


SN Eco Resort & Waterpark, Dhirapatana, Dhenkanal |

# ଉଜୁଡ଼ି ଗଲା ଲାଲୁ ପରିବାର

## ରୋହିଣୀଙ୍କ ପରେ ଘର ଛାଡ଼ିଲେ ଆଉ ତିନି ଝିଅ, ଦିଲ୍ଲୀ ପଳାଇଲେ

ପାଟନା, ୧୬।୧୧ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବଡ଼ ପରାଜୟ ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଘରେ ଅଦିନିଆ ଝଡ଼ ଆସିଛି। ପରିବାରର ସଦସ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ବଡ଼ ପୁଅ ତେଜପ୍ରତାପ ଯାଦବଙ୍କ ପରେ ଏବେ ବାପାଙ୍କୁ କିଡ୍‌ନୀ ଦେଇଥିବା ଝିଅ ରୋହିଣୀ ଆଚାର୍ଯ୍ୟ ପରିବାର ଏବଂ ପାର୍ଟି ଛାଡ଼ି ପଳାଇଛନ୍ତି। ତାଙ୍କୁ ସମର୍ଥନ କରି ଲାଲୁଙ୍କ ଆଉ ତିନି ଝିଅ ମଧ୍ୟ ଆଜି ପାଟନା ଘର ଛାଡ଼ି ପିଲାମାନଙ୍କୁ ନେଇ ଦିଲ୍ଲୀ ପଳାଇଛନ୍ତି। ଏହି ତିନି ଝିଅ ହେଲେ ରାଜଲକ୍ଷ୍ମୀ, ରାଗିନୀ ଏବଂ ଚନ୍ଦା। ସେମାନେ ମଧ୍ୟ ପରିବାର ସହିତ ସଂପର୍କ ତୁଟାଇବାକୁ ଘୋଷଣା କରିଛନ୍ତି।

ବାହାରର ଦୁଇ ବ୍ୟକ୍ତିଙ୍କ ଯୋଗୁଁ ଏବେ ଜଣଙ୍କ ପରେ ଜଣେ ଆରଜେଡି ଏବଂ ଲାଲୁଙ୍କୁ ଛାଡ଼ି ଚାଲି ଯାଉଛନ୍ତି। ରାଜନୀତି ଏବଂ ପରିବାର ଛାଡ଼ିବାର ଦିନକ ପରେ ରବିବାର ରୋହିଣୀ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଗୁମର ଖୋଲିଛନ୍ତି। ସେ ତେଜସ୍ୱୀ ଯାଦବ ଏବଂ ସଞ୍ଜୟ ଯାଦବଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ରୋହିଣୀ ଏକ କୋହଭରା ପୋଷ୍ଟରେ କହିଛନ୍ତି ଯେ ମୋତେ ଶ୍ୱଶୁର ଘରଠାରୁ ଅଲଗା କରି ଅନାଥ ବନାଇ ଦିଆଗଲା। କାନ୍ଦି କାନ୍ଦି ଘର ଛାଡ଼ିବାକୁ ପଡ଼ିଲା। ମୋ ଉପରକୁ ମଧ୍ୟ ଚପଲ ଉଠାଗଲା। ଆତ୍ମସମ୍ମାନ ସହ ସାଲିସ ନ କରି ମୁଁ ବାହାରି ଆସିଲି। ଆଉ କେହି ମୋ ଭଳି ଦୁର୍ଦ୍ଦଶା ନଭୋଗନ୍ତୁ। କୌଣସି ଘରେ ମୋ ଭଳି ଭାଇ-ଭଉଣୀ ନ ରୁହନ୍ତୁ। ଏହି ପୋଷ୍ଟ ରୋହିଣୀ କିଡ୍‌ନୀ ଦେଇଥିବାର ଭିଡିଓ ପୋଷ୍ଟ କରିଛନ୍ତି।



ମୋ ସହିତ ଖରାପ ବ୍ୟବହାର କରାଯାଉଥିଲା: ରୋହିଣୀ
ଭଉଣୀଙ୍କ ପ୍ରତି ଅପମାନ ସହିବି ନାହିଁ: ତେଜପ୍ରତାପ

ଅନ୍ୟ ଏକ ପୋଷ୍ଟରେ ରୋହିଣୀ ଲେଖିଛନ୍ତି ଯେ ଶନିବାର ମତେ ଗାଳିଗୁଲଜ କରାଯାଇଥିଲା। ବାପାଙ୍କୁ ଖରାପ କିଡନୀ ଦେଇ କୋଟି କୋଟି ଟଙ୍କା ଏବଂ ଟିକଟ ନେଇଥିବା କୁହାଯାଇଥିଲା।

ନିର୍ବାଚନରେ ପରାଜୟକୁ ନେଇ ତେଜସ୍ୱୀ ଏବଂ ରୋହିଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ଅପରାହ୍ଣରେ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିବା ତେଜସ୍ୱୀ ପରାଜୟ ପାଇଁ ରୋହିଣୀଙ୍କୁ ଦାୟୀ କରିଥିଲେ। ତେଜସ୍ୱୀ ତାଙ୍କ ଉପରକୁ ଚପଲ ଫୋପାଡ଼ି ଥିଲେ। ଲାଲୁ ପରିବାରର ଏହି ବିବାଦ ପଛରେ ବାହାରର ଦୁଇ ଜଣ ବ୍ୟକ୍ତିଙ୍କ ହାତ ଥିବା କୁହାଯାଉଛି। ସେମାନେ ହେଲେ ତେଜସ୍ୱୀଙ୍କ ଘନିଷ୍ଠ ସଞ୍ଜୟ ଯାଦବ ଏବଂ ରମିଜ ଖାନ। ଉଭୟଙ୍କ ପାଇଁ ଭାଇ ତାଙ୍କୁ ଏଭଳି ବ୍ୟବହାର କଲା ବୋଲି ରୋହିଣୀ ଅଭିଯୋଗ କରିଛନ୍ତି। ଆଜି ମୁମ୍ବାଇ ଯିବା ସମୟରେ ରୋହିଣୀ କହିଛନ୍ତି, ସେ ତାଙ୍କର ସଂପର୍କ କେବଳ ତେଜସ୍ୱୀଙ୍କ ସହ ତୁଟାଇଛନ୍ତି। ବାପା ମାଆ ଏବଂ ଅନ୍ୟ ଭାଇ ଭଉଣୀ ତାଙ୍କ ସହିତ ଅଛନ୍ତି ବୋଲି ସେ କହିଛନ୍ତି। ଏହି ବିବାଦ ଉପରେ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।

ଇତିମଧ୍ୟରେ ଏହି ବିବାଦକୁ ନେଇ ମୁହଁ ।।ଖୋଲିଛନ୍ତି ଲାଲୁଙ୍କ ବଡ଼ ପୁଅ ତେଜପ୍ରତାପ। ସେ କହିଛନ୍ତି ଯେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସେ ସହିଛନ୍ତି। କିନ୍ତୁ ତାଙ୍କ ଭଉଣୀ ରୋହିଣୀଙ୍କ ପ୍ରତି ହୋଇଥିବା ଅପମାନକୁ ସେ ଆଦୌ ସହିବେ ନାହିଁ। ବାହାର ଲୋକଙ୍କ ପାଇଁ ତାଙ୍କ ଘରେ ଝଗଡ଼ା ହେଉଛି ଏବଂ ଏହା ଗ୍ରହଣୀୟ ନୁହେଁ। ବାପା (ଲାଲୁ)ଙ୍କ ଇସାରା ମିଳିବା ମାତ୍ରେ ରାଜ୍ୟବାସୀ ଏହି ବାହାର ଲୋକଙ୍କୁ ସାବାଡ଼ କରିଦେବେ। ସୂଚନାଯୋଗ୍ୟ ଯେ ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ପରିବାର ଓ ଦଳରୁ ତେଜ ପ୍ରତାପଙ୍କୁ ବହିଷ୍କାର କରିଥିଲେ। ଅନ୍ୟ ଜଣେ ମହିଳାଙ୍କ ସହ ସଂପର୍କ ପାଇଁ ତେଜ ପ୍ରତାପଙ୍କୁ ବିଦା କରାଯାଇଥିଲା। ଏହାପରେ ତେଜ ପ୍ରତାପ ନୂଆ ଦଳ ଗଠନ କରି ଆରଜେଡି ବିରୋଧରେ ପ୍ରାର୍ଥୀ ଦେଇଥିଲେ। କିନ୍ତୁ ସମସ୍ତେ ହାରିଯାଇଥିଲେ।

# ବିହାର ନିର୍ବାଚନରେ ବଣ୍ଟା ହୋଇଛି ବିଶ୍ୱ ବ୍ୟାଙ୍କ ଋଣ: ପ୍ରଶାନ୍ତ କିଶୋର

ପାଟନା, ୧୬।୧୧ (ଏଜେନ୍ସି): ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ପକ୍ଷରୁ ବଡ଼ ଅଭିଯୋଗ କରାଯାଇଛି। ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରିଥିବା କୁହାଯାଇଛି। ନିର୍ବାଚନରେ ଗୋଟିଏ ହେଲେ ବି ଆସନ ଜିତିପାରି ନ ଥିବା ଜନସୁରାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି ଯେ ଋଣ ଅର୍ଥକୁ ମାଗଣା ବାଣ୍ଟିବା ପାଇଁ ବ୍ୟବହାର କରାଯାଇଥିଲା। ଗତ ଜୁନ୍ ମାସରୁ ନିର୍ବାଚନ ଘୋଷଣା ହେବା ପର୍ଯ୍ୟନ୍ତ ୪୦ ହଜାର କୋଟି ଟଙ୍କା ବଣ୍ଟା ଯାଇଛି। ଏହି ଟଙ୍କା ବ୍ୟବହାର କରି ନୀତୀଶ କୁମାରଙ୍କ ସରକାର ଭୋଟ କିଣିଛନ୍ତି। ଲୋକଙ୍କ ଟଙ୍କାରେ ଭୋଟ କିଣାଯାଇଛି। ଏହି ପରିମାଣ କଳ୍ପନାଠାରୁ ବାହାରେ ଥିଲା। ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ବି ଛଡ଼ା ଯାଇ ନ ଥିଲା। ଠିକ୍ ନିର୍ବାଚନ ପୂର୍ବରୁ ଏହି ଅର୍ଥରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏଁ ଦିଆ ଯାଇଥିଲା।

- ୧୪୦୦୦ କୋଟି ଟଙ୍କା ମିଳିଥିଲା: ଏହି ଟଙ୍କା ମହିଳାଙ୍କୁ ଦିଆଯାଇଥିଲା
- ମତଦାନର ପୂର୍ବ ଦିନ ପର୍ଯ୍ୟନ୍ତ ମହିଳାଙ୍କ ଖାତାକୁ ଯାଉଥିଲା ଟଙ୍କା



ଜନସୁରାଜର ଜାତୀୟ ଅଧ୍ୟକ୍ଷ ଉଦୟ ସିଂହ କହିଥିଲେ ଯେ ପ୍ରଥମ ଥର ପାଇଁ ବିହାରରେ ମତଦାନ ହେବାର ଦିନେ ପୂର୍ବରୁ ବି ମହିଳାଙ୍କ ଖାତାକୁ ଟଙ୍କା ଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗିଥିବା ସତ୍ତ୍ୱେ ଏପରି କରାଯାଇଥିଲା। ଅତି କଷ୍ଟରେ ଜୀବନଯାପନ କରୁଥିବା ମହିଳାଙ୍କ ଭୋଟ ହାତେଇବା ପାଇଁ ଏହି ଟଙ୍କା ଯଥେଷ୍ଟ ଥିଲା। ଯଦି ଲୋକଙ୍କ ଟଙ୍କାକୁ ଭୋଟ କିଣିବା ପାଇଁ ବ୍ୟବହାର କରାଯାଇ ନ ଥାଆନ୍ତା ତେବେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପୁଣି କ୍ଷମତାକୁ ଆସି ନ ଥାଆନ୍ତା। ଜନସୁରାଜ ବୃଦ୍ଧବୃଦ୍ଧାଙ୍କୁ ମାସକୁ ୨ ହଜାର ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥିଲା। କିନ୍ତୁ ପରେ ବିଜେପି ଏହାକୁ ୭୦୦ରୁ ବଢ଼ାଇ ୧୧୦୦ କରିଦେଲା।

ଜନସୁରାଜ ନେତା ପବନ ବର୍ମା କହିଛନ୍ତି ଯେ ଏବେ ବିହାର ଉପରେ ୪, ୦୬, ୦୦୦ କୋଟି ଟଙ୍କାର ଋଣ ରହିଛି। ଏଥିପାଇଁ ଦିନକୁ ୬୩ କୋଟି ଟଙ୍କାର ସୁଧ ଦିଆଯାଉଛି। ଟ୍ରେଜେରି ଖାଲି ଥିବାବେଳେ ମହିଳାଙ୍କୁ ୧୦ ହଜାର ଲେଖାଏଁ ଦିଆଯାଉଛି। ବିଶ୍ୱ ବ୍ୟାଙ୍କ ଦେଇଥିବା ୨୧ ହଜାର କୋଟିର ଋଣରୁ ୧୪ ହଜାର କୋଟି ନେଇ ୧.୨୫ କୋଟି ମହିଳାଙ୍କୁ ଟଙ୍କା ଦିଆଯାଇଛି। ଏହା ଅନୁଚିତ ବୋଲି ସେ କହିଛନ୍ତି। ଏହା ସହିତ ନିର୍ବାଚନ କମିଶନଙ୍କ ନିରବତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

# ବିବାହର କିଛି ଘଣ୍ଟା ପୂର୍ବରୁ କନ୍ୟାକୁ ହତ୍ୟା କଲା ବର

ଭାବନଗର,୧୬ ।୧୧(ଏଜେନ୍ସି): ଗୁଜରାଟର ଭାବନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ବିବାହର କିଛି ଘଣ୍ଟା ପୂର୍ବରୁ ଜଣେ ବର ତାଙ୍କର କନ୍ୟା ତଥା ଭାବି ପତ୍ନୀଙ୍କୁ ହତ୍ୟା କରିଛନ୍ତି। ହଳଦୀ ସମାରୋହର ଗୋଟିଏ ଦିନ ପରେ ସୋନୀ ରାଠୋରଙ୍କୁ ହତ୍ୟା କରାଯାଇଥିଲା। ବର ସାଜନ ବରେୟାଙ୍କୁ ପୁଲିସ ମୁଖ୍ୟ ଅଭିଯୁକ୍ତ ବୋଲି କହିଛି। ସୋନୀ ଓ ସାଜନ ଗତ ଦେଢ଼ବର୍ଷ ହେବ ସାଥି ହୋଇ ଏକାଠି ରହୁଥିଲେ। ଦୁହିଙ୍କର ନିର୍ବନ୍ଧ ହୋଇସାରିଥିଲା। ବିବାହର ସବୁ ପରମ୍ପରା ପାଳନ ହୋଇ ସାରିଥିଲା। ଶନିବାର ରାତିରେ ସେମାନେ ବାହା ହୋଇଥାନ୍ତେ। ତେବେ ଏହାପୂର୍ବରୁ ସବୁ କିଛି ଶେଷ ହୋଇଛି। ସାଢ଼ି ଓ ଟଙ୍କା ପଇସାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।



ଏଥିରେ ଉତ୍‌କ୍ଷିପ୍ତ ହୋଇ ସାଜନ ଏକ ଲୁହା ପାଇପ୍‌ରେ ସୋନୀଙ୍କୁ ବାଡେଇଥିଲେ ଓ ସୋନୀଙ୍କ ମୁଣ୍ଡକୁ କାନ୍ଥରେ ପିଟିଥିଲେ। ଫଳରେ ସୋନୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ କହିଛି। ଫେରାର ହେବା ପୂର୍ବରୁ ସାଜନ ଘରେ ଭଙ୍ଗାରୁଜା ମଧ୍ୟ କରିଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସୋନୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସାଜନ ଶନିବାର ପଡୋଶୀଙ୍କ ସହ ମଧ୍ୟ ଝଗଡ଼ା କରିଥିଲା ବୋଲି ପୁଲିସ କହିଛି। ସାଜନକୁ ଧରିବା ପାଇଁ ପୁଲିସ ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ

# ସୁପ୍ରିମକୋର୍ଟ ପରେ ଲାହୋର ହାଇକୋର୍ଟ ଜଜ୍‌ଙ୍କ ଇସ୍ତଫା

ଇସ୍‌ଲାମାବାଦ,୧୬ ।୧୧(ଏଜେନ୍ସି): ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ କରି ଲାହୋର ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଇସ୍ତଫା ଦେଇଛନ୍ତି। ଫଳରେ ନ୍ୟାୟ ପାଳିକା ଉପରେ ସଙ୍କଟ ଆହୁରି ବୃଦ୍ଧି ପାଇଛି। ଲାହୋର ହାଇକୋର୍ଟର ଜଜ୍ ଜଷ୍ଟିସ ଶମ୍ସ ମେହମୁଦ ମିର୍ଜା ଇସ୍ତଫା ଦେଇଛନ୍ତି। ସେ ପ୍ରଥମ ଜଜ୍ ଭାବେ ହାଇକୋର୍ଟରୁ ଇସ୍ତଫା ଦେଇଛନ୍ତି। ମିର୍ଜା ୨୦୨୮ ମାର୍ଚ୍ଚ ୬ରେ ଅବସର ନେଇଥାନ୍ତେ। ସେ ଇମ୍ରାନ ଖାନ୍‌ଙ୍କ ପାର୍ଟି ପିଟିଆଇର ବରିଷ୍ଠ ନେତା ସଲମାନ ଆକ୍ରାମ ରାଜାଙ୍କ ଶାଳକ। ଏହା ପୂର୍ବରୁ ନଭେମ୍ବର ୧୩ରେ ସୁପ୍ରିମକୋର୍ଟର ଦୁଇଜଣ ବରିଷ୍ଠ ବିଚାରପତି ସୟଦ ମନସୁର ଅଲି ଶାହ ଓ ଜଷ୍ଟିସ ଅତର ମିନଲ୍ଲାହ ମଧ୍ୟ ସମାନ କାରଣ ଯୋଗୁ ଇସ୍ତଫା ଦେଇଥିଲେ। ୨୭ତମ ସମ୍ବିଧାନ ସଂଶୋଧନକୁ ସମ୍ବିଧାନ ଓ ନ୍ୟାୟପାଳିକା ଉପରେ ଆକ୍ରମଣ ସଦୃଶ ବୋଲି ସେମାନ କହିଥିଲେ। ଏହି ସଂଶୋଧନ ସୁପ୍ରିମକୋର୍ଟକୁ ଶେଷ କରୁଛି ଓ ସରକାର ସ୍ୱାଧୀନତାକୁ ବିପଦରେ ପକାଇଛି ବୋଲି ଜଷ୍ଟିସ ମନସୁର ଅଲି କହିଛନ୍ତି। ନ୍ୟାୟପାଳିକାକୁ ସରକାର ନିଜ ନିୟନ୍ତ୍ରଣକୁ ନେଉଛନ୍ତି ଓ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ଫେଡେରାଲ କନ୍‌ଷ୍ଟିଚ୍ୟୁସନାଲ କୋର୍ଟ (ଏଫ୍‌ସିସି) ସୁପ୍ରିମକୋର୍ଟଙ୍କୁ ଦେଶର ଦେଶର ସବୁଠୁ ଉଚ୍ଚତମ ନ୍ୟାୟଳୟ ପଦରୁ ହଟାଇ ଦେଇଛି ବୋଲି ଇସ୍ତଫା ଦେଇଥିବା ଜଜ୍‌ମାନେ କହିଛନ୍ତି।

# ମେକ୍ସିକୋରେ ମାତିଲେ ଜେନ୍ ଜେଡ୍

ମେକ୍ସିକୋ, ୧୬।୧୧ (ଏଜେନ୍ସି): ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ଆଉ ଏକ ଦେଶରେ ଜେନ୍-ଜେଡ୍ ଆନ୍ଦୋଳନ ଆରମ୍ଭ ହୋଇଛି। ମେକ୍ସିକୋରେ ଶନିବାର ହଜାର ହଜାର ଯୁବଗୋଷ୍ଠୀ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ବର୍ଦ୍ଧିତ ଅପରାଧ, ଦୁର୍ନୀତି, ହିଂସା, ସାର୍ବଜନୀନ ହତ୍ୟା ଏବଂ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ିଯିବାକୁ ନେଇ ଜେନ-ଜେଡ୍ ଉଗ୍ର ବିକ୍ଷୋଭ କରିଛନ୍ତି। ସାର୍ବଜନୀନ ସ୍ଥାନରେ ମେୟରଙ୍କୁ ହତ୍ୟା ପରେ ଏହା ଉଗ୍ର ହୋଇ ଉଠିଥିଲା। ପଶ୍ଚିମ ରାଜ୍ୟର ମିଚୋଆକେନରେ ନଭେମ୍ବର ୧ରେ ଅରୁଅପନର ମେୟର କାର୍ଲୋସ ମଞ୍ଜୋଙ୍କୁ ଏକ କାର୍ଯ୍ୟକ୍ରମରେ ଗୁଳି କରି ହତ୍ୟା କରାଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜେନ୍-ଜେଡ୍ ଗୋଷ୍ଠୀ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନର କାନ୍ଥ ଭାଙ୍ଗି ଦେଇଛି। ବିକ୍ଷୋଭକାରୀ ପୁଲିସ ଉପରକୁ ପଥର, ହାତୁଡି, ବାଣ, ଠେଙ୍ଗାବାଡ଼ି ଏବଂ ଶିକୁଳିରେ ଆକ୍ରମଣ କରିଛନ୍ତି। ଏହାକୁ ରୋକିବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ମାଡ଼ କରିଛି। ଏଥିରେ ୧୦୦ ପୁଲିସ ଅଧିକାରୀଙ୍କ ସମେତ ୧୨୦ ଜଣ ଆହତ ହୋଇଛନ୍ତି। ଏହି ମାମଲାରେ ୨୦ ଜଣଙ୍କୁ ଗିରଫ କରାଯାଇଛି।

- ମେୟରଙ୍କ ମୃତ୍ୟୁକୁ ନେଇ କ୍ଷୁବ୍ଧ ଯୁବଗୋଷ୍ଠୀ
- ରାଷ୍ଟ୍ରପତି ଭବନର କାନ୍ଥ ଭାଙ୍ଗିଦେଲେ
- ପୁଲିସ ଉପରେ ହାତୁଡି, ଠେଙ୍ଗାରେ ଆକ୍ରମଣ

ଚଳିତ ବର୍ଷ ଅନେକ ଦେଶରେ ଯୁବ ଗୋଷ୍ଠୀ ଆନ୍ଦୋଳନ କଲେଣି। ଅସମାନତା, ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ, ଦୁର୍ନୀତି ବିରୋଧରେ ଯୁବଗୋଷ୍ଠୀ ରାସ୍ତାକୁ ଓହ୍ଲାଇଛନ୍ତି। ଗତ ସେପ୍ଟେମ୍ବରରେ ଜେନ୍-ଜେଡ୍ ଗୋଷ୍ଠୀ ନେପାଳ ସରକାରକୁ ଭୁଶୁଡ଼ାଇ ଦେଇଥିଲେ। ଏବେ ଦୁର୍ନୀତି ଏବଂ ଅପରାଧକୁ ନେଇ ଚିନ୍ତିତ ମେକ୍ସିକୋ ଯୁବୋ ଗୋଷ୍ଠୀ ରାସ୍ତାକୁ ବାହାରିଛନ୍ତି। ୨୯ ବର୍ଷୀୟ ବ୍ୟବସାୟିକ କନସୋଲଟାଣ୍ଟ ଆଣ୍ଡ୍ରେସ ମାସା କହିଛନ୍ତି ଯେ ଆମକୁ ଅଧିକ ସୁରକ୍ଷା ଦରକାର। କେବଳ ଯୁବ ଗୋଷ୍ଠୀ ନୁହେଁ, ବୟସ୍କ ଏବଂ ୪୦ରୁ ୫୦ ବର୍ଷୀୟ ବ୍ୟକ୍ତି ମଧ୍ୟ ଆନ୍ଦୋଳନରେ ସାମିଲ ଅଛନ୍ତି। ଅନ୍ୟ ଜଣେ ଆନ୍ଦୋଳନକାରୀ ୪୩ ବର୍ଷୀୟ ଡାକ୍ତର ଏରିଜବେଥ ଗାର୍ସିଆ କହିଛନ୍ତି ଯେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ପାଇଁ ଆମେ ଅଧିକ ପାଣ୍ଠି ଚାହୁଁଛୁ। କିନ୍ତୁ ସୁରକ୍ଷା ସବୁଠୁ ବଡ଼ ସମସ୍ୟା ହୋଇ ରହିଛି। ଏବେ ଡାକ୍ତର ବି ଅସୁରକ୍ଷିତ। ଏଠାରେ ଅନେକ ଲୋକଙ୍କ ଜୀବନ ଯାଉଛି।

କିଛିଦିନ ହେଲା ମେକ୍ସିକୋରେ ଘଟିଥିବା ହାଇପ୍ରୋଫାଇଲ ହତ୍ୟାକାଣ୍ଡକୁ ନେଇ ରାଷ୍ଟ୍ରପତି କ୍ଲାଉଡିଆ ସିନବାମ ଜନତାଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏହି ବିକ୍ଷୋଭର କିଛି ଦିନ ପୂର୍ବରୁ ଦକ୍ଷିଣପନ୍ଥୀ ବିରୋଧୀ ଦଳ ବିରୋଧରେ ରାଷ୍ଟ୍ରପତି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ। ଏହି ଦଳ ଜେନ-ଜେଡ୍‌କୁ ସମର୍ଥନ ଦେଉଛି। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ବିକ୍ଷୋଭକୁ ବଡ଼ ଆକାର ଦେବାକୁ ପ୍ରୟାସ କରୁଛନ୍ତି। ଏହି ବିକ୍ଷୋଭରେ ଜାପାନୀ କମିକ୍ସ 'ୱାନ ପିସ'ର ଚରିତ୍ର ଲୁଫି ଯୁବ ଗୋଷ୍ଠୀଙ୍କ ସଙ୍କେତ ପାଲଟିଛି। ଜେନ-ଜେଡ୍ ଗୋଷ୍ଠୀ ହାତରେ ଖପୁରୀ ଚିତ୍ର ଥିବା ଟୋପି ପିନ୍ଧୁଛନ୍ତି। ଏହା ଲୁଫିର ପରିଚୟ ପାଲଟିଛି।

## ଜମ୍ମୁ-କାଶ୍ମୀରରେ କାର୍- ଡମ୍ଫର ଧକ୍କା ୪ ମୃତ; ୫ ଆହତ

ବଡ଼ଗାଁଓ,୧୬ ।୧୧(ଏଜେନ୍ସି): ଜମ୍ମୁ-କାଶ୍ମୀର ବଡ଼ଗାଁଓ ଜିଲ୍ଲାରେ ଶନିବାର ବିଳମ୍ବିତ ରାତିରେ ଏକ ଏସ୍‌ୟୁଭି କାର୍ ଓ ଡମ୍ଫର ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ୯ ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମୃତ ଘୋଷିତ କରାଯାଇଥିଲା ବୋଲି ପୁଲିସ କହିଛି। ଦୁର୍ଘଟଣା ବଡ଼ଗାଁଓର ରିଙ୍ଗରୋଡ଼ରେ ଘଟିଥିଲା। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିଛି। ଦୁର୍ଘଟଣା ପାଇଁ ଜମ୍ମୁ-କଶ୍ମୀର ମୁଖମନ୍ତ୍ରୀ ଉମର ଅବଦୁଲ୍ଲା ଦୁଃଖ ପ୍ରକାଶ କରିଛନ୍ତି। ପୀଡିତଙ୍କ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ସେ ଠିକ୍ ଭାବେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ଫାରୁକ୍ ଅବଦୁଲ୍ଲା-ଶଶୀ ଥରୁର ମୁହାଁମୁହିଁ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): କଂଗ୍ରେସ ସାଂସଦ ଶଶୀ ଥରୁର ବଡ଼ ଟିପ୍ପଣୀ ଦେଇଛନ୍ତି। ସେ ରବିବାର କହିଛନ୍ତି ଯେ ଆତଙ୍କବାଦ ୧୯୮୦-୯୦ରେ କଶ୍ମୀରରେ ଆରମ୍ଭ ହୋଇଥିଲା। ଏହା ଧିରେ ଧିରେ ମୁମ୍ବାଇ, ପୁନେ, ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଗଲା। ଗତ ୩୦ ବର୍ଷ ହେଲା ଭାରତ ଆତଙ୍କବାଦ ସମସ୍ୟାର ମୁକାବିଲା କରୁଛି। ଏବେ ଏହା ଉପରେ କଠୋର ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଆତଙ୍କବାଦୀ ଘଟଣାରେ ଦୁଇଟ ଦିଗକୁ ଧ୍ୟାନ ଦେବା ଜରୁରୀ। କିଏ ଏହି ଆକ୍ରମଣ କରିଛି ଏବଂ ଯେପରି ପୁଣି ଆକ୍ରମଣ ହେବ ନାହିଁ ତାହାର ବ୍ୟବସ୍ଥା କରିବା ଆବଶ୍ୟକ। ସବୁ ପ୍ରସଙ୍ଗକୁ ଯୁଦ୍ଧ ଏବଂ ଶାନ୍ତିର ଚଷମାରେ ଦେଖିବା ଅନୁଚିତ। ଆତଙ୍କବାଦ ବିରୋଧରେ ଦୃଢ଼ତାର ସହ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। କିନ୍ତୁ ଦେଶର ବିକାଶ ଲକ୍ଷ୍ୟକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ଦିଲ୍ଲୀ ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟ ଫାରୁକ ଅବଦୁଲ୍ଲା ଦେଇଥିବା ମନ୍ତବ୍ୟ ପରେ ଥରୁର ଏହି ଟିପ୍ପଣୀ ଦେଇଛନ୍ତି। ଫାରୁକ କହିଥିଲେ ଯେ ପ୍ରତ୍ୟେକ କାଶ୍ମୀରୀ ଉପରେ ଅଙ୍ଗୁଳି ଉଠାଯାଉଛି। କେବେ ଆମକୁ ହିନ୍ଦୁସ୍ତାନୀ ବୋଲି ମାନିବେ? ଏହି ସମୟ କେବେ ଆସିବ? ଆମ ଏଥିପାଇଁ ଦାୟୀ ନୁହେଁ। ଯିଏ ଦାୟୀଙ୍କୁ ତାଙ୍କୁ ପ୍ରଶ୍ନ କରାଯାଉ। ଡାକ୍ତରମାନଙ୍କୁ ଏହି ରାସ୍ତା କାହିଁକି ଆପଣାଇବାକୁ ପଡ଼ିଲା ପଚରାଯାଉ। ଏହାର ଗଭୀର ଯାଞ୍ଚ ଏବଂ ଅଧ୍ୟୟନ ଜରୁରୀ। ଫାରୁକ ପୁଣି ପାକିସ୍ତାନ ସହ ସମ୍ପର୍କ ସୁଧାରିବାକୁ ପରାମର୍ଶ ଦେଇଛନ୍ତି। ପଡ଼ୋଶୀ ସହ ଭଲ ସମ୍ପର୍କ ରହିଲେ ଭଲରେ ରହିବେ, ନଚେତ ବିକାଶ ଅଟକି ଯିବ। ସେହିପରି 'ଅପରେସନ ସିନ୍ଦୂର'ର କୌଣସି ପ୍ରଭାବ ପଡ଼ି ନାହିଁ ବୋଲି ସେ କହିଛନ୍ତି।

## ମଧ୍ୟପ୍ରଦେଶ, ରାଜସ୍ଥାନରେ ଭୟଙ୍କର ଦୁର୍ଘଟଣା, ଗଲା ୧୧ ଜୀବନ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ରବିବାର ସକାଳେ ଦୁଇ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୧ ଜଣ ପ୍ରାଣ ହରାଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶ ଗ୍ୱାଲିୟର-ଝାନ୍‌ସୀ ରାସ୍ତାରେ ଆଜି ବଡ଼ି ଭୋରରେ ଦ୍ରୁତଗତିରେ ଆସୁଥିବା ଏକ ଫର୍ଚ୍ୟୁନର କାର୍ ବାଲି ନେଇ ଆସୁଥିବା ଟ୍ରାକ୍ଟର-ଟ୍ରଲିକୁ ପଛ ପଟୁ ଧକ୍କା ଦେଇଥିଲା। ଏହା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଫର୍ଚ୍ୟୁନରରେ ଯାତ୍ରା କରୁଥିବା ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ଟ୍ରଲିର ତଳେ ପଶି ଯାଇଥିଲା। ତେଣୁ କୌଣସି ଯାତ୍ରୀଙ୍କ ଜୀବନ ବଞ୍ଚି ପାରି ନ ଥିଲା। ଗାଡ଼ିକୁ କଟରରେ କାଟି ମୃତଦେହ ବାହାର କରାଯାଇଥିଲା। ସମସ୍ତ ମୃତକ ଗ୍ୱାଲିୟରର ବାସିନ୍ଦା। ଫର୍ଚ୍ୟୁନରଟି ଉତ୍ତର ପ୍ରଦେଶର ଝାନ୍‌ସୀର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗ୍ୱାଲିୟର ଫେରୁଥିଲା। ରାସ୍ତାର ଏକ ବୁଲାଣିରେ ଏହା ନିୟନ୍ତ୍ରଣ ହରାଇ ଥିଲା। ଅନ୍ୟପକ୍ଷରେ ରାଜସ୍ଥାନର ଯୋଧପୁର-ଜୈସାଲମେର ଏନ୍‌ଏଚରେ ଏକ୍ ମିଳେଟ ବୋଝେଇ ଟ୍ରକ ବିପରୀତ ଦିଗରୁ ଆସି ଟେମ୍ପୋକୁ ଧକ୍କା ଦେଇଛି।

- ଗ୍ୱାଲିୟରରେ ଟ୍ରଲିରେ ପଶିଲା ଫର୍ଚ୍ୟୁନର; ୫ ମୃତ
- ରାଜସ୍ଥାନରେ ଟେମ୍ପୋକୁ ଧକ୍କାଦେଲା ଟ୍ରକ; ୬ ମୃତ

# ଆତ୍ମଘାତୀ ଖୋଜୁଥିଲେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): ଆତଙ୍କବାଦୀ ଡ. ଉମର ନବି ସହ ସମ୍ପର୍କରେ ରଖିଥିବା କିଛି ଲୋକଙ୍କୁ ଜମ୍ମୁ-କଶ୍ମୀର ପୁଲିସ ଗିରଫ କରିଛି। ସେମାନେ କହିଛନ୍ତି ଯେ ଏହି ଡାକ୍ତରମାନେ ଗତ ବର୍ଷ ଜଣେ ଆତ୍ମଘାତୀ ଖୋଜୁଥିଲେ। ଡ.ଉମରକୁ ଏହି ଦାୟିତ୍ୱ ଦିଆଯାଇଥିଲା। ସେ ୨୦୨୩ ଅକ୍ଟୋବରରେ କାଜିଗୁଣ୍ଡର ଜସିର ଓରଫ ଦାନିଶ ସହ ଯୋଗାଯୋଗ କରିଥିଲା। ପରେ ତାକୁ ଫରିଦାବାଦର ଅଲ-ଫଲାହ ବିଶ୍ୱବିଦ୍ୟାଳୟକୁ ଅଣା ଯାଇଥିଲା। ଏଠାରେ ଭଡ଼ା ଘରେ ତାକୁ ରଖା ଯାଇଥିଲା। ସେ ଓଭରଗ୍ରାଉଣ୍ଡ ୱାର୍କର ହେଉ ବୋଲି ସମସ୍ତେ ଚାହୁଁଥିଲେ। ଏଥିପାଇଁ ଉମର ଅନେକ ମାସ ପର୍ଯ୍ୟନ୍ତ ତାର ମାଇଣ୍ଡ ୱାସ କରିଥିଲା। ଆତ୍ମଘାତୀ ପାଇଁ ରାଜି କରାଇବାକୁ ଚାହିଁଥିଲା। କିନ୍ତୁ ଘରର ଆର୍ଥିକ ସ୍ଥିତି ଖରାପ ଥିବାରୁ ଏବଂ ଇସ୍‌ଲାମରେ ଆତ୍ମହତ୍ୟା ହାରାମ କହି ଦାନିଶ ଆତ୍ମଘାତୀ ହେବାକୁ ମନା କରିଦେଇଥିଲା। ଲାଲକିଲ୍ଲା ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ସୈୟିଦକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସିଛି। ସେ ୧୦ ବର୍ଷ ହେଲା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ସହ ଜଡ଼ିତ ଥିଲା। ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସାହିନ ୨୦୧୫ରେ ଜୈସରେ ସାମିଲ ହୋଇଥିଲା। ୨୦୨୧ରେ ସାହିନ ଚାକିରି ଛାଡ଼ିବାରୁ ସ୍ୱାମୀ ଅଟକାଇ ଥିଲେ। ଏହାର ଉତ୍ତରରେ ସେ କହିଥିଲା ଯେ ପରିବାର ଏବଂ ଚାକିରିରେ କିଛି ନାହିଁ। ନିଜ ପାଇଁ ବହୁତ ଜିଇଁଲି। ଏବେ ନିଜ ସମ୍ପ୍ରଦାୟର ଲୋକଙ୍କ ଋଣ ସୁଝିବାର ସମୟ ଆସିଛି। ସେହିପରି ଆତଙ୍କବାଦୀ ଡାକ୍ତର ଉମର, ମୁଜାମ୍ମିଲ ଏବଂ ସାହିନକୁ ମିଳିଥିବା ୨୦ ଲକ୍ଷ ଟଙ୍କାର 'ଫଣ୍ଡି ଟ୍ରେଲ' ଉପରୁ ଗୁଇନ୍ଦା ଏଜେନ୍ସି ଗୁଡ଼ିକ ପରଦା ଉଠାଇଛନ୍ତି। ଜୈସର ଆତଙ୍କବାଦୀ ହାୱାଲା ମାଧ୍ୟମରେ ଏହି ଟଙ୍କା ପଠାଇ ଥିବା ଜଣାପଡ଼ିଛି।

- ୧୦ ବର୍ଷ ହେଲା ଜୈସ ସହ ସାହିନ୍‌ର ସଂପର୍କ
- ଋଣ ସୁଝିବା ପାଇଁ ଛାଡ଼ିଥିଲା ଚାକିରି
- ହୱାଲା ମାଧ୍ୟମରେ ମିଳିଥିଲା ୨୦ ଲକ୍ଷ

## ଦିଲ୍ଲୀ ବୋମା ବିସ୍ଫୋରଣ

# ସ୍କାନରରେ ୨୦୦ ସନ୍ଦିଗ୍ଧ, ଧରାପଡ଼ିଲେଣି ୬୦

ଫରିଦାବାଦ, ୧୬।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତ ପରିସର ବଢ଼ିବା ପରେ ବିଚଳିତ କରିବା ଭଳି ଘଟଣା ସାମ୍‌ନାକୁ ଆସିବାରେ ଲାଗିଛି। ଏବେ ଯାଞ୍ଚ ଏଜେନ୍ସି ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟର ଡ. ମୁଜାମିଲ ଏବଂ ମହିଳା ଡାକ୍ତର ସାହିନର ମୋବାଇଲ କଲ୍ ରେକର୍ଡ ଏବଂ ଡିଜିଟାଲ ଟ୍ରାନ୍ସଫର ପେମେଣ୍ଟକୁ ନେଇ ବିସ୍ମୟକର ତଥ୍ୟ ଆସିଛି। ଏହି ଆତଙ୍କବାଦୀମାନେ ନିଜ ଯୋଜନାରେ ସଫଳତା ପାଇବା ପାଇଁ ସହାୟତା ନାମରେ ଅନେକଙ୍କୁ ଟଙ୍କା ବାଣ୍ଟି ଥିଲେ। ଫରିଦାବାଦର ଧୌଜ, ଫତେହପୁର ତଗା ଗାଁ ଏବଂ ନୁହ ଜିଲ୍ଲା ଏହି ଷଡ଼ଯନ୍ତ୍ରର କେନ୍ଦ୍ର ଥିଲା। ଏହି 'ହ୍ୱାଇଟ-କଲାର ଟେରର ମଡ୍ୟୁଲୋ' ସହ ପ୍ରାୟ ୨୦୦ ଜଣ ସାମିଲ ଥିଲେ। ଏଥିରୁ ପ୍ରାୟ ୬୦ ଜଣଙ୍କୁ ଏନ୍‌ଆଇଏ ଏବଂ ପୁଲିସ ଗିରଫ କଲାଣି। ୪୦ ମୋବାଇଲ ମଧ୍ୟ ଜବତ କରାଯାଇଛି। ଏଥିରୁ ଅନେକ ଫୋନରେ ଥିବା ଏନ୍‌କ୍ରିପଟେଡ ଆପ୍ ସନ୍ଦେହଜନକ ଗୋଷ୍ଠୀରେ ସାମିଲ ରହିଛି। ଅଲଗା ଅଲଗା ଯାଞ୍ଚ ଟିମ୍ ଗଠନ କରି ମାମଲାର ତଦନ୍ତ କରାଯାଉଛି।

- ସହାୟତା ନାମରେ ଟଙ୍କା ବାଣ୍ଟିଥିଲେ ମୁଜାମିଲ୍, ସାହିନ
- ବିସ୍ଫୋରଣ ସ୍ଥଳରୁ ମିଳିଲା ନିଷିଦ୍ଧ ୯ ଏମ୍‌ଏମ୍ କ୍ୟାଟ୍ରିଜ୍

ଅଲ-ଫଲାହ ବିଶ୍ୱବିଦ୍ୟାଳୟର ୧୭, ୧୩ ଏବଂ ୩୨ ନମ୍ବର ପ୍ରକୋଷ୍ଠରେ ଗୁପ୍ତ ବୈଠକ ହେଉଥିଲା। ଏଠାରୁ ଜବତ ଡାଏରୀରେ ୨୫-୩୦ ନାମ ରହିଛି। ଗତ ୮-୧୨ ତାରିଖ ମଧ୍ୟରେ ହୋଇଥିବା ଯୋଜନାର ନୋଟ୍ ମିଳିଛି। ସୂଚନା ଅନୁଯାୟୀ ଡ. ମୁଜାମିଲ ଅନେକ ଲୋକଙ୍କୁ ଆର୍ଥିକ ସହାୟତା ଦେଇ ଫସାଇ ଥିଲା। ମୌଳବୀଙ୍କ ଜମିରେ କ୍ୟାମ୍ପ ପାଇଁ ୩୫ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ବାପାଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ନେଇଥିବା କଶ୍ମୀର ଯୁବକ ପରେ ଆଇଇଡି ଆସେମ୍ବ୍ଲିଂରେ ସହାୟତା କରିଥିଲା। ଏହା ବ୍ୟତୀତ ଜଣେ ଏମ୍‌ବିବିଏସ ଛାତ୍ର ଭାଇ ବାହାଘର ପାଇଁ ଲକ୍ଷେ ଟଙ୍କା ନେଇ ଆତଙ୍କର ରାସ୍ତାରେ ଚାଲିଥିଲା।



ଅନ୍ୟପକ୍ଷରେ ରାଜସ୍ଥାନ ସାଞ୍ଚୌରର ମୌଲବୀ ଓସାମା ଉମର ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ (ଟିଟିପି) ପାଇଁ ସ୍ଲିପର ସେଲ୍ ପ୍ରସ୍ତୁତ କରିଥିଲା। ସେ ଯୁବ ଗୋଷ୍ଠୀଙ୍କୁ ଜିହାଦୀ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲା। ଏହି ମୌଲବୀକୁ ଗିରଫ କରାଯାଇଛି। ତା ଫୋନରୁ ୩ ଲକ୍ଷରୁ ଅଧିକ ଆପତ୍ତିଜନକ ଭୋଟ ମିଳିଛି। ସେ ଆଫଗାନିସ୍ତାନ ଯାଇ ପ୍ରଶିକ୍ଷଣ ନେବାକୁ ମଧ୍ୟ ପ୍ରସ୍ତୁତ ହେଉଥିଲା। ଏହା ମଧ୍ୟରେ ଦିଲ୍ଲୀ ବିସ୍ଫୋରଣ ସ୍ଥଳରୁ ନାଗରିକଙ୍କ ବ୍ୟବହାର ପାଇଁ ନିଷିଦ୍ଧ ୯ ଏମଏମ ବୁଲେଟ ଜବତ କରାଯାଇଛି। ସେହିପରି ବିସ୍ଫୋରଣ ପୂର୍ବରୁ ଆତଙ୍କବାଦୀ ଡ. ଉମର ନବି ନୁହର ଏକ ଭଡ଼ାଘରେ ରହିଥିଲା। ଏହାର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି। ସେ ବିସ୍ଫୋରଣର ୧୮ ଘଣ୍ଟା ପୂର୍ବରୁ କାର୍ ନେଇ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବା ଦେଖାଯାଉଛି।



ଭାରତ ଏ'କୁ ଜିତାଇଲେ ଗାଏକୱାଡ

▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-141 ♦MONDAY ♦17 NOVEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୪୧ ♦ସୋମବାର ♦୧୭ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

**ଲାଲ୍‌କିଲ୍ଲା କାର୍ ବିସ୍ଫୋରଣ**

## ଧରାପଡ଼ିଲା ଉମର୍ ସହଯୋଗୀ

■ **ନୂଆଦିଲ୍ଲୀ,୧୬ ।୧୧(ଏଜେନ୍ସି):** ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ନ୍ୟାସନାଲ ଇନ୍‌ଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଆଉ ଜଣେ ସଂଦିଗ୍ଧଙ୍କୁ ଗିରଫ କରିଛି । ବିସ୍ଫୋରଣର ୬ ଦିନ ପରେ ଆତ୍ମଘାତୀ ଆକ୍ରମଣକାରୀ ଉମର ନବୀର ଜଣେ ସହଯୋଗୀ ଆମୀର ରସିଦ ଅଲିକୁ ଗିରଫ କରାଯାଇଛି । ଆମୀର ଜମ୍ମୁ-କଶ୍ମୀରର ପାମ୍ପୋରର ବାସନ୍ଦା । ବିସ୍ଫୋରଣ ପାଇଁ ଉମର ସହ ମିଶି ଆମୀର ଷଡ଼ଯନ୍ତ୍ର କରିଥିଲା । ବିସ୍ଫୋରଣ ପାଇଁ ବ୍ୟବହୃତ ହୋଇଥିବା କାର୍‌ର ମାଲିକ ହେଉଛି ରସିଦ । ବିସ୍ଫୋରଣ ପାଇଁ ସେ ହିଁ କାର କିଣି ଉମରକୁ ଦେଇଥିଲା । ସେ ଫରିଦାବାଦ୍‌ରୁ ଏହି କାର୍ କଣିଥିଲା ବୋଲି ଏନ୍‌ଆଇଏ ତରଫରୁ କୁହାଯାଇଛି । ଅନ୍ୟ ସଂଦିଗ୍ଧଙ୍କୁ ଗିରଫ କରିବା ପାଇଁ ଏନ୍‌ଆଇଏ ଚଢ଼ାଉ ଜାରି ରଖିଛି । ସେହିପରି ପୁଲିସ ନୁହ ସହରରୁ ଆଉ ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରିଜୱାନ ଓ ସୋଏବ । ଆତଙ୍କବାଦୀ ମାମଲାରେ ଦୁହେଁ ପାଣି ଯୋଗାଡ଼ କରିଥିବାର ଅଭିଯୋଗ ହୋଇଛି ।



**ଆଉ ଜଣେ ମହିଳା ଡାକ୍ତର ଗିରଫ**

ଏନ୍‌ଆଇଏ ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀ ବିସ୍ଫୋରଣ ଥିଲା ଆତ୍ମଘାତୀ ବିସ୍ଫୋରଣ । ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ପୁଲିସ୍ ଏହି ମାମଲାରେ ଜମ୍ମୁ-କଶ୍ମୀରର ଅନନ୍ତ ନାଗରେ ଚଢ଼ାଉ କରି ଜଣେ ମହିଳା ଡାକ୍ତରଙ୍କୁ ଗିରଫ କରିଛି । ସେ ହେଉଛନ୍ତି ହରିୟାଣାର ପ୍ରିୟଙ୍କା ଶର୍ମା । ସେ ଅନନ୍ତନାଗର ମଲକନାଗ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ । ବିସ୍ଫୋରଣରେ ସେ ଜଡିତ ଥିବା ପୁଲିସ ସନ୍ଦେହ କରୁଛି ।

**ସାରା ରାଜ୍ୟରେ ଶୀତ ଲହରୀ**

## ୫ ଡିଗ୍ରୀକୁ ଖସିଲା ପାରଦ

■ **ଭୁବନେଶ୍ୱର, ୧୬।୧୧ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ଶୀତ ଜାରି ରହିଛି । କ୍ରମାଗତ ଭାବେ ରାଜ୍ୟକୁ ଆସୁଥିବା ଥଣ୍ଡା ଓ ଶୁଷ୍କ ପବନ ତାପମାତ୍ରା ହ୍ରାସରେ ସହାୟକ ହେଉଥିବା ବେଳେ ଥଣ୍ଡା ବଢ଼ି ଚାଲିଛି । ଯାହାଫଳରେ ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୫ ଡିଗ୍ରୀକୁ ଖସିଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଥିବା ବେଳେ ଜି ଉଦୟଗିରିରେ ତାପମାତ୍ରା ୫.୮ ଡିଗ୍ରୀ ରେକର୍ଡ ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱର ଓ କଟକରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳକୁ ଖସିଯାଇଥିବା ବେଳେ ଏଠାରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ଜି.ଉଦୟଗିରି ରେ ତାପମାତ୍ରା ୫.୮ ଡ଼ିଗ୍ରୀ ରେକର୍ଡ ହେବା ସହ ଏହା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି କଟକରେ ତାପମାତ୍ରା ୧୩.୬ ଡିଗ୍ରୀ ରହିଥିବା ବେଳେ ଏଠାରେ ▶ପୃଷ୍ଠା-୭



**ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଋଣ ୯୪ ଲକ୍ଷ କୋଟି**

# ଋଣ ଚାପରେ ଅର୍ଥନୀତି

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୧୧ (ସମିସ):** ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନିମନ୍ତେ ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ବୃଦ୍ଧି ପରିବର୍ତ୍ତେ ଦେଶର ବିଭିନ୍ନ ରାଜ୍ୟ କେବଳ ଋଣ ଉପରେ ଭରସା କରୁଛନ୍ତି । ଯାହା ଫଳରେ ବିଭିନ୍ନ ରାଜ୍ୟ ଉପରେ ଋଣ ପରିମାଣ ବଢ଼ିବଢ଼ି ଚାଲିଛି ଏବଂ ଚଳିତ ବର୍ଷ ଶେଷ ବେଳକୁ ଏହି ପରିମାଣ ୯୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଅକ୍ଟୋବର ୨୦୨୫ ସୁଦ୍ଧା ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ୯୩.୯୩ କୋଟିରେ ପହଞ୍ଚିଛି ଓ ବିଭିନ୍ନ ରାଜ୍ୟଗୁଡ଼ିକ ଆର୍ଥିକ ବର୍ଷରେ ଦେଶ ଦୁଇଟି ତ୍ରୟମାସିକରେ ପ୍ରାୟ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଋଣ କରିବାକୁ ପ୍ରସ୍ତାବ ଦେଇଛନ୍ତି ।

**ମାର୍ଚ୍ଚ ଶେଷ ବେଳକୁ ରାଜ୍ୟଗୁଡ଼ିକର ଋଣ ହେବ ୯୯ ଲକ୍ଷ କୋଟି ଟଙ୍କା**

**୧୦ ବର୍ଷରେ ରାଜ୍ୟ ସମୂହର ଋଣ ପରିମାଣ ୪ ଗୁଣା ବଢ଼ିଛି**

**୨୦୦୪ରୁ ୨୦୧୪ ମଧ୍ୟରେ ଋଣ ବଢ଼ିଥିଲା ମାତ୍ର ୩ ଗୁଣା**



ରିପୋର୍ଟ ଅନୁସାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଦେଶର ୧୬ଟି ରାଜ୍ୟ ସେମାନଙ୍କ ବାର୍ଷିକ ଋଣରେ ୫୮% ବୃଦ୍ଧି କରିଛନ୍ତି । ଯାହାର ପରିମାଣ ପ୍ରାୟ ୧.୩୬ ଲକ୍ଷ କୋଟି ବୋଲି କୁହାଯାଉଛି । ଋଣ ପରିମାଣ ବୃଦ୍ଧି ଯୋଗୁଁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି ଏବଂ ରାଜ୍ୟବାସୀଙ୍କ ଉପରେ ଋଣ ବୋଝ ପାଲଟି ଯାଇଛି । କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟଗୁଡ଼ିକୁ ସୁଧମୁକ୍ତ ଋଣ ବାବଦରେ ୩.୬ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିବା ସତ୍ତ୍ୱେ ନିର୍ବାଚନୀ ପ୍ରତିଶ୍ରୁତି, ମାଗଣା ବଣ୍ଟନ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ରାଜ୍ୟଗୁଡ଼ିକୁ ଅଧିକ ଋଣ କରିବାକୁ ପଡୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜସ୍ୱ ସଂଗ୍ରହ (ପ୍ରତ୍ୟକ୍ଷ ଓ ପରୋକ୍ଷ)ରେ ଅଭିବୃଦ୍ଧି ଘଟୁ ନ ଥିବାର ରାଜ୍ୟଗୁଡ଼ିକ ଋଣ ଉପରେ ନିର୍ଭରଶୀଳ ହେଉଛନ୍ତି ବୋଲି କୁହାଯାଉଛି ।

୨୦୦୪ ମସିହାରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଉପରେ ଋଣର ପରିମାଣ ଥିଲା ମାତ୍ର ୮.୮ ଲକ୍ଷ କୋଟି ଟଙ୍କା । ୨୦୧୪ ଜୁନ୍ ମାସ ସୁଦ୍ଧା ଏହା ୨୩.୯୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା । ମାତ୍ର ୨୦୨୮ ଅକ୍ଟୋବର ମାସ ସୁଦ୍ଧା ଏହା ୯୪ ଲକ୍ଷ କୋଟିରେ ପହଞ୍ଚିଛି । ଅର୍ଥାତ୍ ୨୦୧୪ରୁ ୨୦୨୫ ମଧ୍ୟରେ ରାଜ୍ୟଗୁଡ଼ିକ ୭୦ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି ।

ରାଜ୍ୟଗୁଡ଼ିକର ଜିଏସ୍‌ଡିପି ଓ ଋଣ ଅନୁପାତ ଦୃଷ୍ଟିରୁ ଅରୁଣାଚଳ ପ୍ରଦେଶ, ପଞ୍ଜାବ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଓ ମେଘାଳୟ ସବୁଠାରୁ ଖରାପ ▶ପୃଷ୍ଠା-୭

# ଛିଡୁନି ବିହାର ଅଡୁଆ

## ବିଳମ୍ବିତ ହୋଇପାରେ ନୂଆ ସରକାର ଗଠନ

■ **ପାଟନା, ୧୬।୧୧ (ଏଜେନ୍ସି):** ବିହାରରେ ନୂଆ ସରକାର କେବେ ଶପଥ ନେବ? ଏସଂପର୍କରେ ବିଜେପି କିମ୍ବା ଜେଡିୟୁ ମୁହଁ ଖୋଲୁ ନାହାନ୍ତି । ତେବେ ଏନ୍‌ଡିଏର ଅନ୍ୟତମ ଅଂଶୀଦାର ଏଲଜେପିର ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି ଯେ ଆସନ୍ତା ୨୨ ତାରିଖ ପୂର୍ବରୁ ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବ ଏବଂ ଯାହା ଜଣାପଡୁଛି ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନେଇ ଆଜି ମଧ୍ୟ ସସପେନ୍ସ ରହିଥିଲେ ମଧ୍ୟ ଦୁଇ ଦଳର ନେତା କିଛି କହୁ ନାହାନ୍ତି । ଆଜି ସନ୍ଧ୍ୟାରେ ବିଜେପିର ବରିଷ୍ଠ ନେତା ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇ ଏହା ଉପରେ ବିଚାରବିମର୍ଶ କରାଯାଇଛି । କିନ୍ତୁ କିଛି ସୂଚନା ଦିଆଯାଇ ନାହିଁ ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପାଇଁ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରେ ରହିବେ । ତେବେ ସେ କେତେ ଦିନ ରହିବେ, ସେଥିପାଇଁ ଫର୍ମୁଲା ପ୍ରସ୍ତୁତ କରାଯାଉଛି ।



**ଦିଲ୍ଲୀରେ ଏନ୍‌ଡିଏ ନେତାଙ୍କ ଘନଘନ ବୈଠକ**

**୨୦ ତାରିଖ ସୁଦ୍ଧା ନୂଆ ମନ୍ତ୍ରିମଣ୍ଡଳ ଶପଥ**

**ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନୀତୀଶ**

ନିର୍ବାଚନରେ ଜେଡିୟୁ ଅପେକ୍ଷା ବିଜେପି ଅଧିକ ଆସନ ପାଇଥିବାରୁ ପରବର୍ତ୍ତୀ ସମୟରେ ଏହାର ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ । ଏବେ ଯେଉଁ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବ, ସେଥିରେ ଜେଡିୟୁ ଅପେକ୍ଷା ବିଜେପିର ଅଧିକ ବିଧାୟକଙ୍କୁ ମନ୍ତ୍ରିପଦ ମିଳିବ । ଏହା ଉପରେ ଅଧିକ ବିଚାରବିମର୍ଶ ଚାଲିଥିବାରୁ ଶପଥ ଗ୍ରହଣରେ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି । ତେବେ ନୀତୀଶ କୁମାର ଆସନ୍ତାକାଲି ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରିବେ । ଏବେ ମୋଟ୍ ୩୩ରୁ ୩୬ ମନ୍ତ୍ରୀ ଶପଥ ଗ୍ରହଣ କରିବେ । ବିଜେପିରୁ ୧୬ ଏବଂ ନୀତୀଶଙ୍କ ଜେଡିୟୁରୁ ୧୪ ଜଣ ମନ୍ତ୍ରୀ ହେବେ । ଚିରାଗ ପାଶ୍ୱାନଙ୍କ ଦଳରୁ ଦୁଇ ଜଣଙ୍କୁ ମନ୍ତ୍ରିପଦ ମିଳିବାର ସମ୍ଭାବନା ରହିଛି । ନୂଆ ମନ୍ତ୍ରିମଣ୍ଡଳରେ ତିନି ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାର ସମ୍ଭାବନା ରହିଛି । ପାଶ୍ୱାନ ତାଙ୍କ ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

**ଡିସେମ୍ବର ୧ରୁ ପୁଲିସକୁ ଗାଡ଼ି ଚେକିଂ ପାଇଁ ଅଖଣ୍ଡ କ୍ଷମତା**

## ସରକାର-ସଂଘ ମୁହାଁମୁହିଁ

■ **ଭୁବନେଶ୍ୱର,୧୬ ।୧୧(ସମିସ):** ବହୁ ବାଦ ବିବାଦ ଓ ଆନ୍ଦୋଳନ ଚେତାବନୀ ପରେ ମଧ୍ୟ ସରକାର ନିଜ ନିଷ୍ପତ୍ତିରେ ଅଟଳ । ଡିସେମ୍ବର ୧ ତାରିଖରୁ ପୁଲିସକୁ ମିଳିବ ଗାଡ଼ି ଯାଞ୍ଚର ଅଖଣ୍ଡ କ୍ଷମତା । ଏହି କ୍ଷମତା ବଳରେ ପୁଲିସ ବାହିନୀ ପୂର୍ବାପେକ୍ଷା କ୍ଷମତାଶାଳୀ ଓ ଅର୍ଥଶାଳୀ ହେବ । ତେବେ ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତାକୁ ବିରୋଧ କରି ଆସିଥିବା ବସ୍‌ମାଲିକ ଓ ଅନ୍ୟ ଗାଡ଼ି ମାଲିକ ସଂଘ ଖୁବ୍ ଶୀଘ୍ର ଜରୁରୀ ବୈଠକ ଡାକିବେ ବୋଲି ସୂଚନା ମିଳିଛି । ସରକାର ତାଙ୍କ ଆଭିମୁଖ୍ୟ ପରିବର୍ତ୍ତନ ନ କଲେ ଗାଡ଼ି ମାଲିକମାନେ ମଧ୍ୟ ବିକଳ୍ପ ବାଛିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଯାହାକୁ ନେଇ ସରକାର ଓ ଗାଡ଼ି ମାଲିକ ସଂଘ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି ।

**ବସ୍ ମାଲିକ ସଂଘର ଆନ୍ଦୋଳନ ଚେତାବନୀ ସତ୍ତ୍ୱେ ପଛକୁ ହଟିଲାନି ବିଭାଗ**

**ଦୁଇଟି ବ୍ୟତୀତ ସବୁ ଉଲ୍ଲଂଘନ ପାଇଁ ଜରିମାନା କରିବ ପୁଲିସ**

ରାଜ୍ୟରେ ବର୍ତ୍ତମାନ ଏମଭି ଆଇନ ୧୯୮୮ ଅନୁଯାୟୀ ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି । ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ରଙ୍ଗସାଇଡ୍ ଗାଡ଼ି ଚାଳନା, ଟ୍ରିପଲ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରୁଛି । ମାତ୍ର ଡିସେମ୍ବର ୧ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି । ଅନୁଯାୟୀ ଏମ୍‌ଭି ଆଇନ୍‌ର ଧାରା-୩ର ଉପଧାରା-୧ ଓ କେନ୍ଦ୍ରୀୟ ଏମ୍‌ଭି ଆଇନ୍ ୧୯୪(୧)ରେ ଥିବା କ୍ଷମତାକୁ ବାଦ୍ ଦେଇ ବାକି ସବୁ କ୍ଷେତ୍ରରେ ପୁଲିସକୁ ଜରିମାନା ଆଦାୟ କ୍ଷମତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ।

ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଅଚଳନ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ କିଛି ଷଡ଼ଯନ୍ତ୍ର ଥିବା ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଗନ୍ଧବାରିଛନ୍ତି । ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି । ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି । ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ । ମାତ୍ର ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସ କ୍ଷମତା ଦେବାକୁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଥିବାରୁ ଦୁର୍ନୀତି ବଢ଼ିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି ।

ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତା ପ୍ରଦାନ କରିବା ଲାଗି ପରିବହନ କମିସନର ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ପରେ ନିଖିଳ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ଓ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ରାଜ୍ୟର ଏହି ଦୁଇ ପ୍ରମୁଖ ସଂଘ ଏ ସଂକ୍ରାନ୍ତରେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ସରକାରଙ୍କୁ ନିବେଦନ କରିଥିବା ବେଳେ ଏହି ନିୟମ ଲାଗୁ ହେଲେ ରାଜ୍ୟରେ ଚକ ଅଖ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ । ହେଲେ ସରକାର ସଂଘମାନଙ୍କ ଚେତାବନୀକୁ ଭ୍ରୂକ୍ଷେପ ନ କରି ଏହି ନିଷ୍ପତ୍ତି ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି ।

ଅତୀତରେ ପୁଲିସ ବିଭାଗକୁ ଗାଡି ଯାଞ୍ଚ କ୍ଷମତା ଦେବା ଲାଗି ବହୁବାର ପ୍ରୟାସ କରାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ତାହା ବିଫଳ ହେଇଥିଲା । ବିଗତ ବର୍ଷରେ ଏ ସମ୍ପର୍କିତ ପ୍ରସ୍ତାବକୁ ଖୋଦ୍ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟିଗୁଡିକ ଦ୍ୱାରା ନାପସନ୍ଦ କରାଯାଇଥିଲା । ରାଜ୍ୟରେ ଚଳାଚଳ କରୁଥିବା ମୋଟରଯାନ ଯାଞ୍ଚ ପାଇଁ ପୂର୍ବ ସରକାର "ଓଡ଼ିଶା ମୋଟରଯାନ ପ୍ରବର୍ତ୍ତନ ବିଭାଗ' ନାମରେ ଏକ ପୃଥକ ଶାଖା ସୃଷ୍ଟି କରିଥିଲେ । ଯଦି ପୁଲିସକୁ ଅଧିକ କ୍ଷମତା ନ୍ୟସ୍ତ କରାଯାଏ, ତେବେ ଏହା ହଇରାଣ, ଦୁର୍ନୀତି ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

**ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲା**

## ଆଜି ବ୍ରହ୍ମପୁର ଆସିବ ସିବିଆଇ !

■ **ବ୍ରହ୍ମପୁର, ୧୬।୧୧ (ସମିସ):** ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ସିବିଆଇ ଟିମ୍‌ର ତଦନ୍ତ ଆଗେଇଛି । ସୋମବାର ସିବିଆଇର ଏକ ତଦନ୍ତକାରୀ ଦଳ ବ୍ରହ୍ମପୁର ଆସିବ ବୋଲି ସୂଚନା ମିଳିଛି । ଏଠାରେ ପହଞ୍ଚିବା ପରେ ପୂର୍ବରୁ ମାମଲାର ତଦନ୍ତ କରୁଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବେ । ଦୁର୍ନୀତିରେ ସମ୍ପୃକ୍ତ ଦଲାଲମାନଙ୍କ ରିମାଣ୍ଡ ପାଇଁ ଅଦାଲତରେ ଆବେଦନ କରିବେ ବୋଲି ଜଣାପଡ଼ିଛି । ତଦନ୍ତକାରୀ ଦଳ ଗତ ଶନିବାର ଦିନତମାମ ମାମଲା ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ କରିଥିଲେ । ଆଗାମୀ ଦିନରେ କେଉଁମାନଙ୍କୁ ଜେରା ପାଇଁ ଡକାଯିବ, ତାହାର ଏକ ତାଲିକା ପ୍ରସ୍ତୁତ କରିଥିଲେ । ୭ଜଣ ଦଲାଲଙ୍କୁ ଜେରା କରିବାକୁ ସିବିଆଇ ପୂର୍ବରୁ ଯୋଜନା ରଖିଥିଲା । ବର୍ତ୍ତମାନ ମାମଲାର ତଦନ୍ତ ପ୍ରାରମ୍ଭରୁ କରିବାକୁ ନିଷ୍ପତ୍ତି ନେଇଛି ସିବିଆଇ । କିଛି ଗିରଫ ଚାକିରି ଆଶାୟୀମାନଙ୍କୁ ମଧ୍ୟ ପଚରାଉଚରା କରିବାକୁ ପାଇଁ ଯୋଜନା କରିଛି । ଆଶାୟୀମାନେ ସିଧାସଳଖ କାହାକୁ ଲାଞ୍ଚ ଟଙ୍କା ଦେଇଥିଲେ? କେଉଁ ଦଲାଲ ସହ ସେମାନେ ଡିଲ୍ କରିଥିଲେ? ଏସବୁର ସ୍ପଷ୍ଟ ତଥ୍ୟ ଆଶାୟୀଙ୍କଠାରୁ ସିବିଆଇ ଓଗାଳିବ ବୋଲି ଜଣାଯାଇଛି ।

ସିବିଆଇ ଟିମ୍ ବ୍ରହ୍ମପୁରରେ ପହଞ୍ଚିବା ପରେ ମାମଲାର ଅଭିଯୋଗକାରୀ ଥିବା ଡିଏସ୍‌ପିଙ୍କ ସହ ଆଲୋଚନା କରିବେ । ଆଶାୟୀମାନେ ଯାଉଥିବା ବସ୍‌କୁ ପିଛା କରି ଆନ୍ଧ୍ରପ୍ରଦେଶ ଯାଇଥିବା ପୁଲିସ ଅଧିକାରୀମାନଙ୍କୁ ମଧ୍ୟ ପଚରାଉଚରା କରିପାରେ । ଏହାପରେ ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାର ସିଇଓ ସୁରେଶ ନାୟକ ଓ ପଞ୍ଚସଫ୍ଟ ଟେକ୍ନୋଲୋଜି/ଫ୍ରଣ୍ଟଟେକ୍‌ର ନିର୍ଦ୍ଦେଶକ ତଥା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ଅନ୍ୟତମ କାର୍ପେଟଦାର ମୁନା ମହାନ୍ତି ସହ ମୋଟ ୭ ଜଣଙ୍କୁ ରିମାଣ୍ଡରେ ନେବାକୁ ସିବିଆଇ କୋର୍ଟରେ ଆବେଦନ କରିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

## ଭତ୍ତା ଟଙ୍କା ପାଇଁ ବାପାକୁ ମାରିଦେଲା

■ **କବିସୂର୍ଯ୍ୟନଗର, ୧୬ ।୧୧(ସମିସ):** ଭତ୍ତା ଟଙ୍କା ପାଇଁ ବାପାକୁ ପିଟିପିଟି ମାରିଦେଲା ପୁଅ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କବିସୂର୍ଯ୍ୟନଗର ଥାନା ଏ-ବରିଡ଼ା ଗୋପାଳ ନଗରରେ । ମୃତକ ହେଲେ, ପଦ୍ମନାଭ ସାହୁ (୮୫) । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ପୁଲିସ ପଦ୍ମଙ୍କ ପୁଅ ରମେଶ ସାହୁ (୪୦)କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନାନୁଯାୟୀ, ପଦ୍ମନାଭଙ୍କ ମଝିଆ ପୁଅ ରମେଶ ପ୍ରତିଦିନ ମଦ ପିଇବାକୁ ବାପା-ମା'ଙ୍କୁ ଟଙ୍କା ମାଗିବା ସହ ମାରଧର କରୁଥିଲା । ଶନିବାର ପଦ୍ମନାଭ ବାର୍ଦ୍ଧକ୍ୟ ଭତ୍ତା ପାଇଥିବା ଜାଣି ରମେଶ ତାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲା । କିନ୍ତୁ ସେ ଟଙ୍କା ଦେବାକୁ ମନା କରିବାରୁ ବାପ-ପୁଅଙ୍କ ମଧ୍ୟରେ ବଚସା ▶ପୃଷ୍ଠା-୭

**ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଚମ୍ପଟ ଘଟଣା**

# ଧରାପଡ଼ି ନାହାନ୍ତି ଜେଲ୍ ଡିଆଁ; ୱାର୍ଡରଙ୍କୁ ପୁନଃ ନିଯୁକ୍ତି

■ **ଭୁବନେଶ୍ୱର,୧୫।୧୧(ସମିସ):** ଚୌଦ୍ୱାର ଜେଲ୍‌ରୁ କଏଦୀ ଚମ୍ପଟ ଘଟଣାରେ ସାମ୍ନାକୁ ଆସିଲା ଜେଲ୍ ବିଭାଗର ମିଲି ଭଗତ କାରନାମା । ଜେଲ୍ ଡିଆଁ ହାର୍ଡକୋର୍ ବିହାରୀ କଏଦୀଙ୍କୁ ଗିରଫ କରି ଜେଲ୍‌କୁ ଆଣିବାରେ ପୁଲିସ ଏଯାଏଁ ସଫଳ ହୋଇପାରିନାହିଁ । ହେଲେ ଏହି ଘଟଣାରେ ନିଲମ୍ବିତ ଜେଲ୍ ୱାର୍ଡର କିନ୍ତୁ ଜେଲ୍‌କୁ ଫେରି ଆସିଲେଣି । ନିଲମ୍ବିତ ଜେଲ୍ ୱାର୍ଡର ଭଗତ ଚରଣ ରାମ୍‌ଙ୍କୁ କେନ୍ଦ୍ରାପଡ଼ା ସବ୍‌ଜେଲ୍‌ରେ ୱାର୍ଡର ଭାବେ ନିଯୁକ୍ତି ଦିଆଯାଇଛି । ନିଲମ୍ବନର ମାତ୍ର ୧୫ ଦିନ ମଧ୍ୟରେ ତାଙ୍କୁ ମିଳିଗଲା ପୁନଃନିଯୁକ୍ତି । ତାହା ପୁଣି ଏଭଳି ଏକ ଜେଲ୍‌ରେ ଯେଉଁଠି ତାଙ୍କ ବିରୋଧରେ କେଳେଙ୍କାରୀ ଅଭିଯୋଗ ଆସିଥିଲା । ଏଭଳି ଥଇଥାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଯାଜପୁର ଜିଲ୍ଲାର ପାଣିକୋଇଲି ସୁନା ଦୋକାନୀ ହତ୍ୟା ମାମଲାରେ ଗିରଫ ହୋଇ ବିଚାରାଧୀନ କଏଦୀ ଭାବେ ଦୁଇ ବିହାରୀ ଅଭିଯୁକ୍ତ ରାଜା ସାହାଣୀ ଏବଂ ମଧୁକାନ୍ତ କୁମାର ଚୌଦ୍ୱାର ଜେଲ୍‌ରେ ଥିଲେ । ଏହା ରାଜ୍ୟର ସବୁଠାରୁ ହାଇ ସିକ୍ୟୁରିଟି ଜେଲ୍ ହୋଇଥିଲେ ମଧ୍ୟ ଦୁଇ କଏଦୀ ଜେଲ୍ ପାଚେରି ଡେଇଁ ଚମ୍ପଟ ମାରିଥିଲେ । ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ବିଭାଗୀୟ ମୁଖ୍ୟ ୱାର୍ଡର ଭଗତ ଚରଣ ରାମ୍‌ଙ୍କ ସମେତ ଅନ୍ୟ ଜଣେ ଜେଲ୍ କର୍ମଚାରୀ ଡ୍ୟୁଟି ୱାର୍ଡର ସିଦ୍ଧାନ୍ତ ସାହୁଙ୍କୁ ଗତ ଅକ୍ଟୋବର ୩ ତାରିଖରେ ନିଲମ୍ବନ କରିଥିଲେ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୁନଃ ଅବସ୍ଥାପିତ ହୋଇଥିବା ଚିଫ୍ ୱାର୍ଡର ଭଗତ ପୂର୍ବରୁ ସାଲେପୁର ଓ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବାବେଳେ ତାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଥିଲା । ଚୌଦ୍ୱାର ଜେଲ୍‌ରେ ଥିବାବେଳେ ଶ୍ରୀ ରାମ କେନ୍ଦ୍ରାପଡ଼ା ଜେଲ୍‌କୁ ଯିବା ପାଇଁ ଆଗ୍ରହ ପ୍ରକାଶ କରି ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ଆବେଦନ ଆଧାରରେ ଚୌଦ୍ୱାରା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜେଲ୍ ଅଧିକାରୀଙ୍କ ମତାମତ ଲୋଡ଼ିଥିଲେ । କିନ୍ତୁ ପୂର୍ବରୁ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବା ସମୟରେ ଶ୍ରୀ ରାମ ଏକାଧିକ କେଳେଙ୍କାରୀରେ ସମ୍ପୃକ୍ତ ଥିବା ଦର୍ଶାଇ ଜେଲ୍ ଅଧୀକ୍ଷକ ତାଙ୍କୁ ଏଠାରେ ପୁନଃ ନିଯୁକ୍ତି ▶ପୃଷ୍ଠା-୭

**ମାତ୍ର ୧୫ ଦିନରେ ହଟିଲା ନିଲମ୍ବନ**

**ଯେଉଁଠି କରିଥିଲେ କେଳେଙ୍କାରୀ; ସେଇଠି ପୁଣି ହେଲେ ଥଇଥାନ**



ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ

# 'ଭ୍ରମାତ୍ମକ ଖବର ପ୍ରସାରଣ ସମାଜ ଓ ଗଣତନ୍ତ୍ର ପ୍ରତି ବିପଦ'

ସମ୍ବଲପୁର, ୧୬।୧୧ (ସମିସ)

ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା ପାଇଁ ଗଣମାଧ୍ୟମ ଭଳି ଅନ୍ୟ କୌଣସି ମାଧ୍ୟମ ନାହିଁ। ମୁକ୍ତ ଗଣମାଧ୍ୟମ ସହ ଦାୟିତ୍ୱବାନ୍ ରିପୋର୍ଟିଂ ସଂଶ୍ଳିଷ୍ଟ। ସୂଚନା ଅଧିକାର ସହିତ ସଠିକ୍ ସୂଚନା ଜଡ଼ିତ। ଯଦି ମୁକ୍ତ ଗଣମାଧ୍ୟମ ଏବଂ ଖବରର ବିଶ୍ୱସନୀୟତା ରଖିବାର ଅଛି ତେବେ ବ୍ରେକିଂ ନ୍ୟୁଜ୍ ପଛରେ ନଧାଇଁ ଖବରର ସଠିକତା ଓ ଶାଣିତତାକୁ ବଜାୟ ରଖିବାର ଅଛି। ତେଣୁ ଖବରର ଗୁଣବତ୍ତା ଉପରେ ଧ୍ୟାନ ଦିଆଯିବା ଉଚିତ। ସାମାଜିକ ଗଣମାଧ୍ୟମରେ ଆସୁଥିବା ଖବରର ସଠିକ୍ ବିଶ୍ଳେଷଣ ନକରି ଭ୍ରମାତ୍ମକ ଖବର ପରିବେଷଣ କରାଯାଉଛି। ସମାଜର ବିକାଶରେ ଗଣମାଧ୍ୟମର ଅବଦାନ ରହିଛି। ଭ୍ରମାତ୍ମକ ଖବର ପ୍ରସାରଣ ସମାଜ ବ୍ୟବସ୍ଥା ଏବଂ ଗଣତନ୍ତ୍ରର ପରିପନ୍ଥୀ ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ଅଧ୍ୟାପକ ପ୍ରଫେସର ପ୍ରୟାସ ଡନସନା ମୁଖ୍ୟଅତିଥି ଭାବେ ଯୋଗଦେଇ ମତ ରଖିଛନ୍ତି। ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ପ୍ରେକ୍ଷାଳୟରେ ଆଜି ପୂର୍ବାହ୍ଣରେ ଜିଲ୍ଲାସ୍ତରୀୟ ଜାତୀୟ ଗଣମାଧ୍ୟମ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଉପରେ ଏଥିରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲ୍ଲୁ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଜାତୀୟ ପ୍ରେସ ଦିବସର ଶୁଭେଚ୍ଛା ଜଣାଇଥିଲେ।



ବରିଷ୍ଠ ସାମ୍ବାଦିକ ପ୍ରିୟରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ଭଲ ଜିନିଷ ବି ଅଛି ଖରାପ ଜିନିଷ ବି ଅଛି। ଗତ ୩୦ ରୁ ୪୦ ବର୍ଷ ମଧ୍ୟରେ ଗଣମାଧ୍ୟମର ତିନୋଟି ପର୍ଯ୍ୟାୟ ଆସିଛି। ସ୍ୱାଧୀନତା ସଂଗ୍ରାମବେଳେ ସଂଗ୍ରାମୀମାନେ ଖବରକାଗଜ ବାହାର କରୁଥିଲେ ତାହା ଥିଲା 'ଏଜ୍ ଅଫ୍ ଇନ୍‌ଫର୍ମେସନ୍'। ଏହାପରେ ଆସିଲା 'ବ୍ଲକେଜ୍ ଅଫ୍ ଇନ୍‌ଫର୍ମେସନ'। ଯେତେବେଳେ ସରକାରମାନେ ଚାହିଁଲେ ସେମାନଙ୍କ ବିରୋଧରେ କୌଣସି ଖବର ନ ବାହାରୁ। ଆଜି ଚାଲିଛି 'ଏଜ୍ ଅଫ୍ ମିସ୍-ଇନଫର୍‌ମେସନ୍'। ଆମକୁ ମିଡିଆ ଜରିଆରେ ଭ୍ରମାତ୍ମକ ଖବର (ମିସ୍-ଇନ୍‌ଫର୍‌ମେସନ୍) ଫିଙ୍ଗା ହେଉଛି, ଆଉ ଆମେ ତାକୁ ଯାଞ୍ଚ କରିବା କଷ୍ଟକର ହୋଇପଡୁଛି। ସମସ୍ତେ ଯେହେତୁ ବ୍ରେକିଂ ନ୍ୟୁଜ୍ ଦୌଡ଼ରେ ଅଛନ୍ତି ଯାଞ୍ଚ କରିବା ସମ୍ଭବପର ହେଉନାହିଁ। ଫେସବୁକ୍, ୟୁ-ଟ୍ୟୁବ୍ ଓ ଗୁଗୁଲ୍ ଭଳିଆ ପ୍ଲାଟଫର୍ମ ଜରିଆରେ ଇନ୍‌ଫର୍ମେସନ୍ ବି ମିଳୁଛି ଏବଂ ମିସ୍-ଇନ୍‌ଫର୍‌ମେସନ୍ ବି ମିଳୁଛି। ଆମେ ନିଶ୍ଚିତ କରିବା କଥା କେଉଁ ହିସାବରେ ଖବରକୁ ପ୍ରସାରଣ କରିବା। ପ୍ରେସ୍ ଫ୍ରିଡମ୍ ଇନ୍‌ଡେକ୍ସରେ ସାରା ବିଶ୍ୱର ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୧, ଏହା ଆମର ସ୍ଥିତି ବୋଲି ଶ୍ରୀ ସାହୁ କହିଥିଲେ। ସାମ୍ବାଦିକତାର ମୌଳିକ ନୀତି ହେଉଛି ଜନସାଧାରଣଙ୍କ ପାଖରେ ସତ୍ୟ, ବସ୍ତୁନିଷ୍ଠ ଓ ଉତ୍ତମ ମାନର ଖବର ପହଞ୍ଚାଇବା। ସାମ୍ବାଦିକମାନେ ଯଦି ବାହ୍ୟ ଶକ୍ତି ଦ୍ୱାରା ପ୍ରଭାବିତ ହୋଇ ନିଜ କର୍ତ୍ତବ୍ୟରୁ ବିଚ୍ୟୁତ ହୁଅନ୍ତି ଏବଂ ଭୁଲ ସମ୍ବାଦ ପରିବେଷଣ କରନ୍ତି ତେବେ ରାଷ୍ଟ୍ରର ପ୍ରଗତି ଅସମ୍ଭବ। ପ୍ରତିକୂଳ ପରିସ୍ଥିତିରେ ଜନକଲ୍ୟାଣ ପାଇଁ ସାମ୍ବାଦିକ ସ୍ୱର ଉତ୍ତୋଳନ କରିଥାନ୍ତି। ଯାହାର ସୁଫଳ ପରବର୍ତ୍ତୀ ସମୟରେ ସାମଗ୍ରିକ ଭାବେ ଜନସାଧାରଣ ପାଇଥାନ୍ତି। ତେଣୁ ସତ୍ୟ, ନିରପେକ୍ଷ ଓ ଗଠନମୂଳକ ଖବର ପରିବେଷଣ ସାମ୍ବାଦିକମାନଙ୍କ ଆଭିମୁଖ୍ୟ ହେବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର କହିଥିଲେ, ସାମ୍ବାଦିକତାକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଆଖ୍ୟା ଦିଆଯାଇଛି। ସାମ୍ବାଦିକମାନଙ୍କ ସମାଜ ପ୍ରତି ଅନେକ କର୍ତ୍ତବ୍ୟ ରହିଛି; ତେଣୁ ଜନସାଧାରଣଙ୍କୁ ସଠିକ ତଥ୍ୟ ପ୍ରସାରଣ କରିବା ପୂର୍ବରୁ ନିଜେ ଆତ୍ମସମୀକ୍ଷା କରିବା ଦରକାର। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୁଲ୍ଲୁ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବିରୁପାକ୍ଷ ପ୍ରଧାନ ସଂଯୋଜନା କରିଥିଲେ।

# ସମ୍ବଲପୁର ପ୍ରେସ୍ କ୍ଲବ୍ ତରଫରୁ ଜାତୀୟ ଗଣମାଧ୍ୟମ ଦିବସ

ସମ୍ବଲପୁର, ୧୬।୧୧ (ସମିସ) : ସମ୍ବଲପୁର ପ୍ରେସ୍ କ୍ଲବ୍ ତରଫରୁ ଜାତୀୟ ଗଣମାଧ୍ୟମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତାର ସଂରକ୍ଷଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରେସ୍ କ୍ଲବ୍ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ବକ୍ତାଭାବେ ଯୋଗଦେଇ




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ, ବର୍ତ୍ତମାନ ବିଶ୍ୱ ଏକ ଅସାଧାରଣ ସମୟ ଓ ପରିସ୍ଥିତି ଦେଇ ଗତି କରୁଛି। ଏଭଳି ସ୍ଥିତିରେ ଗଣମାଧ୍ୟମର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସରକାର ତଥା ଶାସନ କ୍ଷମତାରେ ଥିବା ବ୍ୟକ୍ତିବିଶେଷଙ୍କ ଭୁଲଭଟକା ଲୋକଲୋଚନକୁ ଆଣିବା ସହ ଉଚିତ ରାସ୍ତା ଦେଖାଇବା ଗଣମାଧ୍ୟମ ଗୁଡ଼ିକର ମୁଖ୍ୟ ଦାୟିତ୍ୱ। କିନ୍ତୁ ବର୍ତ୍ତମାନ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ସ୍ଥିତି ମଧ୍ୟ ପୂର୍ବଭଳି ନାହିଁ। ସବୁକିଛି ସେମାନଙ୍କ ହାତରେ ରହୁନାହିଁ। ତେଣୁ ଏସବୁ ଭିତରେ ସନ୍ତୁଳନ ରକ୍ଷା କରି ରାଷ୍ଟ୍ର ତଥା ବିଶ୍ୱ ହିତରେ କାର୍ଯ୍ୟ କରିବା ଏକ ବଡ଼ ଆହ୍ୱାନ, ଯାହାର ମିଳିତ ଭାବେ ମୁକାବିଲା କରିବାକୁ ହେବ ବୋଲି ପ୍ରଫେସର ପାଢ଼ୀ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କ୍ଲବ୍ ସମ୍ପାଦକ ଭବାନୀ ଶଂକର ଭୋଇ କହିଥିଲେ, ସାମାଜିକ ଗଣମାଧ୍ୟମର ଯୁଗରେ ଅନିୟନ୍ତ୍ରିତ ସମ୍ବାଦ ପରିବେଷଣ ମଧ୍ୟରେ ମୁଖ୍ୟସ୍ରୋତର ଗଣମାଧ୍ୟମ ପାଇଁ ଏହାର ବିଶ୍ୱସନୀୟତା ବଜାୟ ରଖିବା ସହଜ ହୋଇ ରହିନାହିଁ। ଏହାସତ୍ତ୍ୱେ ଗଣମାଧ୍ୟମ ଉପଯୁକ୍ତ ଢଙ୍ଗରେ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ଅହରହ ପ୍ରୟାସରତ ବୋଲି କହିଥିଲେ। ସଭାପତି ଶ୍ରୀ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଯୁବପିଢ଼ିର କଣ୍ଟେଣ୍ଟ କ୍ରିଏଟର୍ ଓ ୟୁଟ୍ୟୁବର୍‌ମାନଙ୍କୁ ଖବର ପରିବେଷଣବେଳେ ସର୍ବୋଚ୍ଚ ବିଶ୍ୱସନୀୟତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସାମ୍ବାଦିକ ବାଦଶାହ ଜୁସ୍ମନ୍ ରାଣା ଧନ୍ୟବାଦ ଦେଇଥିଲେ। ପ୍ରେସ୍ କ୍ଲବ୍‌ର ପୂର୍ବତନ ସଭାପତି ହେମନ୍ତ ମହାପାତ୍ର, ବିରେନ୍ଦ୍ର ପାଣିଗ୍ରାହୀ, ସଞ୍ଜୟ ଜେନା, ଜ୍ଞାନରଞ୍ଜନ ମିଶ୍ର, ପ୍ରମୋଦ ବହିଦାର, ସତ୍ୟଜିତ ମହାପାତ୍ର, ନରସିଂହ ବରାଡ୍ଡ଼ୀ, ଜ୍ୟୋତିଷ ମହାନ୍ତି, ଜ୍ଞାନବ୍ରତ ଭୋଇ, ରଞ୍ଜନ ସିଂ ଦେଓ, ମନୋରଞ୍ଜନ ପଟ୍ଟନାୟକ, ଶଙ୍କର ବେହେରା, ବିରାଜ ମିଶ୍ର, ଶ୍ରବଣ ପତି, ଅଜୟ ନାଥ, ନରେଶ ସେଠ, ଅମଳେନ୍ଦୁ ନାୟକ, ମାନସ ସାହୁ, ବ୍ୟୋମକେଶ ପଣ୍ଡା, ଦାଶରଥି ବେହେରା, ସବିତା ମିଶ୍ର, ସାଧବ ପ୍ରଧାନ, କୁନ୍ଦୁରୁ ଦାସ, ପ୍ରତାପ କର, ଲଳିତ ଶର୍ମା, ଗୌତମ ମିଶ୍ର, ଅନିଲ ଶ୍ରୀରାମକା, ଗୁଣମଣି ବିଶ୍ୱାଳ, ଟିଟୁନ୍ ସାହୁ, ସମୀର ଷଡ଼ଙ୍ଗୀ, ମଳୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁରର ହୀରାକୁଦ ଡ୍ୟାମ୍ ପାର୍ଶ୍ୱ ଅଞ୍ଚଳରେ ୮ ଫୁଟ୍‌ର ଅଜଗର ଉଦ୍ଧାର

# ଆର୍ଥିକ ସାକ୍ଷରତା ଓ ସଚେତନତା କର୍ମଶାଳା




ସମ୍ବଲପୁର, ୧୬।୧୧ (ସମିସ) : ଜିଲ୍ଲା ପ୍ରଶାସନ ଅଧିନସ୍ଥ ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ସମ୍ବଲପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ମାତୃ ବିହାରଠାରେ ଏକ ଆର୍ଥିକ ସାକ୍ଷରତା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ସହନିର୍ଦ୍ଦେଶକ ନିଳାଞ୍ଚଳ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟବକ୍ତା ଭାବରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଆର୍ଥିକ ସେବା ଉପଦେଷ୍ଟା ଗୋପବନ୍ଧୁ ଜଗଦଲା ଯୋଗଦେଇଥିଲେ। ଶ୍ରୀ ଜଗଦଲା କହିଥିଲେ, ସମାଜରେ ଆର୍ଥିକ ସାକ୍ଷରତା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି। ଏକ ସୁସ୍ଥ ଜୀବନ ପାଇଁ ସଞ୍ଚୟ ପ୍ରତି ଆକୃଷ୍ଟ ହେବା ଜରୁରୀ। ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ନିହାର ରଞ୍ଜନ ପଣ୍ଡା, ଅଧ୍ୟକ୍ଷ ସଞ୍ଜୀବ କୁମାର ଗୁରୁ, ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର, ସହକାରୀ ଶିକ୍ଷକ ଲମ୍ବୋଦର ଜେନା ପ୍ରମୁଖ ସଞ୍ଚୟ ପ୍ରତି ସମସ୍ତେ ସଚେତନ ହେବା ସହ ଜୀବନକୁ ଶୃଙ୍ଖଳିତ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ସଞ୍ଚୟ ଓ ଆର୍ଥିକ ସାକ୍ଷରତା ଉପରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଚାଉଁରପୁରସ୍ଥିତ ସୁମତି ବେହେରା ଉଚ୍ଚ ବିଦ୍ୟାଳୟଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ!

ସମ୍ବଲପୁର, ୧୬।୧୧ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ କଂସର ପଞ୍ଚାୟତ ବୁଢ଼ିଆକଟା ଗାଁର ଜଣେ ବୃଦ୍ଧଙ୍କ ଆଜି ହାତୀ ଆକ୍ରମଣରେ ମୃତ୍ୟୁ ହୋଇଯାଇଛି। ସୂଚନାନୁଯାୟୀ, ବୁଢ଼ିଆକଟା ଗାଁର ରଥି ଛୁରା (୬୨) ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଘରଲୋକେ ତାଙ୍କୁ ଖୋଜିବାକୁ ଯାଇ ତାଙ୍କ ମୃତଦେହ ପାଇଥିଲେ। ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଅନୁମାନ କରି ପରିବାର ଲୋକେ ପୁଲିସ ଓ ବନ ବିଭାଗକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି। ଯୁଯୋମୁରା ଅଞ୍ଚଳରେ ବହୁସଂଖ୍ୟାରେ ହାତୀ ବୁଲୁଥିବାରୁ ବହୁ ସମୟରେ ହାତୀ ଆକ୍ରମଣରେ ଲୋକେ ମୃତାହତ ହେବା ନଜିର ରହିଛି। ଏନେଇ ବନବିଭାଗ ପକ୍ଷରୁ ସମଗ୍ର ଅଞ୍ଚଳରେ ଜଗିବାପାଇଁ ବନ କର୍ମଚାରୀ ଓ ଗଜସାଥୀ ନିୟୋଜିତ କରିବାକୁ ଦାବି ହୋଇଛି।

# ୩୦ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର; ୨ ଗିରଫ

ରେଢ଼ାଖୋଲ, ୧୬।୧୧ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ଛକ ନିକଟରେ ଗୋ-ଚାଲାଣ ହେଉଥିବାବେଳେ ଏକ କଣ୍ଟେନରକୁ ସ୍ଥାନୀୟ ଲୋକେ ଓ ପୁଲିସ ସହାୟତାରେ ଅଟକ ରଖାଯାଇଥିଲା। ଗାଡ଼ିରୁ ୩୦ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଥିଲା। ଗୋ-ଚାଲାଣକାରୀ ବିହାର ରାଜ୍ୟ କଟିହାର ଜିଲ୍ଲା ଥାନା ପ୍ରାଣପୁର ବାବୁପୁର ଗ୍ରାମର ହରି ଯାଦବ(୪୧) ଓ ରାଜ୍ୟ ଉତ୍ତରପ୍ରଦେଶ ଜିଲ୍ଲା ମଥୁରା ଅଞ୍ଚଳର ସଲିମ୍(୬୦) କୁ ରେଢ଼ାଖୋଲ ପୁଲିସ ଗିରଫ କରିଛି। ସୂଚନା ଯୋଗ୍ୟ ଯେ



ବେଗୁନିଆରୁ ଖଡ଼ଗପୁରକୁ ଏକ କଣ୍ଟେନରରେ ଗୋ- ଚାଲାଣ ହେଉଥିବା ଖବରପାଇ ବଜରଙ୍ଗଦଳର କାର୍ଯ୍ୟକର୍ତ୍ତାମାନେ ବଇଣ୍ଡାରୁ ଗାଡ଼ିକୁ ଧରିବା ପାଇଁ ପିଛା କରିଥିଲେ। ଶେଷରେ ରେଢ଼ାଖୋଲ ପୁଲିସ ସହାୟତା ଏବଂ ସ୍ଥାନୀୟ ଲୋକେ ମିଶି ଗାଡ଼ିକୁ ଅଟକାଇ ଥିଲେ। ଅଭିଯୁକ୍ତ ଚାଲାଣକାରୀଙ୍କୁ ଧରିଥିବା ବେଳେ ଗାଡି ଭିତରେ ଦୟନୀୟ ଭାବରେ ବନ୍ଧାଥିବା ୩୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରି ବୈଷ୍ଣବଝୁଲି ସ୍ଥିତ ଗୋଶାଳାରେ ଜିମା ଦେଇଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ସୂଚନା ଦେଇଛନ୍ତି।

# ମହୁଲପାଲି ଓ ଫୁଲଝରନରେ ଶୀତବସ୍ତ୍ର ବଣ୍ଟନ

ସମ୍ବଲପୁର, ୧୬।୧୧ (ସମିସ) : ସାମାଜିକ କର୍ମୀ ସ୍ୱର୍ଗତ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଜନ୍ମ ଶତବାର୍ଷିକୀ ମିଳିତ ସମିତି ଆନୁକୂଲ୍ୟରେ ମହୁଲପାଲି ତଥା ଫୁଲଝରନଠାରେ ବୃଦ୍ଧାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସମାଜସେବୀ କୁଳଧର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ସମାଜସେବୀ ପ୍ରଶାନ୍ତ ପାଢ଼ୀ ମୁଖ୍ୟଅତିଥି ରୂପେ ଉପସ୍ଥିତ ରହି ଶୀତବସ୍ତ୍ର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସଦସ୍ୟ ଯଦୁମଣି କୁମ୍ଭାର, କ୍ଷୀରୋଦ ଓଝା, ପ୍ରଫୁଲ୍ଲ ପଣ୍ଡା, ଦୀପକ ବିଶ୍ୱାଳ, ଲଳିତ ରହଣା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଚାଲୁରହିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।




# ସହିଦ ମଧୁ ଗଡ଼ତିଆଙ୍କ ସ୍ମରଣେ

ଆଜି ନଭେମ୍ବର ମାସ ୧୭ ତାରିଖ। ଏହିପରି ଏକ ସମୟ ୧୮୫୭ ମସିହାରେ। ଐତିହାସିକ ସିପାହୀ ବିଦ୍ରୋହ ଚାଲିଥାଏ ସାରା ଦେଶରେ। ସମ୍ବଲପୁରରେ ଏହି ଆନ୍ଦୋଳନର ନେତୃତ୍ୱ ନେଉଥାନ୍ତି ବୀର ସୁରେନ୍ଦ୍ର ସାଏ। ସ୍ୱାଧୀନତା ସେନାଙ୍କ ସହ ଇଂରେଜ ସେନାର ଲଢ଼େଇ, ଲକ୍ଷ୍ୟ ସିପାହୀ ବିଦ୍ରୋହକୁ ଦମନ କରିବା। ସମ୍ବଲପୁରରେ ଏହି ଆନ୍ଦୋଳନ ଉଗ୍ର ରୂପ ନେଇଥାଏ। ଅନେକ ସଂଖ୍ୟାରେ ଇଂରେଜ ସେନା ମରୁଥାନ୍ତି, ଆହତ ବି ହେଉଥାନ୍ତି। ସେମାନଙ୍କ ଚିକିତ୍ସା ପାଇଁ ଗୋରା ସରକାର କଟକରୁ ଡାକ୍ତର ମୁର ଓ ତାଙ୍କ ସହଯୋଗୀ ହେଁନସନଙ୍କୁ ସମ୍ବଲପୁର ପଠେଇବାର ବ୍ୟବସ୍ଥାରେ ଥାନ୍ତି। କିନ୍ତୁ ଗଡ଼ଲୋଇସିଂ, ଯୁଯୋମୁରା ଜମିଦାର ସଂଗ୍ରାମୀ ବୀର ମଧୁ ଗଡ଼ତିଆଙ୍କ ଭୟରେ ଯୁଯୋମୁରା ଦେଇ ଯିବା ସାହସ ନ ଥାଏ। ଶେଷରେ ଲୁଚି ଛପି ରାମପୁର (ରେଢ଼ାଖୋଲ) ରାଜାଙ୍କ ସହାୟତାରେ ଦୁଇଟି ପାଲିଙ୍କିରେ ଛଦ୍ମବେଶରେ ଯିବା ଖବର ମଧୁ ଜାଣିପାରି କିଛି ସାଥୀଙ୍କ ସହ ଏକ ଶୀତୁଆ ସକାଳ ପହରରେ ଯୁଯୋମୁରା ସମ୍ବଲପୁର କଟକ ରାସ୍ତା ଉପରେ ପଲଟନଡେରା ନିକଟରେ ଆକ୍ରମଣ କଲେ। ଡାକ୍ତର ମୁରଙ୍କୁ, ଗୋଟିଏ ଛୋଟ ଫାର୍ସାରେ ସେହି ପାଲିଙ୍କିରେ ହିଁ ହତ୍ୟା କଲେ, କିନ୍ତୁ ଆହତ ହୋଇ ହେଁନସନ ଜୀବନ ବିକଳରେ ଜଙ୍ଗଲରେ ଲୁଚିଗଲେ।

### ଶୌର୍ଯ୍ୟ ଦିବସ ପାଳନ ଅବସରରେ

ଖବର ପାଇ ସମ୍ବଲପୁରରେ ଇଂରେଜ ସରକାରର ନିଦ ହଜିଗଲା। ମଧୁଙ୍କୁ ଜୀବିତ ବା ମୃତ ଧରିବାକୁ ଆଦେଶ ଦେଲେ। ମାତ୍ର ସିଂହ ଛୁଆକୁ ଧରିବ କିଏ। ସୁରେନ୍ଦ୍ର ସାଏଙ୍କ ନିର୍ଦ୍ଦେଶକ୍ରମେ ମଧୁ ଆତ୍ମଗୋପନ କଲେ। ଇଂରେଜ ସରକାର ତାଙ୍କ ଟେର ଭି ପାଇଲେନି। ତାପରେ ଆରମ୍ଭ ହେଲା ଷଡ଼ଯନ୍ତ୍ର। ରାମପୁର ରାଜା ଓ ମଧୁ ଗଡ଼ତିଆ ଥିଲେ ପରମ ମିତ୍ର। ଏହି ସୁଯୋଗ ନେଇ ଇଂରେଜ ସରକାର ରାମପୁର ରାଜାଙ୍କୁ ଅର୍ଥ ଓ କ୍ଷମତାର ଲୋଭ ଦେଖାଇ ମଧୁ ଗଡ଼ତିଆଙ୍କୁ କୌଶଳକ୍ରମେ ବନ୍ଦୀ କରିବାର ଯୋଜନା କଲେ। ରେଢ଼ାଖୋଲ ରାଜା ମିତ୍ରଭାବରେ ମଧୁଙ୍କୁ ନିଜ ରାମପୁରଗଡ଼ (ରେଢ଼ାଖୋଲ) ରାଜଦରବାରକୁ ନିମନ୍ତ୍ରଣ ହେଲା। ନିଷ୍କପଟ ସରଳ ମଧୁ ମିତ୍ରଙ୍କ ନିମନ୍ତ୍ରଣ ରକ୍ଷାକରି ରେଢ଼ାଖୋଲ ଗଲେ, ମାତ୍ର ମିତ୍ରଦ୍ରୋହୀ ରାଜା ମଧୁଙ୍କୁ ସେଠାରେ ତୁରନ୍ତ ଗିରଫ କଲେ। ଏକଥା ପ୍ରଚାର ହେବାପରେ ରେଢ଼ାଖୋଲ ରାଜାଙ୍କ ବିରୁଦ୍ଧରେ ଲୋକେ ତୀବ୍ର ପ୍ରତିକ୍ରିୟା ରଖିଲେ। ଲୋକଙ୍କ ବିରୋଧ ଯୋଗୁଁ ବିଚାର ପାଇଁ ମଧୁଙ୍କୁ ସମ୍ବଲପୁର ନେବାର ସାହସ ଜୁଟେଇ ନପାରି ଇଂରେଜ ସରକାର ରାତିଅଧରେ ମଧୁଙ୍କୁ ନେଇ ନାକଟିଦେଉଳର ଟିକିରା ନଦୀ କୂଳରେ ଏକ ଘଞ୍ଚ ଜଙ୍ଗଲ ଭିତରେ ବିନା କୌଣସି ବିଚାରରେ ଫାଶି ଦେଲେ। ଏବେ ବି ସେ ଜାଗାକୁ ମଧୁବନ କୁହାଯାଏ। ଏକ ଯୁଗର ଅବସାନ ହେଲା, ଗୋରା ସରକାର ଶାନ୍ତିରେ ନିଶ୍ୱାସ ନେଲେ, ଲୋକେ ଘଟଣାକୁ ଛି-ଛାକର କଲେ। ମାତ୍ର ପରିତାପର ବିଷୟ ଏତେ ବଡ଼ ସ୍ୱାଧୀନତା ସହିଦ ସେନା କିନ୍ତୁ ଇତିହାସ ପୃଷ୍ଠାରେ ସ୍ଥାନ ପାଇପାରିଲେ ନାହିଁ। ଏକମାତ୍ର କାରଣ ଉପାନ୍ତ ଘନ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏକ ଅନାମଧେୟ ଗଡ଼ଲୋଇସିଂଠାରେ ତାଙ୍କ ଆବିର୍ଭାବ ହେବା।

ମଧୁ ଦେଶମାତୃକା ପାଇଁ ସହିଦ ହେଲେ ସତ; କିନ୍ତୁ ଏ ଜାତି ତାଙ୍କୁ ଭୁଲିଗଲା। ବୀର ମଧୁ ଗଡ଼ତିଆ କିନ୍ତୁ ପାଉଁଶ ତଳର ନିଆଁ ପରି। ଯୁଯୋମୁରା ଅଞ୍ଚଳବାସୀ ବିଳମ୍ବରେ ହେଲେ ବି ତାଙ୍କ ପ୍ରିୟ ସହିଦଙ୍କୁ ମନେପକେଇ ତାଙ୍କ ସ୍ମୃତିରକ୍ଷା ପାଇଁ ପ୍ରଥମେ ଯୁଯୋମୁରା କଲେଜ ପରିସରରେ ମଧୁ ଗଡ଼ତିଆ ସ୍ମୃତି କମିଟି ତରଫରୁ ୨୦୧୬ ମସିହାରେ ଏକ ଭବ୍ୟ ସ୍ମୃତିସ୍ତମ୍ଭ ଓ ପରେ ପରେ ୨୦୨୪ ମସିହାରେ ସ୍ଥାନୀୟ ଗ୍ରାମୀଣ ପାର୍କଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହାତରେ ସହିଦଙ୍କ ଏକ ପୂର୍ଣ୍ଣାଙ୍ଗ ମୂର୍ତ୍ତି ସ୍ଥାପନ ତଥା ତାଙ୍କ ଜୀବନୀ ଉପରରେ ଏକ ପୁସ୍ତକ ଉନ୍ମୋଚନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଏହାଦ୍ୱାରା ଆଗାମୀପିଢ଼ି ମଧୁଙ୍କୁ ଜାଣିବେ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ। ସହିଦଙ୍କ ଜନ୍ମତିଥି ଉପରେ କିଛି ସଠିକ ସୂଚନା ନ ମିଳିବା ପରିପ୍ରେକ୍ଷୀରେ ଯେଉଁଦିନ ସେ ଡାକ୍ତର ମୁରଙ୍କୁ ହତ୍ୟା କରିଥିଲେ, ସେହିଦିନ ନଭେମ୍ବର ୧୭କୁ ମଧୁ ଗଡ଼ତିଆ ସ୍ମୃତି କମିଟି ତରଫରୁ ଶୌର୍ଯ୍ୟଦିବସ ଭାବେ ପାଳନ ହୋଇଆସୁଛି। ସ୍ଥାନୀୟ ହକି ପଡ଼ିଆ ଓ ଗ୍ରାମୀଣ ପାର୍କକୁ ସହିଦ ମଧୁ ଗଡ଼ତିଆଙ୍କ ନାମରେ ନାମିତ କଲେ ତାହା ହେବ ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

**ରାଜେନ୍ଦ୍ର ପଣ୍ଡା**
**ସହିଦ ମଧୁ ଗଡ଼ତିଆ ସ୍ମୃତି କମିଟି,**
**ଯୁଯୋମୁରା, ସମ୍ବଲପୁର**

ସମ୍ବଲପୁର ମହୋତ୍ସବ

# କର୍ମଶାଳା ଓ କବିତା ପାଠୋତ୍ସବ ସହ ସାଂସ୍କୃତିକ କାର୍ଯ୍ୟକ୍ରମ

ସମ୍ବଲପୁର, ୧୬।୧୧ (ସମିସ)

ସମ୍ବଲପୁର ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ସମ୍ବଲପୁର ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ ଅନୁଷ୍ଠାନର ମୁଖ୍ୟ ମଞ୍ଚରେ ଆୟୋଜିତ ହୋଇଯାଇଛି। କର୍ମଶାଳା ଓ କବିତା ପାଠୋତ୍ସବ କମିଟିର ଆବାହକ ମାନସ କୁମାର ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ପ୍ରାରମ୍ଭରୁ ସମ୍ବଲପୁର ମହୋତ୍ସବର ସଂଯୋଜକ ଡ. ସପନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ଗୋପୀନାଥ ବାଗ, ସମ୍ମାନିତ ଅତିଥି ରୂପେ ଡକ୍ଟର ପ୍ରଦୀପ ନାଥ, କବି ଅଶୋକ ପୂଜାହାରୀ, ନାଟ୍ୟକାର ରାଜେଶ କାରିଆ ଏବଂ ଅନୁଷ୍ଠାନ ତରଫରୁ ଶିକ୍ଷାବିତ୍ ଭକ୍ତ ପ୍ରାସାଦ ନନ୍ଦ, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ସାଧକଶ୍ରୀ ସଦାନନ୍ଦ ପଣ୍ଡା ମଞ୍ଚାସୀନ ଥିଲେ। କବିତା ପାଠୋତ୍ସବକୁ କବୟିତ୍ରୀ ଅନୁପମା ବିଶ୍ୱାଳ, କବି ଫିରୋଜ ପଟେଲ, ଅଧ୍ୟାପକ ତୁଷାର ରଞ୍ଜନ ବାରିକ, କବି ତରଣିସେନ ମେହେର ସଂଯୋଜନା କରିଥିଲେ। ଏହି ବିଶାଳ କବି ସମ୍ମିଳନୀର ସଫଳ ରୂପାୟନ ପାଇଁ କମିଟିର ସହ ଆବାହକ ପ୍ରବୀଣ ସୂପକାର, ରାଜେଶ ଚଇନି ଓ ଜୟଶ୍ରୀ ପୁରୋହିତ ବିଶେଷ ସହଯୋଗ କରିଥିଲେ। ଏଥିରେ ସମଗ୍ର ପଶ୍ଚିମ ଓଡ଼ିଶାର ପ୍ରାୟତଃ ସବୁ ଜିଲ୍ଲାରୁ ଶତାଧିକ କବି ଲେଖକ ଯୋଗଦେଇଥିଲେ।

ଆଜି ସନ୍ଧ୍ୟାରେ ଅଦ୍ୱେତା ମିଶ୍ରଙ୍କ ସେମେଲ ତଳେ ମହାନଦୀର୍ ଖଁଡ଼ି ଗୀତରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ଲଳିତା ମିଶ୍ର, ସୌମ୍ୟଜିତ ବଡ଼ପଣ୍ଡା, ଅରୁଣ ରାଜହଂସ, ସ୍ୱାଗତିକା ପଣ୍ଡା, ରିଙ୍କୁ ମେହେର, ସୁମନ ମେହେର, ମଣ୍ଟୁ ମହାକୁର ପ୍ରମୁଖ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ଏସ୍‌ପି ଫେଶନ ଗ୍ରୁପ୍ ଦ୍ୱାରା ରାମ୍ପ ଶୋ ଆୟୋଜନ କରାଯାଇଥିଲା। ଏହାପରେ ଶାଶ୍ୱତ ତ୍ରିପାଠୀ ଓ ଦଳ ମ୍ୟୁଜିକ୍ ପରିବେଷଣ କରିଥିଲେ। ବିଭିନ୍ନ ନୃତ୍ୟ ଦଳ ଦ୍ୱାରା ଝୁମର, ପଞ୍ଚରସୀ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା।







ଗତକାଲି ସନ୍ଧ୍ୟାରେ ବୀର ବିର୍ସା ମୁଣ୍ଡା ମଇଦାନରେ ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବଲପୁର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଛତିଶଗଡ଼ର ପ୍ରସିଦ୍ଧ ସୁଫି ଗାୟକ ପଦ୍ମଶ୍ରୀ ଡଃ ଭାରତୀ ବନ୍ଧୁ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଂଯୋଜକ ଡ. ସପନ ମିଶ୍ର, ସାଦକ୍‌ଶ୍ରୀ ସଦାନନ୍ଦ ପଣ୍ଡା, ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର, ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଜୁହାର୍ ମା' ସମଲେଶ୍ୱରୀ ଗୀତକୁ ହମିଦ ରେହମାନ ଗାଇଥିଲେ। ଏହାପରେ କଣ୍ଠଶିଳ୍ପୀ କାମିନୀ ବରେଇ, ନିର୍ମଳ ଚାନ୍ଦ, କାମିନୀ ଦାଶ, ଭାରତ ସାହୁ, ଶୁଭଲକ୍ଷ୍ମୀ ବେହେରା, ଆଶାରାଣୀ ପଣ୍ଡା, ଅଜୟ କୁମାର ନାଥ ପ୍ରମୁଖ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ଏହାପରେ ସୁଫି ସଙ୍ଗୀତ ପରିବେଷଣ କରିଥିଲେ ପଦ୍ମଶ୍ରୀ ଡ. ଭାରତୀ ବନ୍ଧୁ। ବିଭିନ୍ନ ନୃତ୍ୟ ଦଳ ଦ୍ୱାରା ବଜନିଆ, ପଞ୍ଚରସୀ, ଚୁଟ୍‌କୁଚୁଟା ନୃତ୍ୟ ପରିବେଷଣ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ସ୍ପୋର୍ଟିଙ୍ଗ ୟୁନିଅନ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର, ୧୬।୧୧ (ସମିସ): ସ୍ପୋର୍ଟିଙ୍ଗ ୟୁନିଅନ କ୍ଲବ, ଗୋବିନ୍ଦତୋଲା ଆନୁକୂଲ୍ୟରେ ତୃତୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଭିମସାର ବୁର୍ଲାର ସହକାରୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀ ମୁଖ୍ୟଅତିଥି, ହିଣ୍ଡାଲକୋର ସିଏସ୍‌ଆର୍ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ମୁଖ୍ୟବକ୍ତା ଏବଂ ଡିଏଏ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ରଶ୍ମିତା ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ପୋର୍ଟିଙ୍ଗ ୟୁନିଅନ ସଭାପତି ବିକାଶ କେଶର ମିଶ୍ର, ସମ୍ପାଦକ ସଞ୍ଜିବ କୁମାର ନାୟକ, ପ୍ରଦୀପ ପାଢ଼ୀ, ସଞ୍ଜିବ ପ୍ରସାଦ, ସଞ୍ଜୟ କୁମାର ମେହେର, ଜଗଦୀଶ ବେହେରା, ପବନ ଶର୍ମା, ନବଜାତ ପ୍ରଧାନ, ଅଭିରାମ ପ୍ରଧାନ, ଲକ୍ଷ୍ମଣ ପାଣିଗ୍ରାହୀ, ଅଜୟ ସାହୁ, ଅନିଲ ମିଶ୍ର, ବ୍ରହ୍ମାନନ୍ଦ ମିଶ୍ର, ସମୀର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ମୋଟ ୭୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହାକୁ ଭିମସାର ବୁର୍ଲା ରକ୍ତଭଣ୍ଡାରର ଟିମ୍ ଡା. ଜ୍ୟୋତିରାଦିତ୍ୟ ପଟ୍ଟନାୟକ, କରୁଣାକର ସାମଲ, ମଣ୍ଟୁ ପ୍ରଧାନ, ଜନକ ବେହେରା, ଗଣେଶ ପ୍ରଧାନ, ବିନୋଦ ବେହେରା, ଅଗ୍ନି ମହାନନ୍ଦ ପରିଚାଳନା କରିଥିଲେ।



# ବିଜ୍ଞାନ, ହସ୍ତକଳା, କାରିଗରୀ ପ୍ରଦର୍ଶନୀ ଉଦ୍‌ଘାଟିତ

**ଭଟଲି, ୧୬।୧୧(ସମିସ):** ସାମ୍ପ୍ରତିକ ପରିସ୍ଥିତିରେ ସମାଜ ତିଷ୍ଠି ରହିବା ପାଇଁ ବିଜ୍ଞାନର ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ଶୈଶବାବସ୍ଥାରୁ ହିଁ ବୈଜ୍ଞାନିକ ଚିନ୍ତାଧାରାକୁ ଜାଗ୍ରତ କରିବା ଦରକାର। ପ୍ରାଥମିକ ସ୍ତରରୁ ଶିଶୁମାନଙ୍କୁ ମାନସିକ ସ୍ତରରେ ବିଜ୍ଞାନ ପ୍ରତି ଆକର୍ଷିତ କରାଇଲେ ସେମାନେ ଭବିଷ୍ୟତରେ ଏକ ଉନ୍ନତ ସମାଜ ଗଠନରେ




ସହାୟକ ହୋଇପାରିବେ ବୋଲି ବରଗଡ଼ ଜିଲ୍ଲା ଭଟଲି ନିବେଦିତା ପବ୍ଲିକ୍ ସ୍କୁଲ ସୁକୁଡା କ୍ୟାମ୍ପସରେ ଅନୁଷ୍ଠିତ ବିଜ୍ଞାନ ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ମତ ପ୍ରକାଶ ପାଇଛି। ଏହି ଦ୍ୱିଦିବସୀୟ ଉତ୍ସବରେ ସ୍କୁଲ ଅଧ୍ୟକ୍ଷ ବିରେନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଭଟଲି ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସୌରୀଚରଣ ବାରିକ ମୁଖ୍ୟ ଅତିଥି ଏବଂ ନାଟ୍ୟ ନିର୍ଦ୍ଦେଶକ ନରେନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ନିର୍ଦ୍ଦେଶକ ସଞ୍ଜୟ ପଧାନ, ସମ୍ପାଦକ ବିରୁପାକ୍ଷ ପଧାନ ଓ ପ୍ରିୟଦତ୍ତ ପଣ୍ଡାଙ୍କ ସମେତ ସ୍କୁଲ ପରିଚାଳନା କମିଟିର ମାଧବ ପ୍ରସାଦ ସାହୁ, ମହମ୍ମଦ ଇଲିୟାସ୍ ପ୍ରମୁଖ ଉପସ୍ଥିତ ଥିଲେ। ବଡମାଳ ଉଚ୍ଚ ବିଦ୍ୟାଳୟରୁ ପଦ୍ମିନୀ ବିଶ୍ୱାଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ମାଧବ ମେହେର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଅନୁସୂୟା ଭୋଇ, ପୂର୍ବୀ ସାହୁ, ସୁକୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜ୍ୟୋସ୍ନାରାଣୀ ନାଏକ, ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟରୁ ତନୟା ଭୁଏ, କୁଶନପୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଚିତ୍ତରଞ୍ଜନ ଭୋଇ ଏବଂ ଡାକ୍ତରୀ ଛାତ୍ର ଶିଭମ୍ ନାଏକ ପ୍ରମୁଖ ବିଚାରକ ଭାବେ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୫୦ଟି ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ୩୦୦ଟି କଳା ଓ ୧୫୦ଟି କାରିଗରୀ ସ୍ଥାନ ପାଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କ ହାତ ତିଆରି ବ୍ୟଞ୍ଜନ ମେଳା ପ୍ରଦର୍ଶିତ ହୋଇଥିଲା। ସ୍କୁଲର ଶିକ୍ଷକ ସୂର୍ଯ୍ୟପ୍ରକାଶ ଭୋଇ, ଭୀଷ୍ମଦେବ ରଥ ଏବଂ ମୋନାଲିସା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରତିଶ୍ରୁତି ପରେ ଭାଙ୍ଗିଲା ଅନଶନ

**ବରପାଲି, ୧୬।୧୧(ସମିସ)**

ବରପାଲି ଜଗନ୍ନାଥ ନଗର ଦୁର୍ଗା ପୂଜା କମିଟି ଏବଂ ଅଞ୍ଚଳବାସୀଙ୍କ ୬ ଦଫା ଦାବି ନେଇ ଆମରଣ ଅନଶନ ହୋଇଯାଇଛି। ସମସ୍ୟା ସମାଧାନ ପାଇଁ ପ୍ରଶାସନର ନିର୍ଭର ପ୍ରତିଶ୍ରୁତି ମିଳିବା ଏବଂ ଧାରଣା ଦେବାର ୨୯ ଘଣ୍ଟା ପରେ ଅନଶନ ଭାଙ୍ଗିଛି। ରବିବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ସର୍ଭିସ ରୋଡ଼ ପିଚୁରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ଆନ୍ଦୋଳନକାରୀ ମାନେ ଅନଶନରୁ ଓହରିଥିଲେ। ଜଗନ୍ନାଥ ନଗର ଦୁର୍ଗାପୂଜା କମିଟି ସଭାପତି ତଥା ବରଗଡ଼ ଜିଲ୍ଲା ବିଜୁ ଯୁବ ଜନତା ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସମେତ ଅନ୍ୟ ଅନଶନକାରୀ ତଥା ଅଞ୍ଚଳବାସୀଙ୍କ ସହ ପ୍ରଶାସନିକ ଅଧିକାରୀ ଧାରଣା ସ୍ଥଳକୁ ଯାଇ ବୁଝାସୁଝା କରିଥିଲେ। ପରେ ୬ ଦଫା ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରସ ପ୍ରଦାନ ମାଧ୍ୟମରେ ଅନଶନ ଭଙ୍ଗ ହୋଇଥିଲା।

ପ୍ରଶାସନିକ ପ୍ରତିଶ୍ରୁତି ହିସାବରେ ସଡ଼କ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ଗାନ୍ଧୀ ଛକ ଏବଂ ବଲିକ୍ରିା ଛକରେ ପ୍ରଥମ ପର୍ଯ୍ୟାୟରେ ପୁଲିସ ମୁତୟନ କରାଯିବ। ବରପାଲି ପାର୍ଶ୍ୱକୁ ପ୍ରବେଶ କରୁଥିବା ଭାରୀଯାନ ଗୁଡିକୁ ଅନ୍ୟରାସ୍ତାକୁ ପ୍ରେରଣ କରାଯିବ। ମଙ୍ଗଳବାର ଦିନଠୁ ଜିଲ୍ଲା ସ୍ତରୀୟ ପ୍ରଶାସନିକ ଅଧିକାରୀ ମାନଙ୍କର ବୈଠକରେ, ଉପ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ରାସ୍ତାର ଉଭୟ ପାର୍ଶ୍ୱରେ ଲାଇଟ୍, ଡ୍ରେନ ସୁବିଧା ଏବଂ ପିଏଚ୍‌ଡି ବିଭାଗ ତରଫରୁ ପାନୀୟ ଜଳ ସୁବିଧା ଆସନ୍ତା ୧୫ ଦିନ ଭିତରେ କାର୍ଯ୍ୟକାରୀ ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ଏପ୍ରିଲ, ମଇ ମାସ ସୁଦ୍ଧା




ରେଲୱେ ଓଭରବ୍ରିଜର ନିର୍ମାଣ କାର୍ଯ୍ୟ ସମାପ୍ତ କରାଯିବ ବୋଲି ପୂର୍ତ୍ତ ବିଭାଗ ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। ଜମି ଅଧିଗ୍ରହଣ ନିମନ୍ତେ ବକେୟା ଥିବା ୩ ଟି ଘର ନେଇ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଇଶ୍ୱର ନାଗ, ବିଜୁ ଜନତା ଦଳର ନେତା ସୁବ୍ରତ ସିଂ, ଗୌରହରି ମିଶ୍ର, ଟିକେତ ମହନ୍ତମ, ମହେନ୍ଦ୍ର ମେହେର, ଦୀଲିପ ପଧାନ, ମଧୁ ପଧାନ, ହିମାଞ୍ଚଳ ସାହୁ, ତରଣି ଦେବତା, ମାନସ ବଢ଼େଇ, ଅଧିକାରୀ ଭୋଇ, ରୋହିତ ମହାରଣା, କୈଳାସ ମେହେର, ହରିଶ ଅଗ୍ରୱାଲ, ବିଶ୍ୱ ମେହେର, ଡ୍ରାଇଭର ସଂଘ ସଭାପତି ରାଜିନ ଲୁହା, ଅଟୋ ଚାଳକ ସଂଘର ଦେବାନନ୍ଦ ବେହେରା ଏବଂ ବରପାଲି ବ୍ଲକ ସରପଞ୍ଚ, ସମିତି ଏବଂ ଏନଏସି କାଉନସିଲର ମାନେ ତଥା ଜଗନ୍ନାଥ ନଗର ଦୁର୍ଗା ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ। ତେବେ ପ୍ରତିଶ୍ରୁତି ପୂରଣ ନ ହେଲେ ନିକଟ ଭବିଷ୍ୟତରେ ଆନ୍ଦୋଳନ ଆହୁରି ତୀବ୍ର ରୂପ ନେବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରବିବାର ପ୍ରକାଶିତ ସକାଳ ଖବରକାଗଜର ପ୍ରଭାବ ଏବଂ ରୀଙ୍କୁ ଜଗଦଳାଙ୍କ ସିଏମଓଙ୍କୁ ଟୁଇଟ ଧନ୍ୟବାଦର ପାତ୍ର ସାଜିଥିଲା।

# ରାଜସ୍ୱ ଅଧିକାରୀଙ୍କ କର୍ମଶାଳା ଉଦ୍‌ଯାପିତ

**ସମ୍ବଲପୁର, ୧୬।୧୧ (ସମିସ) :** ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ରାଜସ୍ୱ ଅଧିକାରୀଙ୍କ ଦୁଇଦିନିଆ କର୍ମଶାଳା ଆଜି ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ରାଜସ୍ୱ ବିଭାଗ ହେଉଛି ରାଜ୍ୟ ସରକାରଙ୍କ ମେରୁଦଣ୍ଡ ବିଭାଗ। ମେରୁଦଣ୍ଡ ଯଦି ଠିକ ହେଲା କ୍ରିୟାଶୀଳ ଭାବେ କାର୍ଯ୍ୟ ହେଲା, ତେବେ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ଠିକ ଭାବେ କାମ କରିବ। ତେଣୁ ଏହା ଆମର ବିଭାଗର ଦାୟିତ୍ୱବୋଧ ଆମେ କିପରି ଜନସାଧାରଣଙ୍କ ପାଖେ ସୁବିଧାଜନକ ସେବା ପହଞ୍ଚାଇପାରିବା। ଜନସାଧାରଣଙ୍କ ସମସ୍ୟାଗୁଡ଼ିକର ତୃଣମୂଳସ୍ତରର ମୂଳ କାରଣ ଖୋଜି ବାହାର କରି ତାହାର ଦୀର୍ଘସ୍ଥାୟୀ ସମାଧାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଉତ୍ତରାଞ୍ଚଳ ଆର୍‌ଡିସି ଅନ୍ତର୍ଗତ ୧୨ଟି ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ରାଜସ୍ୱ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଆଜି କର୍ମଶାଳାର ଦ୍ୱିତୀୟ ଦିବସରେ ଅନୁଗୋଳ ଜିଲ୍ଲାପାଳ ଅବଦ୍ଦଲ ଏମ୍ ଅଖତାର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ ସୁରଞ୍ଜନ ପ୍ରଧାନ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ବନ୍ଦୋବସ୍ତରେ ନ୍ୟାୟସଙ୍ଗତ କ୍ଷତିପୂରଣ ଏବଂ ସ୍ୱଚ୍ଛତାର ଅଧିକାର (ଆର୍‌ଏଫ୍‌ସିଟିଏଲ୍‌ଏଆର୍ ଆଣ୍ଡ ଆର୍) ଆଇନ- ୨୦୧୩, ଏନ୍‌ଏଚ୍ ଆଇନ, ଭୂମି ଅଧିଗ୍ରହଣ ପାଇଁ ସ୍ୱତନ୍ତ୍ର ରେଳ ଆଇନ ଏବଂ ସିବି ଆଇନ ବିଷୟରେ ଆଲୋଚନା କରିଥିଲେ। ରିଆମାଳର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦତ୍ୟ ପଣ୍ଡା ଭୂମି ଅଧିଗ୍ରହଣର କାର୍ଯ୍ୟକ୍ଷମ ପ୍ରସଙ୍ଗ ଏବଂ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଭୂମିକା ବିଷୟରେ କହିଥିଲେ। ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେସନ ପି. ଅନନ୍ୱେଶା ରେଡ୍ଡି ସଂଯୁକ୍ତ ସମ୍ପତ୍ତି ପଞ୍ଜୀକରଣ ସମ୍ପର୍କିତ ଭାରତୀୟ ପଞ୍ଜୀକରଣ ଆଇନ ଏବଂ ସମ୍ପତ୍ତି ହସ୍ତାନ୍ତର ଆଇନ ଓ ଅଂଶୀୟ ଭୂମି ପଞ୍ଜୀକରଣ ସମ୍ବନ୍ଧୀୟ ବିଷୟ ଉପରେ ସାମ୍ପ୍ରତିକ ସରକାରୀ ନିର୍ଦ୍ଦେଶାବଳୀ ଏବଂ ଏନ୍‌ଆର୍‌ସିସିଜେର ନିର୍ଦ୍ଦେଶକ ୱାଇ ଗିରି ରାଓ, କେଉଁଝରର ବନ ବିଭାଗ ଅଧିକାରୀ ଧନରାଜ ଏଚ୍.ଡି., ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ ଜମି ଅଧିଗ୍ରହଣ ପାଇଁ ଜଙ୍ଗଲ ପରିବର୍ତ୍ତନ କାର୍ଯ୍ୟାବଳୀ ଏବଂ ଜଙ୍ଗଲ ଅଧିକାର ଆଇନ-୨୦୦୬ ବିଷୟରେ କହିଥିଲେ। ରାଜସ୍ୱ ବୋର୍ଡର ସଚିବ ଲକ୍ଷ୍ମୀକାନ୍ତ ସେଠି ଓ ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲାଇ ବିଭିନ୍ନ ରାଜସ୍ୱ ନିୟମାବଳୀ ଏବଂ ସଂଶୋଧିତ ଆଇନ; ଉତ୍ତରାଞ୍ଚଳ ଆରଡିସିର ଅବସରପ୍ରାପ୍ତ ପୂର୍ବତନ ସଚିବ ସୁକାନ୍ତ ତ୍ରିପାଠୀ ଓପିଏଲ୍‌ଇ / ଓଜିଏଲ୍‌ଏସ୍ / ଓଏଲ୍‌ଆର୍ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଉପସ୍ଥାପନ କରିଥିଲେ। ଶେଷରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ସ୍ତନକର୍କଟ ଚିକିତ୍ସା ଶିବିର

**ସମ୍ବଲପୁର, ୧୬।୧୧ (ସମିସ) :** ରେଙ୍ଗାଲି ହସ୍ପିଟାଲରେ ଆଦିତ୍ୟ ଆଲୁମିନିୟମ ଓ ବାଲ୍‌କୋର ମିଳିତ ଆନୁକୂଲ୍ୟରେ ଏକ କର୍କଟ ରୋଗ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୨ଜଣ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୩ ଜଣ ରୋଗୀଙ୍କର ପରୀକ୍ଷା କରାଯାଇଥିଲା। ଏଥିରେ ମାଗଣାରେ ରୋଗୀଙ୍କ ମାମୋଗ୍ରଫି ଓ

**ଇସିଜି ମେସିନ, ଭ୍ରାମ୍ୟମାଣ ଚିକିତ୍ସା ବାହନର ଶୁଭାରମ୍ଭ**

ପାପ୍ ସ୍ମିର ଟେଷ୍ଟ ଓ ହେଡ୍ ମିକ କ୍ୟାନସର ସ୍କ୍ରିନିଂ ଟେଷ୍ଟ କରାଯାଇଥିଲା। ଏଥିରେ ରେଙ୍ଗାଲି ସମେତ ଜଙ୍ଗଲା, କତରବଗା, ବୋମାଲେଇ, ଘିଚାମୁରା ଓ ଲପଙ୍ଗାର ସମସ୍ତ ୩୦ ବର୍ଷରୁ ଊର୍ଦ୍ଧ୍ୱ ମହିଳାମାନେ ଯୋଗଦେଇଥିଲେ। ତତ୍ ସଙ୍ଗେସଙ୍ଗେ ଏକ ଭ୍ରାମ୍ୟମାଣ ଚିକିତ୍ସା ବାହନ (ମୋବାଇଲ ମେଡିକାଲ ଭ୍ୟାନ)ର ଶୁଭାରମ୍ଭ କରାଯାଇଥିଲା। ଏତିସହ ଚିକିତ୍ସାଳୟର ଅନୁରୋଧ କ୍ରମେ ଏକ ଇସିଜି ମେସିନ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶେଷତଃ ରେଙ୍ଗାଲିର ରୋଗୀ କଲ୍ୟାଣ ସମିତି ସହାୟତା ସହଯୋଗ କରିଥିଲେ। ସ୍ଥାନୀୟ ବରିଷ୍ଠ ନାଗରିକ କମିଟିର ସ୍ୱାଧୀନ ଏକତା ସଂଗଠନର ସଦସ୍ୟ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗଡ଼ତିଆ, ଶଶି ଭୂଷଣ ସାହୁ, ଅଶୋକ ଗୁରୁ ଉପସ୍ଥିତ ରହି ସହଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ମୁରାରି ବିଶ୍ୱାଳ, ଜଙ୍ଗଲା, ବୋମାଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପଧାନ ଉପସ୍ଥିତ ଥିଲେ।



ଏହି କାର୍ଯ୍ୟକ୍ରମରେ ଏଡିପିଚଓ ଡା. ସୁଚିତ୍ରା ସାହୁ, ଏପିଡେମିଲୋଗିଷ୍ଟି ଡା. ଜ୍ଞାନରଞ୍ଜନ ମହାନ୍ତି, ରେଙ୍ଗାଲି ହସ୍ପିଟାଲର ଡା. ଶୁଭମ୍ ସିଂ, ଫାର୍ମାସିଷ୍ଟ ରେଙ୍ଗାଲି ସୁରେନ୍ଦ୍ର ମୋହନ ବେହେରା, ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ, ମାନବ ସମ୍ବଳ ମୁଖ୍ୟ ବିନୋଦାନନ୍ଦ ଠାକୁର, ସିପିପି ମୁଖ୍ୟ ଗୁଲସନ୍ ତିୱାରୀ, ଓଡ଼ିଶା ଆଞ୍ଚଳିକ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ଆଞ୍ଚଳିକ ସିଏସ୍‌ଆର୍ ମୁଖ୍ୟ ଶିବ ପ୍ରସାଦ ମହାପାତ୍ର, ଲ୍ୟାଣ୍ଡ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ଓ ଆଞ୍ଚଳିକ ସ୍ୱାସ୍ଥ୍ୟ ମୁଖ୍ୟ ସୁବ୍ରତ ଚାଟାର୍ଜୀ ଓ ବାଲକୋର ଡା. ଗୌରଭ ଗୁପ୍ତା ଉପସ୍ଥିତ ଥିଲେ। କ୍ରିଷ୍ଣା ପାଢ଼ୀ ହିଣ୍ଡାଲକୋ କମ୍ପାନୀ ଓ ଆଦିତ୍ୟ ଆଲୁମିନିୟମ୍‌ର ଚତୁଃପାର୍ଶ୍ୱରେ ଥିବା ସମସ୍ତ ଗ୍ରାମର ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ଓ ଆମ୍ବୁଲାନ୍ସ ବ୍ୟବସ୍ଥାକୁ ବୃଦ୍ଧି କରିବା, ଅଞ୍ଚଳରେ ଥିବା ଯୁବଗୋଷ୍ଠୀଙ୍କୁ ପ୍ରଶିକ୍ଷଣରେ ସାମିଲ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପରିଶେଷରେ ଅନ୍ୟ ଏକ କାର୍ଯ୍ୟକ୍ରମ ଚକ୍ଷୁ ପରୀକ୍ଷା କରି ୫୭ ଜଣଙ୍କୁ ଚିକିତ୍ସା କରିଥିଲେ ଓ ୯ ଜଣଙ୍କୁ ମୋତିଆ ବିନ୍ଦୁ ଅପରେସନ ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଶିବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସିଏସ୍‌ଆର୍ ମୁଖ୍ୟ ରବି ନିୱାସ, ସୁକାନ୍ତ ମହାପାତ୍ର ଓ ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ। ସିଏସଅର୍ ଟିମ୍‌ର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ମିଥ୍ୟା ପ୍ରଚାର ବିଶ୍ୱାସ ନ କରିବାକୁ ଶ୍ରୀଅରବିନ୍ଦ ଟ୍ରଷ୍ଟର ଅନୁରୋଧ

**ସମ୍ବଲପୁର, ୧୬।୧୧ (ସମିସ) :** ବିଗତ ବହୁଦିନ ଧରି ସମ୍ବଲପୁରସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଓ ଶ୍ରୀଅରବିନ୍ଦ କର୍ମ ମନ୍ଦିର ଟ୍ରଷ୍ଟ ବିରୁଦ୍ଧରେ ଅପପ୍ରଚାର ଚାଲିଛି। କୌଣସି ପ୍ରକାରର ଭ୍ରାନ୍ତି ସୃଷ୍ଟି କରୁଥିବା ତଥ୍ୟକୁ ଗ୍ରହଣ ନ କରି ସଚେତନ ନାଗରିକମାନେ ଟ୍ରଷ୍ଟ ତଥା ସ୍କୁଲକୁ ଯୋଗାଯୋଗ କରି ପୂର୍ଣ୍ଣ ତଥ୍ୟ ଜାଣିପାରିବେ; ଏଣୁ ଏଭଳି ମିଥ୍ୟା ପ୍ରଚାରକୁ ବିଶ୍ୱାସ ନକରିବା ପାଇଁ ଟ୍ରଷ୍ଟ ତଥା ସ୍କୁଲ୍ ପକ୍ଷରୁ ଆଜି ପୂର୍ବାହ୍ନରେ ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରାଯାଇଛି। ସମ୍ମିଳନୀରେ ଶ୍ରୀଅରବିନ୍ଦ କର୍ମ ମନ୍ଦିର ଟ୍ରଷ୍ଟ ମ୍ୟାନେଜିଂ ଟ୍ରଷ୍ଟି ଇନ୍ଦ୍ରାନୁଜ ପଣ୍ଡା, ସମ୍ପାଦକ ନିହାର ରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ନାରାୟଣ ଭୋଇ, ବରିଷ୍ଠ ସଭ୍ୟ ବାବୁଲୁ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସାମ୍ବାଦିକ ସମ୍ମିଳନୀରେ ସୂଚନା ଅନୁଯାୟୀ, କେତେଜଣ ପୂର୍ବତନ ଓ ବହିଷ୍କୃତ ସଭ୍ୟଙ୍କର ବ୍ୟକ୍ତିଗତ ସ୍ୱାର୍ଥରେ ଆଞ୍ଚ ଆସିବା ଯୋଗୁଁ ଅନୁଷ୍ଠାନର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିବା ପାଇଁ ଷଡ଼ଯନ୍ତ୍ର କରି ଚାଲିଛନ୍ତି। ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ମିଥ୍ୟା ଏବଂ ଭ୍ରମାତ୍ମକ ତଥ୍ୟ ପ୍ରଚାର କରି ଅନୁଷ୍ଠାନକୁ କ୍ଷତି କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ଏଭଳି ଅଭିଯୋଗ ମଧ୍ୟରେ ଶ୍ରୀଅରବିନ୍ଦ କର୍ମ ମନ୍ଦିର ଟ୍ରଷ୍ଟ ସମ୍ପାଦକ ନିଜ ନାମରେ କରାଇ ନେଉଛନ୍ତି; ଯାହାକି ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ କପୋଳକଳ୍ପିତ। ଟ୍ରଷ୍ଟର ଜମି ପୂର୍ବତନ ସମ୍ପାଦକ ଶିଶିର ପଣ୍ଡାଙ୍କ ନାମରେ ଥିଲା ଏବଂ ତାଙ୍କର ମୃତ୍ୟୁପରେ ଟ୍ରଷ୍ଟର ସର୍ବସମ୍ମତି କ୍ରମେ ବର୍ତ୍ତମାନ ଟ୍ରଷ୍ଟ ସମ୍ପାଦକଙ୍କ ନାମରେ ମାର୍ଫତ ସୁତ୍ରେ ପଟ୍ଟା ସଂଶୋଧନ ପାଇଁ ଟ୍ରଷ୍ଟ ଦ୍ୱାରା ଆବେଦନ କରାଯାଇଛି। ଏହା କୌଣସି ବ୍ୟକ୍ତିଙ୍କ ନାମରେ ରହେ ନାହିଁ ବରଂ ଟ୍ରଷ୍ଟ ସମ୍ପାଦକଙ୍କ ନାମରେ ରୁହେ। କେତେଜଣ ପୂର୍ବତନ ସଭ୍ୟ ବହୁବର୍ଷ ଧରି ନିଜର ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦେଇ ଓ ଜୋର୍ ଜବରଦସ୍ତି ସଭ୍ୟ କରି ଅନୁଷ୍ଠାନକୁ ନିଜ ଦଖଲରେ ରଖିବା ପାଇଁ ଉଦ୍ୟମ କରିଥିଲେ ଏବଂ ବିଭିନ୍ନ ପ୍ରକାରରେ ଅର୍ଥ ହେରଫେର କରି ଅନୁଷ୍ଠାନକୁ ଶୋଷଣ କରୁଥିଲେ ବୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା। ଫଳସ୍ୱରୂପ ଟ୍ରଷ୍ଟ ପକ୍ଷରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ପୃକ୍ତ ସଭ୍ୟମାନଙ୍କୁ ବହିଷ୍କାର କରାଗଲା ସେମାନେ ଟ୍ରଷ୍ଟ ଓ ସ୍କୁଲକୁ ବଦନାମ କରିବା ପାଇଁ ଏବଂ ଟ୍ରଷ୍ଟକୁ ଭାଙ୍ଗିବାପାଇଁ ମିଥ୍ୟା ଅପପ୍ରଚାର କରିଚାଲିଛନ୍ତି। ଏପରିକି ମିଥ୍ୟା ତଥ୍ୟ ଆଧାରରେ ଟ୍ରଷ୍ଟ ସମ୍ପାଦକ ନିହାର ରଞ୍ଜନ ପଣ୍ଡାଙ୍କୁ ସମ୍ବଲପୁର ବାର୍‌ରେ ନିଜ ପତିଆରା ଦେଖାଇ ନିଲମ୍ବିତ କରିଛନ୍ତି।

ବର୍ତ୍ତମାନ ଟ୍ରଷ୍ଟ ଅନୁଷ୍ଠାନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଚେଷ୍ଟା ଜାରି ରଖିଛି। ତନ୍ମଧ୍ୟରେ ସ୍କୁଲରେ ସ୍ମାର୍ଟ କ୍ଲାସ ବ୍ୟବସ୍ଥା, ସିସିଟିଭି ସର୍ବେକ୍ଷଣ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଅତ୍ୟାଧୁନିକ ପାଠାଗାର, ନୂତନ ସାଇନ୍ସ ଲାବୋରେଟୋରୀ ଏବଂ ନୂତନ କମ୍ପ୍ୟୁଟର ଲ୍ୟାବ ଆଦି ପ୍ରତିଷ୍ଠା କରି ଉନ୍ନତିମୂଳକ କାର୍ଯ୍ୟ ଦ୍ୱାରା ସ୍କୁଲରେ ଶୈକ୍ଷିକ ବାତାବରଣ ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଧାରାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ବିକାଶ ଦିଗରେ ଅଗ୍ରସର ହେଉଛି। ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ୭ ଜଣ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ବିଦ୍ୟାଳୟରେ ପୂର୍ବରୁ ୧୫୦୦ ଛାତ୍ରଛାତ୍ରୀ ଥିବା ସମୟରେ ଶିକ୍ଷା ବିଭାଗ ନିୟମାନୁଯାୟୀ ସେହି ଅନୁପାତରେ ଥିବା ଶିକ୍ଷକ ରହିଥିଲେ। ଏବେ ଛାତ୍ରଛାତ୍ରୀ ଉପସ୍ଥାନ ହ୍ରାସ ପାଇଥିବାରୁ ତଦନୁଯାୟୀ ନିୟମ ପାଳନପୂର୍ବକ ଶିକ୍ଷକମାନଙ୍କୁ ଅବସର ଦିଆଯାଇଛି। ଯେଉଁ ଶିକ୍ଷକମାନେ ୫୮ ବର୍ଷ ବୟସ୍କ ସେମାନଙ୍କ ଚାକିରୀ ଅବଧି ସ୍କୁଲର ବିତ୍ତୀୟ ସ୍ଥିତିକୁ ଦେଖି ଦୁଇବର୍ଷ ବର୍ଦ୍ଧିତ ନକରି ଶେଷକରି ଉଚିତ ସମୟରେ ଅବସର ଦିଆଯାଇଛି ବୋଲି ଟ୍ରଷ୍ଟ ସମ୍ପାଦକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ରେଢ଼ାଖୋଲରେ ଚାରାରୋପଣ

**ରେଢ଼ାଖୋଲ, ୧୬ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଡିମିରିକୁଦାସ୍ଥିତ ଗ୍ରାମ୍ୟ ଜଙ୍ଗଲରେ ଆଲୋକ ଫାଉଣ୍ଡେସନ ଓ ଟିପିଡବ୍ଲ୍ୟୁଓଡିଏଲ୍ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ଏସ୍‌ଡିପିଓ ପ୍ରଶାନ୍ତ ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂହ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଟିପିଡବ୍ଲ୍ୟୁଓଡିଏଲ୍ ଉପ ବିଭାଗୀୟ ଅଧିକାରୀ ପ୍ରିୟରଞ୍ଜନ ଦାଶ ପ୍ରମୁଖ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୀମଭୋଇ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିୟମିତ ଚାରା ରୋପଣ କରିବା ସହ ପର୍ଯ୍ୟାବରଣର ଯତ୍ନ ନେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଆଲୋକ ଫାଉଣ୍ଡେସନର ଗୌରବ କୁମାର ପଣ୍ଡା ସଭା ପରିଚାଳନା କରିଥିବାବେଳେ ପ୍ରତୀକ ଦାଶ, ବିଶାଳ ବଡୁ ଓ ଆକାଶ ଦେବତା ସହ ପରିଚାଳନା କରିଥିଲେ। ଏଥିରେ ବିକାଶ ଚନ୍ଦ୍ର ଦାଶ, ସତୀଶ ଝାଙ୍କର, ରାଜା ସିଂହ, ପିଣ୍ଟୁ ସିଂହ, ବବଲୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିର୍ସା ମୁଣ୍ଡା ଜୟନ୍ତୀରେ ଡାକ୍ତର, ସେବିକା ସମ୍ମାନିତ

**କୁଚିଣ୍ଡା, ୧୬।୧୧(ସମିସ):** କୁଚିଣ୍ଡା ଟାଉନ ହଲଠାରେ ୧୫୦ତମ ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ କୁଚିଣ୍ଡା ଆଦିବାସୀ ଏକତା ମଞ୍ଚ ତରଫରୁ ଚିକିତ୍ସାକ୍ଷେତ୍ରରେ ରୋଗୀମାନଙ୍କୁ ଉତ୍ତମ ସେବା ଯୋଗାଇବା ହେତୁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ସିନିୟର ମେଡ଼ିସିନ ସ୍ପେଶାଲିଷ୍ଟ ଡା. ସତ୍ୟ ପ୍ରକାଶ ଦୋରା, ସେବିକା ନୀନା ପଟେଲଙ୍କୁ ସମ୍ମାନିତ କରାଯାଇଥିଲା।



ଆଦିବାସୀ ଏକତା ମଞ୍ଚ ସଭାପତି ଗଜେନ୍ଦ୍ର ଭୋଇ ଓ ମୁଖ୍ୟଅତିଥି କୁଚିଣ୍ଡାର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ଉଭୟଙ୍କୁ ମାନପତ୍ର ସହ ଉପଢୋକନ, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଡିସେମ୍ବର ୯ରେ ଆଥଲେଟିକ ମିଟ୍

**ବରଗଡ଼, ୧୬।୧୧(ସମିସ):** ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ଜିଲ୍ଲା ଆଥଲେଟିକ ମିଟ୍ ଡିସେମ୍ବର ୯ ଓ ୧୦ ତାରିଖ ୨ ଦିନ ଧରି ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ କୁହାଯାଇଛି। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଜିଲ୍ଲା କ୍ରୀଡା ସଂସଦର ଅନୁବନ୍ଧିତ କ୍ଲବ୍, ସ୍କୁଲ, କଲେଜ, କ୍ରୀଡା ଅନୁଷ୍ଠାନ ଏବଂ ଇଚ୍ଛୁକ ଖେଳାଳି ନିଜର ଦଳୀୟ ବା ବ୍ୟକ୍ତିଗତ ନାମ ଜିଲ୍ଲା କ୍ରୀଡା ସଂସଦରେ ପଞ୍ଜୀକରଣ କରିବାକୁ କୁହାଯାଇଛଇ। ଏହାସହ ନିର୍ଦ୍ଧାରିତ ଫର୍ମ ପୂରଣ ଏବଂ ଧାର୍ଯ୍ୟ ଫି ୩୦ ତାରିଖ ଭିତରେ ଦେବାକୁ ସୂଚନା ପ୍ରଦାନ କରାଯାଇଛି। ସମସ୍ତ ଖେଳାଳି ନିଜର ନାମରୁ ଅନଲାଇନ ପଞ୍ଜୀକରଣ ମାଧ୍ୟମରେ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ନିଜେ କରିବେ। ଆସନ୍ତା ୩୦ ତାରିଖ ମଧ୍ୟରେ ଜିଲ୍ଲା କ୍ରୀଡା ସଂସଦ ସହ ଯୋଗାଯୋଗ କରି ରେଜିଷ୍ଟ୍ରେସନ କରାଇ ନେବାକୁ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର ମିଶ୍ର ଓ କ୍ରୀଡା ସମ୍ପାଦକ ହରଦିପ ସିଂ ଜଣାଇଛନ୍ତି।

# ବରଗଡ଼ ପୁଲିସ ପକ୍ଷରୁ ସାଇବର ସଚେତନତା

**ବରଗଡ଼, ୧୬।୧୧(ସମିସ)**

ବରଗଡ଼ ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ରବିବାର ସାଇବର ସଚେତନତା ଉପରେ ଏକ ବିରାଟ ରାଲି ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଛକରୁ ଏହି ରାଲି ବାହାରି ଭଟଲି ଛକ, ଲମ୍ବା ବିଲ୍ଡିଂ ଛକ, ଲେଙ୍ଗୁ ମିଶ୍ର ଛକ, ଥାନା ଛକ, ସରକାରୀ ବସଷ୍ଟାଣ୍ଡ, କଚେରି ଛକ ଦେଇ ଏସପି ଅଫିସ ପର୍ଯ୍ୟନ୍ତ ପହଞ୍ଚି ଥିଲା। ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମିନା ପତକା ଦେଖାଇ ରାଲି ଶୁଭାରମ୍ଭ କରିଥିଲେ। ରାଲିରେ ଜିଲ୍ଲା ଏସ୍‌ପି ଶ୍ରୀ ମିନା, ଅତିରିକ୍ତ ଏସ୍‌ପି ଶିବପ୍ରସାଦ ବିଶ୍ୱାଳ ଓ ଇନ୍ଦୁରେଖା ପଶ୍ଚିମ କବାଟ, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି ସୁରେନ୍ଦ୍ର ଛତ୍ରିଆ, ଆଇଆଇସି ଯାଦବ ବାଗ, ଏସଆଇ ପ୍ରତୀମା ଡୁଙ୍ଗଡୁଙ୍ଗ, ବରଗଡ଼ ସଦର ଥାନା ଆଇଆଇସି ପ୍ରଣୟ ମୁର୍ମୁ, ରିଜର୍ଭ ଇନ୍ସପେକ୍ଟର ସାନ୍ତାନୁ ପ୍ରଧାନୀ, ସାଇବର ସେଲ ଟିମ୍ ହରିଶ ଦାଶ, ଦୀପକ ନନ୍ଦ, କୋଶଳ ଏକାଡେମୀର ଛାତ୍ରଛାତ୍ରୀ ତଥା ସହରର ସଚେତନ ନାଗରିକ ଅଂଶଗ୍ରହଣ କରିଥିଲେ।

**ପଦ୍ମପୁର:** ଦିନକୁ ଦିନ ସାଇବର ଠକେଇ ବଢ଼ି ବଢ଼ି ଚାଲିଛି। ଅନେକେ ନିରୀହ ଲୋକ ସାଇବର ଠକେଇର ଶିକାର ହେଉଛନ୍ତି। ଟିକିଏ ଭୁଲ ପାଇଁ କେତେବେଳେ କାହାର ଆକାଉଣ୍ଟରୁ ଆଖି ପିଛୁଳାକେ ଟଙ୍କା ଖାଲି ହେଇଯାଉଛି ତ କାହାକୁ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇ ବ୍ଲାକମେଲିଂର ଶିକାର ହେବାକୁ ପଡୁଛି। ଏମିତି ଅନେକ ପ୍ରକାରର ସାଇବର ଠକେଇର ଶିକାର ହେଉଛନ୍ତି ସାଧାରଣ ଜନତା। ଏସବୁକୁ ଆଖି ଆଗରେ ରଖି ପଦ୍ମପୁର ଆଦର୍ଶ ଥାନା ଅଧିକାରୀ






ମମତା ନାଏକଙ୍କ ନେତୃତ୍ୱରେ ଜମଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସର୍ଗିବାହାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାଇବର ଅପରାଧର ନୂଆ ନୂଆ ଶୈଳୀ ଉପଯୋଗ କରି ଅପରାଧୀ କିପରି ଲୋକଙ୍କୁ ଠକୁଛନ୍ତି ସେ ସମ୍ପର୍କରେ ଥାନା ଅଧିକାରୀ ଅବତାରଣା କରିଠିତଲେ। ଇଣ୍ଟରନେଟ ବ୍ୟବହାର ବେଳେ ସତର୍କତା ଅବଲମ୍ବନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଉଭୟ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଥିରେ ପଦ୍ମପୁର ଆଦର୍ଶ ଥାନାର କର୍ମଚାରୀ ଗଣ ସାମିଲ ଥିଲେ।

**ଝାରବନ୍ଧ:** ଝାରବନ୍ଧ ପୁଲିସ ତରଫରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଥାନା ଅଧିକାରୀ କେ. ସମାରିଆଙ୍କ ତତ୍ତ୍ୱାବଧାନରେ ଝାରବନ୍ଧ ଥାନା ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ସାଇବର ସଚେତନ ରଥ ଝାରବନ୍ଧ ଥାନାରୁ ବାହାରି ଡିଗ୍ରୀ କଲେଜ ଝାରବନ୍ଧ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝାରବନ୍ଧ, କନ୍ଦାଡଙ୍ଗାର ହାଇସ୍କୁଲ, ବିଜାଢ଼ୋଲ ସ୍କୁଲ, ଝାରବନ୍ଧ ହାଇସ୍କୁଲ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝାରବନ୍ଧରେ ପହଞ୍ଚିଥିଲା ସେଠାରେ ସାଇବର ସଚେତନ ରଥକୁ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଇଥିଲା। ବର୍ତ୍ତମାନ ବଢୁଥିବା ସାଇବର ଠକେଇ, ଅଜଣା ନମ୍ବରରୁ ଆସୁଥିବା ଫୋନ୍ କଲ, ବ୍ୟାଙ୍କର ଋଣ ସମ୍ବନ୍ଧୀୟ ଅଜଣା କଲ, ଅଜଣା ଲିଙ୍କ, ଫେକ୍ ଆପ ମାଧ୍ୟମରେ ମୋବାଇଲ୍ ହ୍ୟାକ୍ ହେବା, ସୋସିଆଲ୍ ମିଡିଆରେ ଫେକ୍ ଆଇଡି ତିଆରି କରି ଟଙ୍କା ଠକେଇ, ଅଜଣା ଭିଡିଓ କଲ୍‌ରେ ମିଛ ନଗ୍ନ ଫୋଟୋ ଉତ୍ତୋଳନ କରି ଠକେଇ, ପୁଲିସ ପରିଚୟ ଦେଇ ଫୋନ ମାଧ୍ୟମରେ ଟଙ୍କା ଠକେଇ, ଓଟିପି, ଏଟିଏମ୍ ପିନ୍, ଡେବିଟ୍/କ୍ରେଡିଟ୍ କାର୍ଡ ତଥ୍ୟ ସମ୍ବନ୍ଧୀୟ ସାଇବର ଠକେଇ ବିଷୟରେ ଥାନା ଅଧିକାରୀ କେ. ସମାରିଆ ବିସ୍ତୃତ ଭାବେ ସମସ୍ତଙ୍କୁ ସୂଚନା ଦେଇଥିଲେ। ତଦ୍‌ସହିତ ସାଇବର ଠକେଇ ଅପରାଧ ହେଲେ ନିକଟସ୍ଥ ଥାନାରେ ଅଭିଯୋଗ କିମ୍ବା ୧୯୩୦ ନମ୍ବରରେ ଫୋନ କରି ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡିଗ୍ରୀ କଲେଜ କଲେଜର ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା, ଅଧ୍ୟାପକ ଗଗନ ବିହାରୀ ଡନସନା, ଅଧ୍ୟାପକ ନବୀନ ମେହେର, ଏସଆଇ ସୁଶାନ୍ତ ସାହୁ, ସାମ୍ବାଦିକ ମୋତିଲାଲ ବାଗ, ସୌଦାଗର ବରିହା ପ୍ରମୁଖଙ୍କ ସହିତ କଲେଜ ଏବଂ ବିଦ୍ୟାଳୟର ସମସ୍ତ କର୍ମଚାରୀ ଛାତ୍ରଛାତ୍ରୀଙ୍କ ସମେତ ପୁଲିସ ଟିମ ସାମିଲ ଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ସାଇବର ଅପରାଧ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଦିନକୁ ଦିନ ବଢୁଥିବା ସାଇବର ଅପରାଧ ନେଇ ସଚେତନତା ପାଇଁ ଥାନାଧିକାରୀ ଶ୍ରୀ ପ୍ରଧାନ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ତେଜରାଜ ସାହୁ, ଅନାମିକା ସାହୁ, ରିପନ, ପିଙ୍କୁ ନାୟକ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଉପେନ୍ଦ୍ର କର୍ଣ୍ଣଙ୍କ ପରଲୋକ

**ଅତାବିରା, ୧୬।୧୧(ସମିସ):** ଅତାବିରା ବ୍ଲକ ଟାମ୍ପରସରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଉପେନ୍ଦ୍ର କର୍ଣ୍ଣ(୫୪)ଙ୍କ ଛନ୍ଦପାଲି ସ୍ଥିତ ବାସଭବନରେ ଆକସ୍ମିକ ମୃତ୍ୟୁ ଘଟିଛି। ଶିକ୍ଷକତା ଜୀବନରେ



ବେସରକାରୀ ଭାବେ ଅତାବିରା ବ୍ଲକର ଲରମ୍ବା, ଟାମ୍ପରସରା ଓ ପରେ ସରକାରୀ ଭାବେ ସୋର୍ଣ୍ଣା, ବରାହମୁଣ୍ଡା ଓ ଟାମ୍ପରସରାରେ କାର୍ଯ୍ୟରତ ଥିଲେ। ତାଙ୍କର ଏକମାତ୍ର ପୁତ୍ର କୁନାଳ କର୍ଣ୍ଣ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ଝିଅ, ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଟାମ୍ପରସରା ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଞ୍ଚଳର ଶିକ୍ଷାବିତ ଶେଷ ଦର୍ଶନ କରିଥିଲେ। ଟାମ୍ପରସରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମନୋହର ଦାଶଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ସମ୍ପାଦକୀୟ



ସ୍ୱାଧୀନ ଭାରତର ଅନନ୍ୟ ଉପଲବ୍ଧି ମଧ୍ୟରୁ ମୁକ୍ତ ଗଣମାଧ୍ୟମ ଅନ୍ୟତମ।
-ସବାନା ଆଜ୍‌ମୀ

ସକାଳ THE SAKALA

## ଅର୍ଥନୀତି ଉପରେ ରାଜନୀତି ବୋଝ

କ୍ଷମତା ହାସଲ ପାଇଁ ନିର୍ବାଚନ ରଣନୀତିର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଥିବା ଫ୍ରିବିଜ୍‌'ବା 'ମାଗଣା' ନାମକ ଅସ୍ତ୍ରଟିର ସୁଦୂରପ୍ରସାରୀ ପ୍ରଭାବ ସାମଗ୍ରିକ ଭାବେ ଦେଶର ଅର୍ଥନୀତି ଉପରେ ପଡୁଥିବା ଜାଣି ମଧ୍ୟ ରାଜନୈତିକ ଦଳମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର ଏ ବିଷୟରେ ରାଜନୈତିକ ଦଳମାନଙ୍କୁ ସଚେତନ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଭାରତୀୟ ରାଜନୀତିରେ ଏଭଳି ଅବାଞ୍ଛିତ ଧାରା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ସଦ୍ୟସମାପ୍ତ ବିହାର ନିର୍ବାଚନରେ ମଧ୍ୟ ମହିଳା ଉଦ୍ୟୋଗୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ହସ୍ତାନ୍ତର ନିର୍ବାଚନ ଫଳକୁ ନିର୍ଣ୍ଣାୟକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଜନୈତିକ ବିଶାରଦମାନେ ମତ ଦେଇଛନ୍ତି। ଏହାର ବୋଝକୁ ଗରିବ ରାଜ୍ୟ ବିହାରର ଅର୍ଥନୀତି କେତେ ସହିପାରିବ ତାହା ଭିନ୍ନ କଥା।

ବିଭିନ୍ନ ନାମରେ ନଗଦ ପ୍ରତ୍ୟକ୍ଷ ହସ୍ତାନ୍ତର ରଣକୌଶଳଟି ମଧ୍ୟପ୍ରଦେଶରେ ସଫଳ ସାବ୍ୟସ୍ତ ହେବା ପରେ ଓଡ଼ିଶା, ମହାରାଷ୍ଟ୍ର, ବିହାର ସମେତ ଅନ୍ୟ କେତେକ ରାଜ୍ୟରେ ପ୍ରୟୋଗ କରି ଶାସକ ଦଳ ଆଶାତୀତ ସଫଳତା ହାସଲ କରିଚାଲିଛନ୍ତି। ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ଏଭଳି ନଗଦ ହସ୍ତାନ୍ତର ଯୋଜନା ମାଧ୍ୟମରେ ଜାମ୍ମୁକାଶ୍ମୀରରେ ସର୍ବାଧିକ ମାସିକ ୫ ହଜାର ଟଙ୍କା ଲେଖାଏଁ ମିଳୁଥିବା ବେଳେ ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ମାସିକ ୧୫୦୦ ଟଙ୍କା, ପଞ୍ଜାବରେ ୧୧୦୦ ଟଙ୍କା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ୧୦୦୦ ଟଙ୍କା, ଦିଲ୍ଲୀ, ମହାରାଷ୍ଟ୍ର ଓ ହରିଆଣାରେ ୨୧୦୦ ଟଙ୍କା, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ୨୫୦୦ ଟଙ୍କା, ମଧ୍ୟପ୍ରଦେଶ ଓ ଆସାମରେ ୧୨୫୦ ଟଙ୍କା, କର୍ଣ୍ଣାଟକରେ ୨୦୦୦ ଟଙ୍କା ଓ ଓଡ଼ିଶାରେ ସର୍ବନିମ୍ନ ୮୩୩ ଟଙ୍କା ମିଳୁଛି। ଅପରପକ୍ଷରେ ଦେଶର ଜିଡିପିରେ ୯୦% ଅବଦାନ ରଖୁଥିବା ଉପରୋକ୍ତ ରାଜ୍ୟଗୁଡ଼ିକର ଋଣ ବୋଝ ସାମଗ୍ରିକ ଭାବେ ୨୮ ଲକ୍ଷ କୋଟି ଟଙ୍କାରୁ ଅଧିକ। ସେମାନଙ୍କର ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୯.୫ ଲକ୍ଷ କୋଟି ଏବଂ ରାଜସ୍ୱ ନିଅଣ୍ଟ ୨.୧ ଲକ୍ଷ କୋଟି ଟଙ୍କାରୁ ଅଧିକ।

ଋଣଂ କୃତ୍ୱା ଘୃତଂ ପିବେତ୍ ନୀତି ହିଁ ଏବେ ରାଜନୀତିର ମୂଳମନ୍ତ୍ର ହୋଇଥିବାରୁ 'ନୋଟ୍ ବଦଳରେ ଭୋଟ'ର ଏହି ପରିବର୍ତ୍ତିତ ଧାରା ବିଭିନ୍ନ ଯୋଜନାର ମୁଖା ପିନ୍ଧି ଏକପ୍ରକାର ବୈଧ ହୋଇସାରିଛି। ତେଣୁ ବିନା ଫ୍ରିବିଜ୍ ଘୋଷଣାରେ କେହି ନିର୍ବାଚନ ଜିତିପାରିବେ ନାହିଁ କି କ୍ଷମତାକୁ ଆସିବା ପରେ ଏଭଳି ଅବାଞ୍ଛିତ ପରମ୍ପରାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସଂସ୍କାର ଆଣିପାରିବେ ନାହିଁ। ଭାରତୀୟ ଗଣତନ୍ତ୍ର ଏହି ଫ୍ରିବିଜ୍ ରୂପକ ଅସ୍ତ୍ରରେ କ୍ଷତାକ୍ତ ହୋଇଚାଲିଥିବ ଏବଂ ଭାରତୀୟ ଅର୍ଥନୀତି ଏହି ବୋଝ ମୁଣ୍ଡାଇ ଚାଲିଥିବ। ଏଥିରୁ ନିସ୍ତାର ସମ୍ଭାବନା ସୁଦୂର ଭବିଷ୍ୟତରେ ମଧ୍ୟ ଦେଖାଯାଉନାହିଁ।

## ଯକ୍ଷ୍ମା-ସମସ୍ୟା ଜଟିଳ

ଯକ୍ଷ୍ମା ଭଳି ଧୀର ଅଥଚ ପ୍ରାଣଘାତୀ ସଂକ୍ରମଣରେ ପ୍ରତିବର୍ଷ ଯେତିକି ଲୋକ ଭାରତରେ ମୃତ୍ୟୁମୁଖରେ ପଡୁଛନ୍ତି ତାହା କରୋନା ମହାମାରୀ ଜନିତ ମୃତ୍ୟୁ ସଂଖ୍ୟାଠାରୁ ମଧ୍ୟ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ସଦ୍ୟତମ(ଗତ ୧୨ ତାରିଖ) ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ର ତଥ୍ୟାନୁଯାୟୀ ଗତବର୍ଷ ଭାରତରେ ୨୭ ଲକ୍ଷ ୧୦ ହଜାର ରୋଗୀ ଥିବା ବେଳେ ୩ ଲକ୍ଷ ରୋଗୀ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ ଏବେ ବିଶ୍ୱର ଏକ-ଚତୁର୍ଥାଂଶରୁ ଅଧିକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି, ଯାହା ଦେଶର ଜନସ୍ୱାସ୍ଥ୍ୟ ପରିଚାଳନାରେ ବ୍ୟାପକ ପ୍ରତିବନ୍ଧକ ସୃଷ୍ଟି କରୁଛି।

ପ୍ରତିବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ଯକ୍ଷ୍ମା ରୋଗ ସମ୍ପର୍କିତ ତଥ୍ୟ ଜାରି କରୁଥିଲେ ମଧ୍ୟ ଚଳିତ ବର୍ଷ ଏଥିରୁ ଦୂରେଇ ରହିବାର କାରଣ ଜଣାପଡ଼ିନାହିଁ। ୨୦୩୦ସୁଦ୍ଧା ବିଶ୍ୱରେ ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୨୦୨୫ ସୁଦ୍ଧା 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଗଠିତ ଆଇପିସି ପ୍ରକଳ୍ପ ୧୦ଟି ରାଜ୍ୟର ୬୩ଟି ଜିଲ୍ଲାର ୧୮୯ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବ୍ୟାପ୍ତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତବର୍ଷ ସେପ୍ଟେମ୍ବର ମାସରେ ବିପିଏଏଲ୍‌ଏମ୍ ନାମରେ ଏକ ଅଭିଯାନ ଆରମ୍ଭ କରିଛି, ଯାହା ଏମ୍‌ଡିଆର-ଟିବି ଉପଚାର ପାଇଁ ଉଦ୍ଦିଷ୍ଟ। ଏ ସବୁ ପ୍ରୟାସ ସତ୍ତ୍ୱେ ପ୍ରାଥମିକସ୍ତରରେ ଯକ୍ଷ୍ମାର ଚିହ୍ନଟ ବ୍ୟବସ୍ଥା ପ୍ରଭାବଶାଳୀ ଓ କ୍ରିୟାଶୀଳ ହେଉ ନ ଥିବା କାରଣରୁ ଆଉ ମାତ୍ର ମାସେ ଭିତରେ ଏହି ଲକ୍ଷ୍ୟ ହାସଲକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ ଅନୁଯାୟୀ ଭାରତରେ ୨୦୧୫ରୁ ୨୦୨୪ ମଧ୍ୟରେ ଯକ୍ଷ୍ମା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ଧାର୍ଯ୍ୟ ଲକ୍ଷ୍ୟ ୫୦% ବଦଳରେ ମାତ୍ର ୨୧% ହୋଇପାରିଛି। ସେହିପରି ଯକ୍ଷ୍ମା ସଂକ୍ରମିତ ମୃତକଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ୭୫% ବଦଳରେ ମାତ୍ର ୨୮% କମିଛି। ଏମ୍‌ଡିଆର-ଟିବି(ବହୁଔଷଧ ପ୍ରତିରୋଧକାରୀ ଯକ୍ଷ୍ମାରୋଗୀ)ଙ୍କ ସଂଖ୍ୟା ଭାରତରେ ବିଶ୍ୱର ସର୍ବାଧିକ ୨୭% ଥିବା ବେଳେ ବିଶ୍ୱର ମୋଟ ମୃତକଙ୍କ ମଧ୍ୟରେ ୨୯% ଭାରତରେ ରହିଛନ୍ତି।

ବିଡ଼ମ୍ବନା ହେଉଛି ଯକ୍ଷ୍ମା ସଂକ୍ରମଣ ହ୍ରାସ ହାର ଆଶାନୁରୂପ ହୋଇପାରୁନଥିବା ବେଳେ ଏହାର ନିରାକରଣ ବା ସମ୍ପୂର୍ଣ୍ଣ ବିଲୋପ ସାଧନ ପାଇଁ ପାଣ୍ଠି ବଢ଼ିବା ବଦଳରେ କମିବାରେ ଲାଗିଛି। ଘରୋଇ ସହଭାଗିତା ମଧ୍ୟ ହ୍ରାସ ପାଇଛି। ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଭାରତରେ ଜନସ୍ୱାସ୍ଥ୍ୟ ପରିଚାଳନା ଓ ବଜେଟ୍ ବ୍ୟବସ୍ଥା ସେତେ ସୁଦୃଢ଼ ନୁହେଁ କି ଜନସଚେତନତା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଏଣୁ ଭାରତରେ ଯକ୍ଷ୍ମା ବ୍ୟାପିବା ପାଇଁ ଅନୁକୂଳ ପରିବେଶ ରହିଛି। ତେଣୁ ଲକ୍ଷ୍ୟ ହାସଲ ପାଇଁ ତୃଣମୂଳସ୍ତରରେ ମୌଳିକ ଚିକିତ୍ସା ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ହେବ।

## ଆଜିର ସାମ୍ବାଦିକତା: ସମ୍ମାନ, ସମସ୍ୟା ଓ ସମାଧାନ

ବିଭୂତି ଭୂଷଣ କର

ଯେଉଁ ମହାନ ବୃତ୍ତି ସମାଜର ଦର୍ପଣ ତଥା ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ, ତାହାର ବର୍ତ୍ତମାନ ଅବସ୍ଥା, ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ଭବିଷ୍ୟତର ଗତିପଥ ଆଲୋଚନାସାପେକ୍ଷ। ସାମ୍ବାଦିକତା ହେଉଛି ସତ୍ୟ ଓ ନ୍ୟାୟର ପ୍ରତିନିଧି। ସଜାଗ ସାମ୍ବାଦିକ ସମାଜକୁ ସଚେତନ ରଖେ, କ୍ଷମତା କେନ୍ଦ୍ରଗୁଡ଼ିକ ସହ ଉତ୍ତରଦାୟିତ୍ୱର ମଧ୍ୟସ୍ଥତା କରେ ଏବଂ ସାଧାରଣ ଲୋକଙ୍କ ସ୍ୱରକୁ ସଶକ୍ତ କରେ। ଏକ ଗଠନମୂଳକ ସାମ୍ବାଦିକତା ସମାଜରେ ବିଶ୍ୱାସ, ସହିଷ୍ଣୁତା ଓ ପାରସ୍ପରିକ ଆଲୋଚନାକୁ ବଢ଼ାଇଥାଏ।

ବର୍ତ୍ତମାନ ସମୟର ସାମ୍ବାଦିକମାନେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସମୟକ୍ରମେ ଗଣମାଧ୍ୟମ ସଂସ୍ଥା ଉପରେ ଆର୍ଥିକ ଚାପ ବଢ଼ିବା ଫଳରେ ପରୋକ୍ଷରେ ସଂପୃକ୍ତ ସଂସ୍ଥାର ସ୍ୱାଧୀନତା ଉପରେ ତାହାର ପ୍ରଭାବ ପରିଲକ୍ଷିତ ହେଉଛି। ବିଜ୍ଞାପନ ଓ ବଜାର ଚାପ ଯୋଗୁଁ ଗୁଣବତ୍ତାପୂର୍ଣ୍ଣ ସାମ୍ବାଦିକତା ବାଧାଗ୍ରସ୍ତ ହେଉଛି। କ୍ଷମତାଶାଳୀ ଶକ୍ତିଙ୍କ ତରଫରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ହସ୍ତକ୍ଷେପ ସାମ୍ବାଦିକତାର ମୁକ୍ତ ପ୍ରବାହରେ ବାଧା ସୃଷ୍ଟି କରୁଛି। ଅସତ୍ୟ ଖବର(ଫେକ୍ ନ୍ୟୁଜ୍), ଦ୍ରୁତଗାମୀ ଖବର(ବ୍ରେକିଂ ନ୍ୟୁଜ୍)ର ଚାପ, ଟ୍ରୋଲ୍ ବାହିନୀ ଓ ଅତିମାତ୍ରାରେ ସାମାଜିକ ଗଣମାଧ୍ୟମ ପ୍ରତିକ୍ରିୟା ଯୋଗୁଁ ଭୁଲ୍ ଖବର ପ୍ରସାରିତ ହେବାର ଆଶଙ୍କା ବଢ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ସ୍ତରରେ, ସାମ୍ବାଦିକମାନେ ହିଂସ୍ର ଆକ୍ରମଣ ଓ ମାନସିକ ଉତ୍ପୀଡ଼ନର ଶିକାର ହେଉଛନ୍ତି। ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ବାତାବରଣ ସତେଯେପରି ସଂକୁଚିତ ହୋଇଯାଉଛି। ଆମ ଦେଶ ସମେତ ଅନେକ ରାଷ୍ଟ୍ରରେ ସାମ୍ବାଦିକତା ଉପରେ ରାଜନୈତିକ ଚାପ ବଢ଼ିଛି। ସ୍ୱଚ୍ଛନ୍ଦତା ଓ ସ୍ୱାଧୀନତା ଉପରେ ଆଘାତ କରୁଥିବା ଆଇନ ପ୍ରଣୟନ, ସାମ୍ବାଦିକତା ଅନୁସନ୍ଧାନରେ ବାଧା ଓ ସାମ୍ବାଦିକଙ୍କୁ ଭୟଭୀତ କରିବାର ଚେଷ୍ଟା କରାଯାଉଛି। ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତି ବିଶ୍ୱାସ କ୍ରମଶଃ ହ୍ରାସ ପାଇବାରେ ଲାଗିଛି।

ଏହିସବୁ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହୋଇ ସାମ୍ବାଦିକତାର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ କେତେକ ମୌଳିକ ପଦକ୍ଷେପ ଆବଶ୍ୟକ। ସାମ୍ବାଦିକତାର ମୂଳଦୁଆ ହେଉଛି ନୈତିକତା। ପ୍ରାମାଣିକତା, ସଠିକତା, ନିଷ୍ପକ୍ଷତା ଓ ଦାୟିତ୍ୱଶୀଳତାକୁ ପ୍ରାଧାନ୍ୟ ଦେବା ଜରୁରୀ। ଯେକୌଣସି ଖବର ପ୍ରକାଶ ପୂର୍ବରୁ ତାହାର ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ଯୁଗରେ ଡିଜିଟାଲ୍ ସାକ୍ଷରତା ଏକ ଅତ୍ୟାବଶ୍ୟକୀୟ ଦକ୍ଷତା। ଅସତ୍ୟ ଖବର ଚିହ୍ନଟ, ଡିଜିଟାଲ୍ ଟୁଲ୍ସ ବ୍ୟବହାର କରି ଗଭୀର ସତ୍ୟାନ୍ୱେଷଣ ଓ ଡିଜିଟାଲ୍ ସୁରକ୍ଷା ବିଷୟରେ ସାମ୍ବାଦିକମାନଙ୍କୁ ପ୍ରଶିକ୍ଷିତ କରାଯିବା ଉଚିତ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ବିଜ୍ଞାପନ ଉପରେ ନିର୍ଭରଶୀଳତା କମ କରି ସଦସ୍ୟତା ମଡେଲ, କ୍ରସ୍-ସବସିଡି, ଫାଉଣ୍ଡେସନ୍ ମଡେଲ ଭଳି ବିକଳ୍ପ ଆର୍ଥିକ ମଡେଲ ଅନୁସନ୍ଧାନ କରିବା ଉଚିତ। ସାମ୍ବାଦିକଙ୍କ ସୁରକ୍ଷା ନିଶ୍ଚିତ କରୁଥିବା ଆଇନ ପ୍ରଣୟନ ସହ ତାହାର ପ୍ରୟୋଗ ଜରୁରୀ। ସାମ୍ବାଦିକଙ୍କ ବିରୁଦ୍ଧରେ ହେଉଥିବା ହିଂସା ଘଟଣାକୁ ଦ୍ରୁତ ଓ କଠୋର ଭାବେ ମୁକାବିଲା କରିବା ଆବଶ୍ୟକ। ସାମ୍ବାଦିକମାନେ ଭୁଲ୍ ସୁଧାରିବା ସହ ଫିଡବ୍ୟାକ୍ ଗ୍ରହଣ ଏବଂ ଜନସାଧାରଣଙ୍କ ସହ ନିୟମିତ ଯୋଗାଯୋଗ କରି ଗଣମାଧ୍ୟମର ବିଶ୍ୱାସ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେବାକୁ ହେବ।

ଆଜିର ସାମ୍ବାଦିକତା କେବଳ ଘଟଣାର ସରଳ ବର୍ଣ୍ଣନା ନୁହେଁ, ବରଂ ଏହା ଏକ ଜଟିଳ ପ୍ରକ୍ରିୟା, ଯାହା ତଥ୍ୟ ଯାଞ୍ଚ, ପ୍ରସଙ୍ଗ ବିଶ୍ଳେଷଣ, ମତବାଦ ଗଠନ ଏବଂ ସମାଜିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ବଜାୟ ରଖେ। ଡିଜିଟାଲ ଯୁଗରେ ସାମ୍ବାଦିକତାର ପରିସର ବ୍ୟାପକ ହୋଇଛି। ପାରମ୍ପରିକ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ଅନଲାଇନ୍ ନ୍ୟୁଜ୍ ପୋର୍ଟାଲ୍, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଓ ସିଟିଜନ୍ ଜର୍ଣ୍ଣାଲିଜିମ୍ ଆଦି ଯୋଗୁଁ ଖବରର ପ୍ରବାହ ଅତୀବ ଦ୍ରୁତ ଓ ବିସ୍ତୃତ ହୋଇଛି। ଏହି ଡିଜିଟାଲ ପରିବର୍ତ୍ତନ ସହିତ ଆସିଛି '୨୪ ଘଣ୍ଟିଆ ନ୍ୟୁଜ୍ ସାଇକେଲ୍'ର ଚାପ। ଖବର ପ୍ରସାରଣର ଗତି ବୃଦ୍ଧି ପାଇଥିଲେ ମଧ୍ୟ ଏହା ଖବରର ଗୁଣବତ୍ତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ପ୍ରଥମେ ଖବର ପହଞ୍ଚିବାର ଚାପରେ ଯାଞ୍ଚ ନ କରାଯାଇଥିବା ତଥ୍ୟ ଓ ମିଥ୍ୟା ଖବରର ପ୍ରସାର ବଢ଼ିଛି। ଏହି ପରିସ୍ଥିତିରେ, ଜଣେ ଆଧୁନିକ ସାମ୍ବାଦିକଙ୍କ ଭୂମିକା କେବଳ ଏକ ରିପୋର୍ଟର ନ ରହି, ଜଣେ ଫ୍ୟାକ୍ଟ-ଚେକର୍, ଡାଟା ବିଶ୍ଳେଷକ ଏବଂ ପ୍ରସଙ୍ଗ ସ୍ରଷ୍ଟା ଭାବରେ ବିକଶିତ ହୋଇଛି। ତେଣୁ ସାମ୍ବାଦିକଙ୍କୁ ଡିଜିଟାଲ୍ ଟୁଲ୍ସ, ଡାଟା ବିଶ୍ଳେଷଣ ଏବଂ ଫ୍ୟାକ୍ଟ-ଚେକିଂ ପ୍ରଣାଳୀ ପ୍ରତି ଅଧିକ ଦକ୍ଷ କରାଯିବା ଉଚିତ୍। ଜନସାଧାରଣଙ୍କୁ ମଧ୍ୟ ମିଡିଆ ସାକ୍ଷରତା ଶିକ୍ଷା ଦେବା ଜରୁରୀ, ଯାହା ସେମାନଙ୍କୁ ଭ୍ରମପୂର୍ଣ୍ଣ ଖବରଠାରୁ ପ୍ରମାଣିତ ଖବର ପୃଥକ୍ କରିବାରେ ସହାୟକ ହେବ।

ନୈତିକତା ଓ ଦାୟିତ୍ୱବୋଧ ପ୍ରତି ଅଙ୍ଗୀକାରବଦ୍ଧତା ସ୍ୱରୂପ ସାମ୍ବାଦିକତାର ମୌଳିକ ନୀତି - ସଠିକତା, ନିରପେକ୍ଷତା, ନ୍ୟାୟପୂର୍ଣ୍ଣତା ଓ ମାନବିକତା - କେବେ ବି ଅଣଦେଖା କରାଯାଇ ପାରିବ ନାହିଁ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ନିଜର ନୈତିକ ମାନଦଣ୍ଡ ମଜବୁତ କରିବା ଉଚିତ୍ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଚିତ୍।

ସରକାର ଓ ସମାଜର ଦାୟିତ୍ୱ ହେଉଛି ସାମ୍ବାଦିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ସାମ୍ବାଦିକଙ୍କ ବିରୁଦ୍ଧରେ ହିଂସା ଓ ଉତ୍ପୀଡ଼ନର ଘଟଣାଗୁଡ଼ିକର ସଠିକ୍ ତଦନ୍ତ ହୋଇ ଦୋଷୀଙ୍କୁ ଦଣ୍ଡ ଦିଆଯିବା ଜରୁରୀ। ସାମ୍ବାଦିକତାର ସ୍ୱାଧୀନତା ହେଉଛି ଗଣତନ୍ତ୍ରର ମୂଳଦୁଆ। ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ସହ ଗଣମାଧ୍ୟମର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ବାଞ୍ଛନୀୟ। ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରହି ସତ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମ୍ବାଦିକଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବା ଉଚିତ୍। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାମ୍ବାଦିକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ଉଚିତ୍। ଜ୍ଞାନ ଓ ଅନୁଭୂତି ଆଦାନପ୍ରଦାନ, ସମ୍ମିଳିତ ଅନୁସନ୍ଧାନ ଏବଂ ପେସାଦାର ସଂଗଠନଗୁଡ଼ିକ ମାଧ୍ୟମରେ ଏକତ୍ରିତ ହୋଇ ଆହ୍ୱାନଗୁଡ଼ିକର ସାମ୍ନା କରିବା ଆବଶ୍ୟକ।

ବର୍ତ୍ତମାନର ଜଟିଳ ପରିବେଶରେ ସାମ୍ବାଦିକତାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସମସ୍ୟା ସତ୍ତ୍ୱେ ସଚ୍ଚୋଟତା, ସାହସ ଏବଂ ନିଷ୍ପାପର ରିପୋର୍ଟିଂ ପ୍ରତି ସାମ୍ବାଦିକଙ୍କ ପ୍ରତିଶ୍ରୁତି ଅବ୍ୟାହତ ରହିଛି। ଭବିଷ୍ୟତର ଗତିପଥକୁ ସ୍ୱଷ୍ଟ କରିବାକୁ ଯାଇ ଆମକୁ ଏକ ଅଧିକ ଉତ୍ତରଦାୟୀ, ସମାନ୍ତରାଳ ଓ ନ୍ୟାୟପୂର୍ଣ୍ଣ ସାମ୍ବାଦିକତା ପ୍ରତି ଅଗ୍ରସର ହେବାକୁ ହେବ। ସାମ୍ବାଦିକତା କେବଳ ଶକ୍ତିଶାଳୀଙ୍କ କଥା ନ କହି, ନିର୍ବଳଙ୍କ କଥା କହିବ, ଯାହା ଶକ୍ତି ଉପରେ ନଜର ରଖିବ ଏବଂ ସତ୍ୟକୁ ସର୍ବୋଚ୍ଚ ମୂଲ୍ୟ ଦେବ। ଏହି ଦିଗଦର୍ଶନ ଅନୁସରଣ କଲେ ହିଁ ସାମ୍ବାଦିକତା ତା'ର ଗରିମାମୟୀ ପରମ୍ପରା ବଜାୟ ରଖିପାରିବ ଏବଂ ଭବିଷ୍ୟତରେ ମଧ୍ୟ ଜନସାଧାରଣର ବିଶ୍ୱାସ ଓ ଆସ୍ଥାଭାଜନ ହୋଇରହିପାରିବ।

ଏବେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଯୋଗୁଁ ସାମ୍ବାଦିକତା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି, ଯାହା ଗଣମାଧ୍ୟମ ସ୍ୱାଧୀନତା ପାଇଁ ନୂଆ ସୁଯୋଗ ସହିତ ଗମ୍ଭୀର ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। କ୍ରୀଡ଼ା, ଅର୍ଥନୀତି ଓ ପାଣିପାଗ ସମ୍ବାଦ ଭଳି ଡାଟା-କେନ୍ଦ୍ରିତ ଖବର ଲେଖିବାରେ ଏଆଇ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏହା ସାମ୍ବାଦିକଙ୍କ ସମୟ ବଞ୍ଚାଇବାରେ ସହାୟକ ହୋଇଛି। ତଥ୍ୟ ଯାଞ୍ଚ ଓ ଫ୍ୟାକ୍ଟ-ଚେକିଂ କ୍ଷେତ୍ରରେ ଏଆଇ ପ୍ରମୁଖ ଭୂମିକା ନିର୍ବାହ କରୁଛି, ଯାହା ନିର୍ଭରଯୋଗ୍ୟ ଖବର ପ୍ରସାରଣରେ ସହାୟକ ହେଉଛି। ବ୍ୟକ୍ତିଗତକୃତ ସମ୍ବାଦ ପ୍ରଦାନ କ୍ଷେତ୍ରରେ ଏଆଇ ବ୍ୟବହାରକାରୀଙ୍କ ଅଭିରୁଚି ଅନୁଯାୟୀ ସମ୍ବାଦ ଭିତ୍ତିକ ବିଷୟବସ୍ତୁ ବାଛିବାରେ ସହାୟତା କରିପାରୁଛି। ଏଆଇ ଚାଳିତ ଅନୁବାଦ ଟୁଲଗୁଡ଼ିକ ବିଷୟକୁ ବିଭିନ୍ନ ଭାଷାରେ ଅନୁବାଦିତ କିମ୍ବା ରୂପାନ୍ତରିତ କରି ଜ୍ଞାନର ବାଧାକୁ ଦୂର କରିପାରୁଛି ଏବଂ ଜ୍ଞାନର ପରିସରକୁ ବ୍ୟାପ୍ତ କରିବାରେ ସହାୟକ ହେଉଛି।

ଅନ୍ୟପକ୍ଷରେ ଏଆଇ ଗଣମାଧ୍ୟମ ପ୍ରତି ଆହ୍ୱାନ ଓ ବିପଦ ମଧ୍ୟ ଆଣି ଦେଇଛି। ଏଆଇ ଦ୍ୱାରା ସହଜରେ ବାସ୍ତବିକ ଛବି, ଭିଡିଓ ଓ ଅଡିଓ ସୃଷ୍ଟି କରି ବ୍ୟକ୍ତି ବା ବିଷୟର ମିଥ୍ୟା ପ୍ରତିରୂପ ତିଆରି କରାଯାଇପାରେ। ଏହା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରେ ଏବଂ ବିଶ୍ୱସନୀୟ ମାଧ୍ୟମଗୁଡ଼ିକୁ ସନ୍ଦେହର ଚକ୍ଷୁରେ ଦେଖାଯିବାର ସମ୍ଭାବନା ରଖେ। ସରକାର ଅନଲାଇନ୍ ବିଷୟବସ୍ତୁ ଉପରେ ନଜର ରଖିପାରନ୍ତି ଏବଂ ସମ୍ବାଦଗୁଡ଼ିକୁ ସ୍ୱୟଂଚାଳିତ ଭାବରେ ସେନ୍ସର କରିପାରନ୍ତି, ଯାହା ନିର୍ଭୀକ ସାମ୍ବାଦିକତାର ପଥରେ ଏକ ବଡ଼ ବାଧା। ତେଣୁ ପ୍ରେସ୍ ସ୍ୱାଧୀନତା ଏବଂ ଏଆଇର ସନ୍ତୁଳନ ରକ୍ଷା କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଉତ୍ତରଦାୟୀ ଓ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ହିଁ ଏକ ସଚେତନ ଓ ସକ୍ରିୟ ସମାଜର ପ୍ରାଣ। ସମସ୍ୟାଗୁଡ଼ିକ ଜଟିଳ ହୋଇପାରେ ମାତ୍ର ସମାଧାନ ଅସମ୍ଭବ ନୁହେଁ। ନୈତିକତା, ସାହସ, ପ୍ରଗତିଶୀଳ ଚିନ୍ତନ ଓ ସାମୂହିକ ଦାୟିତ୍ୱବୋଧର ମିଶ୍ରଣ ଦ୍ୱାରା ହିଁ ସାମ୍ବାଦିକତାର ମହିମାକୁ ପୁନରୁଦ୍ଧାର କରିହେବ।

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

## ଓଡ଼ିଆ ଅସ୍ମିତାର ମୁଖପାତ୍ର: ହରିଶ୍ଚନ୍ଦ୍ର ବକ୍ସିପାତ୍ର

ଚିତ୍ତରଞ୍ଜନ ମହାନ୍ତି

ସ୍ୱର୍ଗତଃ ହରିଶଚନ୍ଦ୍ର ବକ୍ସିପାତ୍ର ଓଡ଼ିଶା ଜନଜୀବନରେ ଜଣେ ଯୁଗପୁରୁଷ। କିନ୍ତୁ ରାଜ୍ୟ ଓ ଦେଶର ସେବା କରିବା ପାଇଁ ଯେଉଁ ଦାୟିତ୍ୱ ଏ ସଂଗ୍ରାମୀ ପୁରୁଷଙ୍କୁ ମିଳିବା କଥା ତାହା ସମ୍ଭବ ହେଲା ନାହିଁ। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବିଜୁ ପଟ୍ଟନାୟକ ହୁଅନ୍ତୁ କିମ୍ବା କେନ୍ଦ୍ର ଶିଳ୍ପ ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍ ହୁଅନ୍ତୁ, ବକ୍ସିବାବୁ ନିଜର ନିଷ୍ଠା ଓ ତଥ୍ୟ ଆଧାରିତ ତର୍କ ବଳରେ ଓଡ଼ିଶାର ଦାବିକୁ ଉପସ୍ଥାପନ କରି ଇସ୍ପାତ ଓ ଆଲୁମିନିୟମ୍ ଶିଳ୍ପ ପ୍ରତିଷ୍ଠାରେ ଓଡ଼ିଶା, ବିଶେଷକରି କୋରାପୁଟ ଜିଲ୍ଲାର ବିକାଶର ନୂଆ ଅଧ୍ୟାୟ ରଚନା କରିଥିଲେ।

ପୁନର୍ବାର ୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ 'ଜନତା ଦଳ' ମନ୍ତ୍ରିମଣ୍ଡଳରେ ସେ ବାଣିଜ୍ୟ ଓ ପରିବହନ ଭଳି ଅର୍ଥକାରୀ ବିଭାଗର ଦାୟିତ୍ୱ ନେଇ ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ। ହୁଏତ ରାଜ୍ୟର ସାମଗ୍ରିକ ଓ ସାମୂହିକ ସେବା କରିବାକୁ ୧୯୯୫ ବେଳକୁ ତାଙ୍କୁ ଉପଯୁକ୍ତ ସୁଯୋଗ ମିଳିଥା'ନ୍ତା। କିନ୍ତୁ 'ଜନତା ଦଳ'ର ସର୍ବଭାରତୀୟ ଓ ରାଜ୍ୟ ରାଜନୀତିରେ କ୍ରିୟା, ପ୍ରତିକ୍ରିୟା ଓ ଅସ୍ଥିରତା ଏଥିରେ ବାଧକ ସାଜିଲା। ତାଙ୍କ ଭଳି ସମର୍ପିତ ସମ୍ବେଦନଶୀଳ ସଂଗ୍ରାମୀ ନେତାଙ୍କୁ ରାଜ୍ୟର ନୀତିନିୟନ୍ତା ଭାବେ ପାଇବାର ସୁଯୋଗ ହାତଛଡ଼ା ହୋଇଗଲା।

ବକ୍ସିବାବୁ ନିଜର ଶୁଦ୍ଧ ସଂଗ୍ରାମୀ ଆଭିମୁଖ୍ୟ ଯୋଗୁଁ ଓଡ଼ିଶାର ଦୁଇ ଜାତୀୟ ନେତାଙ୍କ ପ୍ରିୟପାତ୍ର ଥିଲେ। ଖୋସାମଦି ତାଙ୍କର ଆୟୁଧ ନଥିଲା। ତାଙ୍କର ଅଳଙ୍କାର ଥିଲା ଓଡ଼ିଆ ଅସ୍ମିତା, ପରିଚିତ ସ୍ୱାଭିମାନ ଓ ନିଜସ୍ୱ ଅନୁପମ ଯୋଗ୍ୟତା। ପ୍ରିୟଜନମାନେ ବକ୍ସିବାବୁଙ୍କୁ 'ଭାଇନା' ସମ୍ବୋଧନ କରୁନଥିଲେ ତାଙ୍କୁ କେହି ଉଚ୍ଚ ଜାତିରେ ଜନ୍ମିତ ବ୍ୟକ୍ତି ବୋଲି ଭାବୁନଥା'ନ୍ତେ। କାରଣ ସେ ଥିଲେ ସାମାଜିକ ନ୍ୟାୟର ପ୍ରଚାର ପ୍ରବକ୍ତା। ଓଡ଼ିଶାର ବୃହତ୍ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସେ 'ମଣ୍ଡଳ କମିଶନ'କୁ ସକ୍ରିୟ ସମର୍ଥନ ଜଣାଇଥିଲେ।

ଆଦ୍ୟ ଜୀବନରେ ବକ୍ସିବାବୁ ସାମ୍ୟବାଦୀ ଚିନ୍ତାଧାରାର ପ୍ରମୁଖ ପ୍ରଚାରକ ଥିଲେ। ଜନଜୀବନର ବାସ୍ତବତାକୁ ଜାଣି ବର୍ଗ ଓ ଜାତି ଶୋଷଣର ଏକ ବ୍ୟବସ୍ଥିତ ବ୍ୟବସ୍ଥା ବୋଲି ସେ ଉପଲବ୍ଧି କରିଥିଲେ। ଜଣେ ସାମ୍ୟବାଦୀ ଭାବେ ବକ୍ସିବାବୁ ବର୍ଗ ବିଭାଜନ ଓ ବର୍ଗ ଶୋଷଣ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥିଲେ ମଧ୍ୟ 'ଉତ୍କଳ ସମ୍ମିଳନୀ'ର ମୁଖ୍ୟ ଭାବେ ଓଡ଼ିଶାର ସାମାଜିକ ବ୍ୟବସ୍ଥାକୁ, ବିଶେଷକରି ବର୍ଣ୍ଣ ବ୍ୟବସ୍ଥାକୁ ଟିକିନିଖି ଅନୁଧ୍ୟାନ କରିଥିଲେ। ତାଙ୍କ ତଥ୍ୟମୂଳକ ସିଦ୍ଧାନ୍ତ କହେ ବ୍ରିଟିଶ ଉପନିବେଶ ବ୍ୟବସ୍ଥା ଫଳରେ ବୃତ୍ତି ହରାଇଥିବା ଜାତି ଓ ବର୍ଗଙ୍କ ସଂଖ୍ୟା ଓଡ଼ିଶାରେ ପ୍ରାୟ ୯୨%। ତେଣୁ କେନ୍ଦ୍ର ସରକାର ଚାକିରିରେ ଦେଶରେ ସର୍ବାଧିକ ଓଡ଼ିଆ ଶତକଡ଼ା ଦୃଷ୍ଟିରୁ ସଂରକ୍ଷଣର ହକ୍‌ଦାର।

ଜାତି, ବର୍ଣ୍ଣ, ଧର୍ମ ଓ ଅନ୍ୟାନ୍ୟ ଭେଦଭାବ ସାମାଜିକ ଏକତାକୁ ବ୍ୟାହତ କରୁଥିବା ଅନୁଭବ କରି ସେ ସମଗ୍ର ଓଡ଼ିଆ ଜାତିର ଐକ୍ୟବଦ୍ଧତା ପାଇଁ ଏକାଗ୍ର ଉଦ୍ୟମ କରି ଚାଲିଥିଲେ। ସୁଦୂର କୋରାପୁଟର ବାସିନ୍ଦା ହୋଇ ମଧ୍ୟ ଓଡ଼ିଶାର ଉଚ୍ଚଶିକ୍ଷାର ମାତୃକଳ୍ପ ଅନୁଷ୍ଠାନ ରେଭେନ୍ସା କଲେଜର ଛାତ୍ର ସଂସଦର ସଭାପତି ହେବା ତାଙ୍କ ଜନ୍ମଜାତ ନେତୃତ୍ୱ କଳାର ପରାକାଷ୍ଠା ପ୍ରତିପାଦିତ କରୁଛି। ୧୯୫୪ରେ ଗଠିତ ସୀମା କମିଶନ ଓଡ଼ିଶା ପ୍ରତି ଚରମ ଅନ୍ୟାୟ କରିଥିଲେ। ଏହା ବିରୁଦ୍ଧରେ ସାମ୍ୟବାଦୀ ଛାତ୍ରନେତା ହରିଶଚନ୍ଦ୍ର ବକ୍ସିପାତ୍ର ବିପ୍ଳବୀ ସାମ୍ୟବାଦୀ ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ କେନ୍ଦ୍ର କଂଗ୍ରେସ ନେତାଙ୍କୁ କଟକ ମାଟି ମଡ଼ାଇ ନଦେବାର ସଂକଳ୍ପ କରି ଗିରଫ ହେଲେ।

କେନ୍ଦୁଝର ଜିଲ୍ଲା ଓ ନୟାଗଡ଼ଠାରେ ସବୁଠୁ ଶସ୍ତା ଓ ସୁବିଧାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇପାରିବ ବୋଲି 'ବସ୍ତୁର କମିଟି' ସୁପାରିସକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଗ୍ରହଣ କଲେ ନାହିଁ। କଂଗ୍ରେସ ବିଭାଜନ ଯୋଗୁଁ ହରାଇଥିବା ଜନାଧାରକୁ ଫେରି ପାଇବା ପାଇଁ ସେ ଦକ୍ଷିଣର ୩ଟି ରାଜ୍ୟରେ ବିନା ଯୋଗ୍ୟତାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ସ୍ଥାପନ ନିଷ୍ପତ୍ତି ନେଲେ। ବକ୍ସିବାବୁ କିନ୍ତୁ ଓଡ଼ିଶା ପ୍ରତି କେନ୍ଦ୍ରର ଏ ନଗ୍ନ ଅବିଚାରକୁ ବରଦାସ୍ତ କଲେ ନାହିଁ। କଂଗ୍ରେସ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ହିଁ ସେ କେନ୍ଦ୍ର ବିରୁଦ୍ଧରେ ବିଦ୍ରୋହର ବିଗୁଲ ବଜାଇ ୧୯୭୪ ମସିହାରେ ସେ ଅଞ୍ଚଳରେ ଇନ୍ଦିରା ବିରୋଧୀ 'ପ୍ରଗତି ମେଣ୍ଟ'କୁ ସଫଳତାର ସ୍ୱାଦ ଚଖାଇ ନିଜେ ବିଧାୟକ ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାକୁ ଆସିଲେ। 'ପ୍ରଗତି ମେଣ୍ଟ' 'ଲୋକଦଳ'ରେ ମିଶିଲା। ଜରୁରୀ ପରିସ୍ଥିତି ପରେ ଜୟପ୍ରକାଶଙ୍କ ଅନୁରୋଧକ୍ରମେ ଗଣତନ୍ତ୍ରର ସୁରକ୍ଷା ପାଇଁ 'ଲୋକଦଳ' 'ଜନତା ପାର୍ଟି'ରେ ରୂପାନ୍ତରିତ ହେଲା। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ'ରେ ଝାସ ଦେଇ ଏବଂ ଜରୁରୀ ସ୍ଥିତିର ବିରୋଧ କରି ବକ୍ସିବାବୁ ଜେଲ୍ ଗଲେ। କାରାମୁକ୍ତ ହୋଇ ୧୯୭୭ ମସିହାରେ ନିର୍ବାଚନ ଲଢ଼ି ସେ ବିଜୟୀ ହେଲେ ଏବଂ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଲେ ଏବଂ କେନ୍ଦ୍ର ସହିତ ରାଜ୍ୟର ସମନ୍ୱୟ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ। ବକ୍ସିବାବୁଙ୍କ ଉଦ୍ୟମ ଥିଲା ଓଡ଼ିଶାର ସମସ୍ତ ତୁଙ୍ଗ ନେତା ବ୍ୟକ୍ତିଗତ ମନାନ୍ତରରୁ ଊର୍ଦ୍ଧ୍ୱକୁ ଯାଇ ଓଡ଼ିଶା ସ୍ୱାର୍ଥ ପାଇଁ କେନ୍ଦ୍ର ବିରୁଦ୍ଧରେ ସଂଗ୍ରାମ କରନ୍ତେ।

୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଜନତା ଦଳର ମନ୍ତ୍ରିମଣ୍ଡଳରେ ବକ୍ସିବାବୁ ବରିଷ୍ଠ ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ। ରବି ରାୟ ଲୋକସଭାର ବାଚସ୍ପତି। ଉଭୟଙ୍କ ମଧ୍ୟରେ ସମନ୍ୱୟ ପୁନଃସ୍ଥାପନ କରି ଇସ୍ପାତ କାରଖାନା ଓ ଓଡ଼ିଶାର ସ୍ୱତନ୍ତ୍ର ଆର୍ଥିକ ଅଧିକାର ଭଳି ଦାବି ପୂରଣ ପାଇଁ ବକ୍ସିବାବୁ ଉଦ୍ୟମରତ ହେଲେ। କଟକ ମଦମୃତ୍ୟୁ ଘଟଣାରେ ବ୍ୟଥିତ ହୋଇ ଜନତା ପରିବାରର ବରିଷ୍ଠ ନେତାମାନେ ବକ୍ସିବାବୁଙ୍କ ମାଧ୍ୟମରେ ବିକଳ୍ପ ବ୍ୟବସ୍ଥା ଖୋଜିଲେ। ଏଥିରେ ରବି ରାୟ ସମ୍ପୂର୍ଣ୍ଣ ସହଯୋଗ କରି ମିଳିତ ସଭା ସମିତିମାନ କଲେ। ଉଭୟ ବିଜୁବାବୁ ଓ ରବି ରାୟଙ୍କ ସହଯୋଗୀ ଭାବେ ଜର୍ଜ ଫର୍ଣ୍ଣାଣ୍ଡିଜ ଏ ପ୍ରକ୍ରିୟାକୁ ସାହାଯ୍ୟ କଲେ। ବକ୍ସିବାବୁ ସମସ୍ତ ଅଭିଯାନର କେନ୍ଦ୍ର ହେଲେ। କିନ୍ତୁ ବିହାର ରାଜନୀତି ସବୁ ସାଧୁ ଉଦ୍ୟମକୁ ପଣ୍ଡ କରିଦେଲା। ଜନତା ଦଳ ବିଭାଜିତ ହୋଇ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କ ନେତୃତ୍ୱରେ ସମତା ପାର୍ଟି ଗଠିତ ହେଲା। ସମାଜବାଦୀ ସାଥୀ ଜର୍ଜ ଫର୍ଣ୍ଣାଣ୍ଡିଜ ଓ ପୁତ୍ର ପ୍ରତିମ ନୀତୀଶ କୁମାରଙ୍କ ଅନୁରୋଧରେ ରବି ରାୟ ସମତା ପାର୍ଟିକୁ ଚାଲିଗଲେ। ଦିଲ୍ଲୀରେ ଓଡ଼ିଶା ଲବିକୁ ସୁଦୃଢ଼ କରିବାରେ ବକ୍ସିବାବୁଙ୍କ ଉଦ୍ୟମ ଅକାମୀ ହୋଇଗଲା। ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ଉଦ୍ୟମକୁ ଅବ୍ୟାହତ ରଖିବାକୁ ଶ୍ରୀବକ୍ସିପାତ୍ର ଶେଷ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥିଲେ।

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ନାଗଲିଙ୍ଗ

ସୌଭାଗ୍ୟସୁନ୍ଦର

ଉତ୍ତର-ପୂର୍ବ ଦକ୍ଷିଣ ଆମେରିକା, ବିଶେଷକରି ଆମାଜନ ବର୍ଷା ଜଙ୍ଗଲରୁ ଉତ୍ପନ୍ନ ନାଗଲିଙ୍ଗ ବିଶ୍ୱର ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଏ। ଏହାର ମନୋରମ, ସୁଗନ୍ଧିତ ଫୁଲ ଏବଂ ଫଳ ପାଇଁ ଏହାକୁ ଏକ ଶୋଭାବର୍ଦ୍ଧକ ଗଛ ଭାବରେ ବାଡ଼ିବଗିଚାରେ ଲଗାଯାଏ। ଏହି ବୃକ୍ଷର ଅନେକ ଔଷଧୀୟ, ସାଂସ୍କୃତିକ ଏବଂ ଧାର୍ମିକ ଗୁରୁତ୍ୱ ଅଛି। ପ୍ରାକୃତିକ ବାସସ୍ଥାନରେ ଏହା ସମୁଦ୍ର ପତ୍ତନଠାରୁ ୫୦୦ ମିଟରରୁ କମ୍ ଉଚ୍ଚତାରେ ବଢ଼େ। ଏହା ପୁଡୁଚେରୀରେ 'ରାଜ୍ୟ ଫୁଲ'ର ମାନ୍ୟତା ପାଇଛି।

'ମହାନାଗେଶ୍ୱର' ଭାବେ ମଧ୍ୟ ପରିଚିତ ନାଗଲିଙ୍ଗ ପ୍ରାୟ ୩୦ ମିଟର ଉଚ୍ଚତା ବିଶିଷ୍ଟ ଏକ ବଡ଼ ଚିରହରିତ୍ ବା ଅର୍ଦ୍ଧଚିରହରିତ୍ ଦ୍ରୁମ। କାଣ୍ଡଟି ନଳାକାର, ଯାହାର ବ୍ୟାସ ୭୦ ସେମି ଅତିକ୍ରମ କରିପାରେ। ଛାଲି ମାଟିଆ ଧୂସର ରଙ୍ଗର। ପରିପକ୍ୱ ବୃକ୍ଷର ଛାଲି ଫାଟି ଫାଟିଯାଏ। ପତ୍ରଗୁଡ଼ିକ ଶାଖାଗୁଡ଼ିକର ଶୀର୍ଷରେ ପୁଞ୍ଜିଭୂତ ଏବଂ ବିକଳ୍ପ ଭାବରେ ସଜେଇ ହୋଇ ରହିଥାଏ। ପତ୍ର ଧାର ସମ୍ପୂର୍ଣ୍ଣ କିମ୍ବା ସାମାନ୍ୟ ଦନ୍ତୁରିତ, ପ୍ରାୟ ୧୦-୨୦ ସେମି ଲମ୍ବ ଓ ୪-୬ ସେମି ଚଉଡ଼ା। ମୁଖ୍ୟ ଗଣ୍ଡି ଏବଂ ଅନ୍ୟାନ୍ୟ ବଡ଼ ଶାଖାରୁ ଫୁଲଗୁଡ଼ିକ ଗୁଚ୍ଛରେ ଉତ୍ପନ୍ନ ହୁଏ। ଫୁଲଗୁଡ଼ିକର ବ୍ୟାସ ପ୍ରାୟ ୬ ସେମି ବିଶିଷ୍ଟ ମାଂସଳ, ହଳଦିଆ ଏବଂ ଲାଲ କିମ୍ବା ଗୋଲାପୀ ବାଇଗଣୀ ରଙ୍ଗର। ଫୁଲଗୁଡ଼ିକ ପ୍ରବଳ ସୁଗନ୍ଧଯୁକ୍ତ, ବିଶେଷକରି ରାତିରେ ଏବଂ ପ୍ରାତଃ ସମୟରେ। ପରିପକ୍ୱ ଫଳ ଭୂମିରେ ପଡ଼ିବା ବେଳେ ବାଡ଼େଇ ହୋଇ ଶବ୍ଦ ହୁଏ। ତଳେ ପଡ଼ି ଫାଟିଲା ଫଳକୁ ବିଭିନ୍ନ ପ୍ରାଣୀ ଖାଇଥା'ନ୍ତି। ଫଳଟି କଠିନ ଆବରଣ ସହିତ ଗୋଲାକାର। ଏହାର ବ୍ୟାସ ପ୍ରାୟ ୨୫ ସେମି। ଫଳଟି ଖାଦ୍ୟ ଉପଯୋଗୀ କିନ୍ତୁ ଏହାର ଅପ୍ରିୟ ଗନ୍ଧ ଯୋଗୁଁ ସାଧାରଣତଃ ଲୋକମାନେ ଏହାକୁ ଖାଆନ୍ତି ନାହିଁ। ଭାରତରେ ବର୍ଷସାରା ଗଛରେ ଫୁଲ ଫୁଟେ। ଫୁଲଗୁଡ଼ିକୁ ସୁଗନ୍ଧିତ ପ୍ରସାଧନୀ ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ନାଗଲିଙ୍ଗକୁ ପାରମ୍ପରିକ ଭାବରେ ଉଚ୍ଚ ରକ୍ତଚାପ, ଟ୍ୟୁମର, ଯନ୍ତ୍ରଣା ଓ ପ୍ରଦାହ, ସାଧାରଣ ଥଣ୍ଡା, ପେଟ ଯନ୍ତ୍ରଣା, ଚର୍ମ ରୋଗ, କ୍ଷତ, ମ୍ୟାଲେରିଆ, ଦାନ୍ତ ବିନ୍ଧା, ଗ୍ୟାଷ୍ଟ୍ରାଇଟ୍, ସ୍କେବସ୍, ରକ୍ତସ୍ରାବ, ପାଇଲ୍ସ, ପତଳା ଝାଡ଼ା, ବିଛା ବିଷ ଆଦି ଚିକିତ୍ସା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହା ଆଣ୍ଟିମାଇକ୍ରୋବିଏଲ୍, ଆଣ୍ଟିଅଲ୍ସର, କୃମିନାଶକ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିପାଇରେଟିକ୍, ଆଣ୍ଟିଆର୍ଥ୍ରାଇଟିକ୍, ଇମ୍ୟୁନୋମୋଡୁଲେଟୋରୀ/ ପ୍ରତିରୋଧକ ଶକ୍ତି ବୃଦ୍ଧି କାରକ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଷ୍ଟ୍ରେସ୍, ଆଣ୍ଟିଡାଇରିଆଲ୍, ଆଣ୍ଟିଡିପ୍ରେସାଣ୍ଟ ଗୁଣରେ ସମୃଦ୍ଧ।

ଏହାଛଡ଼ା ନାଗଲିଙ୍ଗ ଗଛରେ ଟ୍ରାଇଟରପେନ୍ସ, ଫେନୋଲିକ୍ସ, କୁରୁପିଟାଇନ୍, ଇଣ୍ଡିରୁବିନ୍, ଆଇସାଟିନ୍, ଆନ୍ଥୋସିଆନିନ୍, ଫ୍ଲାଭାନୋଇଡ୍ସ, ୟୁଜେନୋଲ୍, ଟାନିନ୍, ଷ୍ଟେରଏଡ୍ସ, ସାପୋନିନ୍, ଗ୍ଲାଇକୋସାଇଡ୍ସ, ଆମିନୋ ଏସିଡ୍, ଫେନୋଲ୍ସ, ଆନ୍ଥ୍ରାକୁଇନୋନ୍, ଟ୍ରାଇଟରପେନୋଇଡ୍ସ, ଫାର୍ସେନଲ୍ ଏବଂ ତେଲ ଭଳି ଅନେକ ଉପାଦାନ ରହିଛି। ଫଳ ଏବଂ ଫୁଲରେ ଇଣ୍ଡିଗୋଟିନ୍ ଏବଂ ଇଣ୍ଡିରୁବିନ୍ ରାସାୟନିକ ଯୌଗିକ ଥିବା ଜଣାଯାଏ। ଫଳର କଠିନ ଖୋଳକୁ କେତେକ ସମୟରେ ପାତ୍ର ଭାବରେ ବ୍ୟବହାର କରାଯାଏ। କାଠଗୁଡ଼ିକ ବହୁତ ହାଲୁକା; ନରମ, ଅସ୍ଥାୟୀ ଏବଂ କବକ, କାଠ କୀଟ ଉଇ ପ୍ରତି ସମ୍ବେଦନଶୀଳ। ଏହି କାଠ ବିଭିନ୍ନ ପ୍ରକାରର ଖେଳଣା, ବାକ୍ସ, ପିଞ୍ଜରା, ଦିଆସିଲି, ପ୍ୟାନେଲିଂ, ଫର୍ଣ୍ଣିଚର ଉପାଦାନ, କାଠ ସାମଗ୍ରୀ, ଲାଥ୍-ବୋର୍ଡ ଓ ଫାଇବର-ବୋର୍ଡ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ଭାରତ ଏବଂ ଶ୍ରୀଲଙ୍କାରେ ଏହି ଗଛକୁ ହିନ୍ଦୁମାନେ ପୂଜା କରନ୍ତି। ଏହାର ଫୁଲର ହୁଡ ବା ଫେଣା ନାଗଫେଣା ପରି ଦେଖାଯାଏ, ଯାହା ତଳେ ଗର୍ଭକେଶର ଧଳା ରଙ୍ଗର ଲିଙ୍ଗ ପରି ଦେଖାଯାଏ। ତେଣୁ ଏହାକୁ ଶିବମନ୍ଦିରରେ ରୋପଣ କରାଯାଏ। ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ମିଆଁମାର, କାମ୍ବୋଡିଆ, ଲାଓସ, ବଙ୍ଗଳାଦେଶ, ନେପାଳ, ଭୁଟାନ, ମାଲେସିଆ ଏବଂ ଅନ୍ୟାନ୍ୟ ବୌଦ୍ଧ ଦେଶଗୁଡ଼ିକରେ ଏହାକୁ ବୌଦ୍ଧ ମଠ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳରେ ଲଗାଯାଇଥାଏ। ମାନବ ବସତି ସ୍ଥାପନ, କୃଷି ଜମି ସମ୍ପ୍ରସାରଣ, ପ୍ରାକୃତିକ ଜଙ୍ଗଲ ସଙ୍କୋଚନ ଇତ୍ୟାଦି କାରଣରୁ ନାଗଲିଙ୍ଗ ଉଦ୍ଭିଦର ସଂଖ୍ୟା ପ୍ରାୟତଃ ହ୍ରାସ ପାଇବାରେ ଲାଗିଛି। ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂଘ ଲାଲ ବିପନ୍ନ ଜାତି ତାଲିକାରେ ଏହି ଉଦ୍ଭିଦକୁ 'ସର୍ବନିମ୍ନ ଚିନ୍ତା' ବର୍ଗରେ ସ୍ଥାନିତ କରିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ନୂଆପଡ଼ାରେ ଜାଲିଆତି କରି ଜିତିଛି ବିଜେପି: ସ୍ନେହାଙ୍ଗିନୀ

ଭୁବନେଶ୍ୱର,୧୬।୧୧(ସମିସ): ନୂଆପଡା ଉପନିର୍ବାଚନରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ କମିଶନଙ୍କୁ ହାତବାରିସୀ କରି ଭୋଟ ରିଗିଂ ମାଧ୍ୟମରେ ବିଜେପି ବିଜୟୀ ହୋଇଛି। ଏହାପରେ ମଧ୍ୟ ନୂଆପଡାବାସୀଙ୍କ ସହିତ ବିଜୁ ଜନତା ଦଳ ଥିଲା ଓ ଆଗକୁ ରହିବ। ନୂଆପଡ଼ାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ ସବୁବେଳେ ଲଢ଼େଇ କରିବେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ।



ରବିବାର ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ନିର୍ବାଚନ ପ୍ରଚାର ସମୟରେ ନୂଆପଡାର ପ୍ରତ୍ୟେକ ପଞ୍ଚାୟତ ଓ ଏନଏସି ଅଞ୍ଚଳକୁ ଯାଇଥିଲେ ଓ ପ୍ରତ୍ୟେକ ସ୍ଥାନରେ ବିଜୁ ଜନତା ଦଳ ପ୍ରତି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଓ ଭଲପାଇବା ଥିବା ଦେଖିଥିଲେ । ନିର୍ବାଚନ ପ୍ରଚାର ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦଳର ନେତା ଓ କର୍ମୀ ମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କ ମନୋବଳକୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରାଯାଉଥିଲା। ଏହାର ଅଭିଯୋଗ ବାରମ୍ବାର ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ଆଗରେ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ସାଇଲେଣ୍ଟ ପିରିଅଡରେ ନିର୍ବାଚନ ଆଚରଣ ବିଧିକୁ ସମ୍ମାନ ଜଣାଇ ବିଜେଡିର ନେତାମାନେ ନୂଆପଡା ଛାଡି ଦେଇଥିବା ବେଳେ ବିଜେପିର ନେତାମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟରେ ଲିପ୍ତ ରହିଥିଲେ । ବିଜେଡି ପକ୍ଷରୁ ଏହାର ଅଭିଯୋଗ ସ୍ଥାନୀୟ ପୁଲିସ ଷ୍ଟେସନରେ

■ ଭୋଟ ରିଗିଂ ପଛରେ ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀ
■ ଭୋଟରେ ପ୍ରତିଫଳିତ ହୋଇନାହିଁ ବିଜେଡିକୁ ମିଳିଥିବା ସମର୍ଥନ
■ ନୂଆପଡ଼ାବାସୀଙ୍କ ସ୍ୱାର୍ଥ ପାଇଁ ସବୁବେଳେ ଲଢେଇ କରିବି

କରାଯିବା ପରେ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ଆର୍ମ୍ସ ଆକ୍ଟ ଲଗାଇ ଜେଲକୁ ପଠାଯାଇଥିଲା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସେହିପରି ନିର୍ବାଚନ ଦିନ ଭୋଟିଂ ସମୟରେ ବୁଥ୍ ଗୁଡିକରେ ବିଜେପି କର୍ମୀମାନେ ବୁଥ୍ ଭିତରେ ପସି କ୍ୟାମ୍ପେନିଂ କରିବା ସହିତ ଭୋଟର ମାନଙ୍କୁ ପଦ୍ମଫୁଲରେ ଭୋଟ ଦେବା ପାଇଁ ଏକ ପ୍ରକାର ବାଧ୍ୟ କରୁଥିଲେ। ଏହାର ଅଭିଯୋଗ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଶୁଣି ନଥିଲେ। ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା । ୪୯ଟି ବୁଥରେ ୯୦ ପ୍ରତିଶତରୁ ଅଧିକା ଭୋଟିଂ ହୋଇଥିଲା। ଭୋଟିଂ ଶେଷ ହେବା ବେଳେ ଅର୍ଥାତ ସନ୍ଧ୍ୟା ୫ଟା ସମୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା । ସନ୍ଧ୍ୟା ୭ଟା ସମୟରେ ଭୋଟିଂ ୭୭ ପ୍ରତିଶତ ହୋଇଛି ବୋଲି ସୂଚନା ଦିଆଗଲା । କିନ୍ତୁ ପରଦିନ ଦିବା ୧୦ ଘଟିକା ସମୟରେ ୮୧ ପ୍ରତିଶତ ଓ ୧୨ଟା ସମୟରେ ୮୩.୪୫ ପ୍ରତିଶତ ଭୋଟିଂ ହୋଇଛି ବୋଲି କୁହାଗଲା। ଏଥିରୁ ଭୋଟ୍ ଜାଲିଆତିର ଆଭାସ ମିଳୁଛି। ଶ୍ରୀମତୀ ଛୁରିଆ ଆହୁରି କହିଥିଲେ ଯେ ନୂଆପଡାବାସୀଙ୍କ ସମର୍ଥନ ବିଜୁ ଜନତା ଦଳ ପ୍ରତି ରହିଥିଲା। ମାତ୍ର ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀଙ୍କୁ ହାତବାରିସୀ କରି ଭୋଟ ରିଗିଂ କରି ବିଜେପି ବିଜୟୀ ହୋଇଛି। ନୂଆପଡାବାସୀ ତାଙ୍କୁ ଓ ନବୀନ ପଟ୍ଟନାୟକଙ୍କ ପ୍ରତି ଦେଇଥିବା ସମର୍ଥନ ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ଯେ ପ୍ରଶାସନିକ କଳକୁ ହାତବାରିସୀ କରି ବିଜେପି ହୁଏତ ନୂଆପଡା ଆସନକୁ ହାତେଇବା ପାଇଁ ସଫଳ ହୋଇଥାଇ ପାରେ, କିନ୍ତୁ ନୂଆପଡାବାସୀଙ୍କ ସମର୍ଥନ ଶ୍ରୀମତୀ ଛୁରିଆ ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ରହିଛି। ସେଥିପାଇଁ ନୂଆପଡ଼ାବାସୀଙ୍କୁ ଦଳ ପକ୍ଷରୁ ଆମେ କୃତଜ୍ଞତା ଜଣାଉଛୁ ବୋଲି ସେ ମତବ୍ୟକ୍ତ କରିଥିଲେ।

# ଦଳର ବିଭୀଷଣଙ୍କୁ ଭକ୍ତଙ୍କ ନାଲିଆଖି

ଭୁବନେଶ୍ୱର,୧୬ ।୧୧(ସମିସ): ସବୁ ଦଳରେ ବିଭୀଷଣଅଛନ୍ତି। କଂଗ୍ରେସରେମଧ୍ୟ କିଛି ବିଭୀଷଣ ଭଳି ଆତ୍ମଘାତୀ କାର୍ଯ୍ୟ କରି ଦଳର କ୍ଷତି କରିଛନ୍ତି। ନିର୍ବାଚନ ସମୟରେ ଦଳ ଏବଂ ତାଙ୍କ ବିରୋଧରେ ଅପପ୍ରଚାରର ବନ୍ୟା ସୃଷ୍ଟି କରାଯାଇଥିଲା। ଦଳରେ ଥାଇ ଆତ୍ମଘାତୀ କାର୍ଯ୍ୟ କରି ଦଳକୁ କ୍ଷତି ପହଞ୍ଚାଇଥିବା ବିଭୀଷଣମାନଙ୍କୁ କଦାପି ଛଡ଼ାଯିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ନୂଆପଡ଼ା ଉପନିର୍ବାଚନ ପରେ ଶ୍ରୀ ଦାସ ରବିବାର ଭୁବନେଶ୍ୱର ଫେରି ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସରେ ଥିବା କୁଚକ୍ରୀ ବିଭୀଷଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ଭକ୍ତ କହିଛନ୍ତି, କଂଗ୍ରେସ ନୂଆପଡ଼ାରେ ଉତ୍ତମ ଭାବରେ ନିର୍ବାଚନ ପରିଚାଳନା କରିଥିଲା। କଂଗ୍ରେସର ପ୍ରଚାରରେ ଜନସମର୍ଥନ ଦେଖି ବିଜେପି ଭୟଭୀତ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହୋଇ ବଳକା ଖାଦ୍ୟ ଖାଇ ୧୭ଟି ଗାଈ ମରିଯିବା ଯୋଗୁଁ ବିଜେପି ଦଳ ନିରୁତ୍ସାହିତ ହୋଇ ଯାଇଥିଲା। ତେଣୁ ବିଜେପି ରଣନୀତି ବଦଳାଇ ମାଳମାଳ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପ୍ରଚାର କାର୍ଯ୍ୟରେ ଲଗାଇଲା। ଦୁଇଜଣ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ଲଗାତାର ତୋଫାନୀ ସଭା କଲେ। ଏପରିକି ଶହଶହ ଗାଡ଼ିଘୋଡ଼ା, ଗୀତବାଦ୍ୟ, ଯାତ୍ରା, ଅର୍କେଷ୍ଟ୍ରା ପାର୍ଟି ଆଦି ଆଣି ଦିନ ତମାମ ସମ୍ପୂର୍ଣ ରାସ୍ତା ଅବରୋଧ କରିଥିଲେ। ବିଜେପି ଗୋଟେ ଗୋଟେ ଦିନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ, ସମ୍ପୂର୍ଣ ନିର୍ବାଚନ ପୁଲିସ ପରିଚାଳନା କରୁଥିଲା। ଏହାର ପରିଣାମ ସ୍ୱରୂପ ବିଜେପି ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ବିଜୟୀ ହେବା ପରେ ଆଇଜି ହିମାଂଶୁ ଲାଲ୍‌ଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। ଏଥିରୁ ନୂଆପଡ଼ା



■ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ପିସିସି ସଭାପତି
■ ଏହା ଉପନିର୍ବାଚନ ନୁହେଁ; ଗଣତନ୍ତ୍ର ପ୍ରତି ଉପହାସ ଥିଲା
■ ହିମାଂଶୁ ଲାଲ୍‌ଙ୍କଠୁ ଜୟ ଆଶୀର୍ବାଦ ନେବାକୁ ସମାଲୋଚନା

ଉପନିର୍ବାଚନରେ ପୁଲିସର ଭୂମିକା କ'ଣ ଥିଲା, ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି। ହିମାଂଶୁ ଲାଲ୍ ଆଶୀର୍ବାଦ ଦେଲେ ଏବଂ ଜୟ ଢୋଲକିଆ ଭୋଟ୍ ପାଇଲେ ବୋଲି ଭକ୍ତ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ପାଇଥିବା ଭୋଟ ସଂଖ୍ୟାରେ ସେ ସନ୍ତୁଷ୍ଟ ବୋଲି ଭକ୍ତ କହିଛନ୍ତି। କାରଣ ମୃତ୍ୟୁବରଣ କରିଥିବା ବିଜେଡି ବିଧାୟକଙ୍କ ପୁଅ ଶାସକ ଦଳ ପ୍ରାର୍ଥୀ ହୋଇଥିଲେ। ସରକାରୀ କଳର ସମ୍ପୂର୍ଣ ଅପବ୍ୟବହାର କରାଯାଇଥିଲା। ଅଭୂତପୂର୍ବ ଭାବେ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସମସ୍ତ ମନ୍ତ୍ରୀ, ବିଧାୟକ ପ୍ରଚାରରେ ନିଯୁକ୍ତ ହୋଇଥିଲେ। ଯେଉଁ ସ୍ଥାନରେ ଟଙ୍କା କାମ ଦେଲାନାହିଁ, ସେ ସ୍ଥାନମାନଙ୍କରେ ବିଜେପି ବିଭିନ୍ନ ଉପାୟରେ ଭୋଟ ଚୋରି କଲା। କଂଗ୍ରେସ ପାଇଁ ଏଭଳି ଉପନିର୍ବାଚନରେ ଉପଲବ୍ଧ କେବେ ମିଳି ନ ଥିଲା। ଏହି ଉପନିର୍ବାଚନ କଂଗ୍ରେସର ଆଶା ଓ ମନୋବଳକୁ ଦୃଢ଼ କରିଛି। ବିଜେପି ନିର୍ବାଚନ ପ୍ରଚାରକୁ କିଭଳି ମୁକାବିଲା କରାଯିବ, ଆମେ ଏଥିରୁ ମଧ୍ୟ ଶିକ୍ଷାଲାଭ କଲୁ ବୋଲି ଭକ୍ତ କହିଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ନିର୍ବାଚନ ଯେପରି ଲଢ଼ାଯାଏ କଂଗ୍ରେସ ସେପରି ଦାୟିତ୍ୱରେ ଥିବା ସମସ୍ତ କର୍ମୀ, କର୍ମକର୍ତ୍ତା ଏବଂ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ସୁଚାରୁ ରୂପେ ନିର୍ବାଚନ ପରିଚାଳନା କରିଥିଲା। ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲା। ଦଳ ପକ୍ଷରୁ କୌଣସି ଅବହେଳା ହୋଇ ନାହିଁ। କିନ୍ତୁ ବିଜେପିର ଅନୀତିଯୁକ୍ତ ପ୍ରଚାର ସହ କଂଗ୍ରେସ ସମକକ୍ଷ ହୋଇପାରିଲା ନାହିଁ। ଗୋଟେ ଉପନିର୍ବାଚନ ପାଇଁ ସରକାରଙ୍କ ଏଭଳି ଜିଦ୍ ଏବଂ ଶାସନର ଦୁରୁପଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି କହିଛନ୍ତି।

# ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ଫୁଲବାଣୀ/ଫିରିଙ୍ଗିଆ, ୧୬।୧୧ (ସମିସ): କନ୍ଧମାଳ ପୁଲିସ ନିକଟରେ ଆଜି ଏକ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଛତିଶଗଡ଼ ସୁକମା ଜିଲ୍ଲା ପାରଲାଗାଟା ଗ୍ରାମର ଉଙ୍ଗା କଲମା ଓରଫ କିଶୋର(୨୫) ଓ ସୁକମା ଜିଲ୍ଲା ବାଜେ ଥାନା ଗୁମୁ ପଞ୍ଚାୟତର କିଣ୍ଡରାମ ଗ୍ରାମର ମାସେ ମାଣ୍ଡଭୀ (୨୨)। ସେମାନେ ୨୦୧୮ ମସିହାରେ ଲାଲବାହିନୀରେ ଯୋଗଦେଇ ବଂଶଧାରା-ଘୁମୁସର-ନୟାଗଡ଼ (ବିଜିଏନ) ସଙ୍ଗଠନରେ ପାର୍ଟି ମେମ୍ବର ଭାବେ କାମ କରୁଥିଲେ। ଦକ୍ଷିଣ-



କେନ୍ଦ୍ର ଓଡ଼ିଶା ମଧ୍ୟ ଦେଇ ଲାଲବାହିନୀର ଉତ୍ତର-ଦକ୍ଷିଣ କରିଡର୍‌କୁ ପୁନଃ ସକ୍ରିୟ କରିବା ପାଇଁ ସେମାନେ କାମ କରୁଥିଲେ ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର ପ୍ରକାଶ କରିଛନ୍ତି। ସେମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘଟିତ ଅନେକ ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଥିବା କନ୍ଧମାଳ ଏସ୍‌ପି ହରିଣ ବିଶି କହିଛନ୍ତି।

ମାଓ ସଙ୍ଗଠନର ମିଥ୍ୟା ପ୍ରତିଶ୍ରୁତି, ହିଂସାତ୍ମକ କାର୍ଯ୍ୟକଳାପ, ନିର୍ଯାତନା, ବିକାଶକୁ ବିରୋଧ ଭଳି ଜନବିରୋଧୀ କାର୍ଯ୍ୟ ପ୍ରତି ବୀତସ୍ପୃହ ହେବା ସହିତ ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ଥଇଥାନ ପ୍ୟାକେଜ ଦ୍ୱାରା ପ୍ରଭାବିତ ହୋଇ ସଙ୍ଗଠନ ଛାଡିବା ସହ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିବା ଉଭୟ ପ୍ରକାଶ କରିଛନ୍ତି।

ଅପରପକ୍ଷେ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଆଇଜି ନିତିଶେଖର। ଏଥିସହ ବାଲିଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗୁରମାଲା ଗ୍ରାମ ନିକଟରେ ଡିଭିଏଫ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିବା ସୂଚନା ଦେଇଛନ୍ତି ଆଇଜି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୪ଟି ମୋର୍ଟାର ସେଲ, ୩ଟି ଡିଟୋନେଟର, ଟିଫିନ ବକ୍ସ, ବିଦ୍ୟୁତ ତାର ସହିତ ଖାଦ୍ୟ ସାମଗ୍ରୀ, ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହେଲା ସ୍ୱତନ୍ତ୍ର ମାର୍ଗଦର୍ଶିକା: ଦଣ୍ଡନାଚରେ ଦ୍ୱିଅର୍ଥବୋଧକ ଶବ୍ଦକୁ ନା

ବ୍ରହ୍ମପୁର,୧୬ ।୧୧(ସମିସ): ଗଞ୍ଜାମର ଗଣପର୍ବ ଦଣ୍ଡନାଚରେ କ୍ରମଶଃ ଅଶ୍ଳୀଳତା ଓ ଅପସଂସ୍କୃତି ପ୍ରବେଶ କରୁଛି। ଏହା ଲୋକଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରୁଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହା ବିରୋଧରେ ପ୍ରଶାସନିକସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଆସୁଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ଦଣ୍ଡନାଚରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସାମାଜିକ ତତ୍ତ୍ୱର ନିରାକରଣ ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି।



ଧୂଳିଦଣ୍ଡ ସମୟରେ ପାରମ୍ପାରିକ ଡଗଡ଼ମାଳି ଓ ଲୋକସଙ୍ଗୀତର ବ୍ୟବହାରକୁ ଯଦିଓ ଅନୁମତି ମିଳିଛି, ଦ୍ୱିଅର୍ଥବୋଧକ ଶବ୍ଦର ପ୍ରୟୋଗକୁ ନିଷିଦ୍ଧ କରାଯାଇଛି। ରାତ୍ରି ସମୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ କେବଳ ପାରମ୍ପରିକ କଳାକୁ ଅନୁମତି ଦିଆଯାଇଛି। ବ୍ଲକ୍/ମହାନଗର ନିଗମ ସ୍ତରରେ କମିଶନର, ତହସିଲଦାର, ବିଡିଓ, ଥାନା ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘକୁ ନେଇ ଏକ କମିଟି ଗଠନ କରାଯିବ। ପ୍ରତିବର୍ଷ ଦଣ୍ଡନାଚ ଆରମ୍ଭ ପୂର୍ବରୁ ଦଣ୍ଡନାଚର ମୁଖ୍ୟ ପରିଚାଳକଙ୍କୁ ନେଇ ବୈଠକ କରାଯାଇ ପ୍ରଶାସନ ପକ୍ଷରୁ ଜାରି ଦଣ୍ଡନାଚର ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ନେଇ ଆଲୋଚନା କରାଯିବ। ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କଠାରୁ ଅନୁମତି ନେବେ। ଅନୁମତିପତ୍ରରେ ଦଣ୍ଡନାଚର ସବିଶେଷ ତଥ୍ୟ ଯଥା ନାଟକ

## ଖିଲାପ କଲେ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ

ସମ୍ପର୍କିତ ସମ୍ପୂର୍ଣ୍ଣ ବିବାରଣୀ, କଳାକାରଙ୍କ ନାମ ଓ ଠିକଣା, କେତେଦିନ ଓ କେଉଁ ସ୍ଥାନରେ ଦଣ୍ଡନାଚ ପରିବେଷଣ କରାଯିବ, ସେନେଇ ମଧ୍ୟ ତଥ୍ୟ ପ୍ରଦାନ କରିବାକୁ ହେବ। ଦଣ୍ଡନାଚ ପରିବେଷଣ ସମୟରେ ମାର୍ଗଦର୍ଶିକାର ଉଲ୍ଲଂଘନ ହେଲେ, ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ କଳା ଓ ସଂସ୍କୃତି ପ୍ରେମୀଙ୍କ ସହିତ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ

କେନ୍ଦୁଝର, ୧୬ ।୧୧ (ସମିସ): କେନ୍ଦୁଝର ସଦର ଥାନା ଅଞ୍ଚଳରେ ୯ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପଶ୍ଚିମବଙ୍ଗ ବାଙ୍କୁରା ଅଞ୍ଚଳର ଅସିଫ୍ ଅନୱାର୍ ଖାନ୍‌କୁ କାଶୀପୁର ନିକଟରୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁସାରେ, ପୀଡ଼ିତାଙ୍କ ବାପାଙ୍କ ଗାଁରେ ଏକ ଗ୍ରୋସରୀ ଦୋକାନ ଅଛି। ଅସିଫ୍ ସେ ଅଞ୍ଚଳର ଦୋକାନଗୁଡ଼ିକରେ ପାଉଁରୁଟି ବିକିବାକୁ ଯାଇଥାଏ। ଗତକାଲି ମଧ୍ୟ ପାଉଁରୁଟି ବିକିବା ପାଇଁ ଯାଇଥିବା ବେଳେ ଦୋକାନ ବନ୍ଦ ଥିବାରୁ ସେ ପୀଡ଼ିତାଙ୍କ ଘରକୁ ଯାଇଥିଲା। ଘରେ କେହି ନଥିବା ଦେଖି ନାବାଳିକାଙ୍କ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ନାବାଳିକାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଛନ୍ତି।

■ ଆଇନଜୀବୀ ପୀତବାସ ହତ୍ୟା ମାମଲା

# ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କ ଟିଆଇ ପରେଡ୍ ଆଜି

ବ୍ରହ୍ମପୁର, ୧୬।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ୍ ଯୋଗୀର ସୋମବାର ବ୍ରହ୍ମପୁର ଜେଲ୍‌ରେ ଟିଆଇ ପରେଡ୍ ହେବ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ତଥା ଟାଉନ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଅନୁମତି ଦେଇଥିବା ଜଣାପଡ଼ିଛି। ସୋମବାର ଆକାଶ ବିଷୋୟୀ ଓ ଏନ୍ କିରଣ କୁମାରଙ୍କ ସମେତ ୩ରୁ ଊର୍ଦ୍ଧ୍ୱ ସାକ୍ଷୀ ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କୁ ଟିଆଇ ପରେଡ୍‌ରେ ଚିହ୍ନଟ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଗତ ଶନିବାର ଗିରଫ ୫ ଅଭିଯୁକ୍ତ ଶିଶୁପାଳ କୁମାର ପାଶ୍ୱାନ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ବିପିନ ସ୍ୱାଇଁ ଓ ଉମା ଶଙ୍କର ବିଶୋୟୀଙ୍କ ଟିଆଇ ପରେଡ୍ ହୋଇଥିଲା।

ହତ୍ୟାକାଣ୍ଡ ଦିନ ଚିଣ୍ଟୁ ବାଇକ୍ ଚଳାଉଥିବା ବେଳେ କୁରୁପତି ଗୁଳି ଚଳାଇଥିଲା ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏପରିକି, ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ ମଧ୍ୟ କରାଯାଇଥିଲା। କିନ୍ତୁ କୋର୍ଟଚାଲାଣ ବେଳେ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ତେଣୁ, ବର୍ତ୍ତମାନ ଟିଆଇ ପରେଡ୍ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠିଛି।

## ବଳଦେବ ଜୀଉ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା

# ପାରିପାର୍ଶ୍ୱିକ ଉନ୍ନତୀକରଣ ଉପରେ ପୂର୍ତ୍ତ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୬ ।୧୧(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ ହରିଚନ୍ଦନ ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱର୍କ ଉନ୍ନତି ନେଇ ଏକ ସମୀକ୍ଷା ବୈଠକ କରାଯାଇଛି। ବୈଠକରେ ମୁଖ୍ୟ



ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାଶ୍ୱରିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ଏହି କ୍ରମରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ମନ୍ଦିରର ଆବଶ୍ୟକ ମରାମତି, ପାରିପାଶ୍ୱର୍କ ଉନ୍ନତି ସହ ଆନନ୍ଦବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତିକରଣ ନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡି ନକ୍ସାର ତର୍ଜମା କରାଯାଇଛି। ଏଥି ସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୁଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଓ ମନ୍ଦିର ସେବାୟତ ମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ବଳଦେବ ଜୀଉ ମନ୍ଦିର ଓ ପାରିପାଶ୍ୱର୍କ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

NOTICE (for Minor)
By virtue of an affidavit sworn before The Executive Magistrate, Udala, Mayurbhanj, dated 14-11-2025 I, Bariyal Hembram, Address AT- Jamgandia, PO- Paktia, PS-Jharpokharia, Dist- Mayurbhanj, PIN-757093 declare that I have changed the name of my son from Gabinda Murmu to Gobinda Hembram. Henceforth, he shall be known as Gobinda Hembram for all purposes.
Bariyal Hembram

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• D. Pharm
Rs. 48,000/- P.A.
Eligibility: +2 Sc. (PCB/M)
• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)
• M.P.H.
Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL

## ଅବଶିଷ୍ଟାଂଶ

### ଋଣ ଚାପରେ...

ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଗତ ଦଶନ୍ଧିରେ ଉତ୍ତମ ଆର୍ଥିକ ପରିଚାଳନା ନିମନ୍ତେ ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ପରି ତିନିଟି ରାଜ୍ୟର ଜିଏସ୍‌ଡ଼ିପି ଓ ଋଣ ଅନୁପାତ ଭଲ ଥିବା କୁହାଯାଇଛି। ଓଡ଼ିଶାର ଋଣ ଓ ଜିଏସ୍‌ଡିପି ଅନୁପାତ ୧୪ % ମଧ୍ୟରେ ଥିବାବେଳେ ଗୁଜରାଟରେ ୧୫.୩% ଓ ମହାରାଷ୍ଟ୍ରରେ ୧୯% ରହିଥିବା କୁହାଯାଇଛି।

ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ (ଅକ୍ଟୋବର-ଡ଼ିସେମ୍ବର) ମଧ୍ୟରେ ଦେଶର ୨୬ଟି ରାଜ୍ୟ ବଜାରରୁ ୨.୮୭ ଲକ୍ଷ କୋଟି ଟଙ୍କା ଓ ଶେଷ ତ୍ରୟମାସିକ ପାଇଁ ପ୍ରାୟ ସମାନ ପରିମାଣର ଋଣ ଉଠାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସମ୍ପ୍ରତି ଦେଶର ରାଜ୍ୟ ସମୂହର ଋଣ ଓ ଜିଏସ୍‌ଡିପିର ହାରାହାରି ଅନୁପାତ ୨୮.୮% ପହଞ୍ଚିଥିବାବେଳେ ଆର୍ଥିକ ବର୍ଷ ଶେଷ ବେଳକୁ ଏହା ୩୧% ଅତିକ୍ରମ କରିବାର ଆଶଙ୍କା ରହିଛି। ଯାହା ରାଜ୍ୟଗୁଡ଼ିକର ବିକାଶ ହାରକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଛିଡୁନି ବିହାର...

କରିବାକୁ ଦାବି କରିଥିବା ଜଣାପଡ଼ିଛି। ଗତ ମନ୍ତ୍ରିମଣ୍ଡଳରେ ବିଜେପିର ୧୯ ଏବଂ ଜେଡିୟୁର ୧୩ ଜଣ ମନ୍ତ୍ରୀ ଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପିର ଦୁଇ ନେତା ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନାଙ୍କୁ ଏହି ପଦରେ ରଖାଯିବା ନେଇ କିଛି ନିଶ୍ଚିତ ହୋଇନାହିଁ। ଏନଡିଏ ନେତାମାନଙ୍କ ମଧ୍ୟରେ ଏସଂପର୍କରେ ବିଚାର ଆଲୋଚନା ଚାଲିଛି। ମଙ୍ଗଲ ପାଣ୍ଡେ ଓ ରଜନୀଶ କୁମାରଙ୍କ ମଧ୍ୟରୁ ଜଣଙ୍କୁ ଉପ- ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ହେଉଛି। ବିହାରା ବିଧାନସଭା ନିର୍ବାଚନରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ଜେଡିୟୁ ୮୫, ଏଲ୍‌ଜେପି (ଆର) ୧୯, ହାମ୍‌ସ ୫ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ଟି ଆସନ ହାସଲ କରିଛନ୍ତି।

### ଭଉ ଟଙ୍କା ପାଇଁ...

ହୋଇଥିଲା। ଏହା ଦେଖି ପାଖରେ ଥିବା ବଡ଼ଭାଇ ପ୍ରକାଶ ଓ ତପନ ବିରୋଧ କରିବାରୁ ରମେଶ ସେମାନଙ୍କୁ ଆକ୍ରମଣ କରିଥିଲା। ଏ ସଂପର୍କରେ ମା' ହେମ ସାହୁ ଓ ଅନ୍ୟ ୩ ଭାଇ ଘଟଣା ସମ୍ପର୍କରେ ଥାନାରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆପୋଷ ସମାଧାନ କରି ଫେରିଥିଲା। କିନ୍ତୁ ଏହାକୁ ନେଇ ମନେମନେ ରମେଶ ଭୀଷଣ ରାଗି ଯାଇଥିଲା। ତେଣୁ ବିଳମ୍ବିତ ରାତିରେ ସେ ପ୍ରଚୁର ମଦ ପିଇ ଘରକୁ ଫେରିଥିଲା। ପଦ୍ମନାଭ ଏକୁଟିଆ ଶୋଇଥିବା ଦେଖି ତାଙ୍କ ପେଟରେ ଛୁରି ଭୁସି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଏ ସଂପର୍କରେ ପରିବାରଲୋକେ ଟେର୍ ପାଇନଥିଲେ। ସକାଳୁ ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ରମେଶକୁ ଅଟକ ରଖି ତଦନ୍ତ କରୁଛି।

### ଧରାପଡ଼ି ନାହାନ୍ତି...

ନ ଦେବାକୁ ଗତ ମାର୍ଚ୍ଚ ମାସ ୧ ତାରିଖରେ ଚୌଦ୍ୱାରା ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ଚିଫ୍ ୱାର୍ଡର ଭଗତଙ୍କ ଉପରୁ ମାତ୍ର ୧୫ ଦିନ ପରେ ନିଲମ୍ବନ ଆଦେଶ ହଟାଯାଇ ପୁଣିଥରେ କେନ୍ଦ୍ରାପଡ଼ା ଜେଲ୍‌ରେ ଅବସ୍ଥାପିତ କରାଯାଇଛି। ଚୌଦ୍ୱାର ଜେଲ୍‌ରୁ ଯେଉଁଦିନ ଅଭିଯୁକ୍ତଦ୍ୱୟ ଫେରାର୍ ହେଲେ, ଉକ୍ତ ଦିନ ଭଗତ ଚିଫ୍ ୱାର୍ଡର ଡ୍ୟୁଟିରେ ଥିଲେ। ରାତି ସମୟରେ ସେ ଡ୍ୟୁଟି ନ କରି ଜେଲ୍‌ର ମେଡିକାଲ ରୁମ୍‌ରେ ଶୋଇଥିବା ସଙ୍ଗୀନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଗଲା। ଏଭଳି ଦାୟିତ୍ୱହିନତା ସତ୍ତ୍ୱେ ବି ଜେଲ୍ ବିଭାଗ ତାଙ୍କୁ ମାତ୍ର ୧୫ ଦିନରେ ପୁନଃ ଅବସ୍ଥାପିତ କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୫ ଡିଗ୍ରୀକୁ ଖସିଲା...

ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୧ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱର ତାପମାତ୍ରା ୧୩ ଡିଗ୍ରୀ ଓ ସ୍ୱାଭାବିକ ତୁଳନାରେ ୬.୪ ଡିଗ୍ରୀ ତଳେ ରହିଥିବାରୁ ଏହି ଦୁଇ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟ ସହରଗୁଡ଼ିକ ଯଥା ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀ, ସେମିଳିଗୁଡ଼ିରେ ୭.୪, ଫୁଲବାଣୀରେ ୯ ଡିଗ୍ରୀ ରେକର୍ଡ ହୋଇଛି। ରାଉରକେଲା ୧୦.୨, ଝାରସୁଗୁଡା ୧୦.୬, କେନ୍ଦୁଝର ୧୦.୮, ସମ୍ବଲପୁର ୧୪.୨, ହୀରାକୁଦ ୧୫.୩, ବାଲେଶ୍ୱର ୧୫.୪, ଗୋପାଳପୁର ୧୫.୭, ଚାନ୍ଦବାଲି ୧୫.୮, ପାରାଦୀପ ୧୫.୮ ଓ ପୁରୀ ରେ ତାପମାତ୍ରା ୧୭.୮ ଡିଗ୍ରୀ ରେକର୍ଡ ହୋଇଛି। ତାପମାତ୍ରା ହ୍ରାସ ପ୍ରଭାବରେ ଆଭ୍ୟନ୍ତରୀଣରୁ ନେଇ ଉପକୂଳ, ପଶ୍ଚିମରୁ ନେଇ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ଲହରୀ ଦେଖିବାକୁ ମିଳୁଛି। ଏଭଳି ସ୍ଥିତି ଆଗାମୀ ୨ ଦିନ ଯାଏଁ ଅର୍ଥାତ ୧୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ୨-୩ ଡିଗ୍ରୀ ବଢ଼ିବା ସହ ଶୀତର ପରିମାଣ ସାମାନ୍ୟ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ମାତ୍ର ଏହି ସମୟରେ ପଶ୍ଚିମ ସହ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ପୂର୍ବ ଭଳି ଥଣ୍ଡା ଅନୁଭୂତ ହେବ। ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ତାମିଲନାଡୁ ଓ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ରୟାଲସୀମାରେ ଆଜି ଓ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ନଥିବା ବେଳେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ଯୋଗୁଁ ଥଣ୍ଡା କମିବାର ସମ୍ଭାବନା ରହିଛି।

ସର୍ବସାଧାରଣ ସୂଚନା
ଓମେଗା ଏଣ୍ଟରପ୍ରାଇଜେସ୍, ସରଣ୍ଡାମାଳ ପଥର ଖଣି -୨ ର ଲିଜ୍ ଧାରକ ଯାହାର ପ୍ରକଳ୍ପକୁ ତୁରନ୍ତ EC ପ୍ରଦାନ କରାଯାଇଛି ଏବଂ EC ଚିଠିର କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (www.parivesh.nic.in) ରେ ଉପଲବ୍ଧ।

NOTICE
It is hereby noticed to all concerned that the partnership firm M/s SARALA SERVICE STATION bearing Reg. No. 470/2012 of District Cuttack is reconstituted with effect from the 3rd November 2025 as follows :-
1. Shri. Rajendra Kumar Sahoo ............... Retiring Partner.
2. Shri. Manas Ranjan Sahoo ............... Incoming Partner.
3. Shri. Chandra Shekhar Sahoo ............... Existing Partner
Shri. CHANDRA SHEKHAR SAHOO
Managing Partner

ସକାଳ THE SAKALA



## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ରିଆମାଳ, ୧୬।୧୧(ସମିସ): ରିଆମାଳ ଥାନା ଅଧୀନ ବୁଡିଦୋ ଗାଁର ତଳସାହିରେ ମା' ସହ ଯୁକ୍ତିତର୍କ ପରେ ମା'ର ଶାଢ଼ୀରେ ଓହଳି ପୁଅ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ମୃତକ ବୁଡିଦୋ ଗାଁର ସ୍ୱର୍ଗତ ରତ୍ନାକର ଦେହୁରୀଙ୍କ ପୁଅ ଯୁଧିଷ୍ଠିର ଦେହୁରୀ (୨୩) ବୋଲି ଜଣାପଡ଼ିଛି। ଗତ ଶନିବାର ମା' ସାବିତ୍ରୀ ଦେହୁରୀଙ୍କ ସାଙ୍ଗରେ ବାଇପାସ୍ ଟଙ୍କାକୁ ନେଇ ଯୁଧିଷ୍ଠିରଙ୍କ ଯୁକ୍ତିତର୍କ ହୋଇଥିଲା। ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ସାବିତ୍ରୀଙ୍କ ଶାଢ଼ୀକୁ ବେକରେ ଲଗାଇ ଓହଳି ପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଛତାବର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ବାବଦରେ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼, ୧୬।୧୧(ସମିସ): ରିଆମାଳ ବ୍ଲକ ସଦର ମହକୁମାରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରିଆମାଳ ସ୍ଥିତ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗ ଦେଇ ଜନସାଧାରଣ ଆଣିଥିବା ୧୭ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ଶୁଣିଥିଲେ। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନରେ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ କରିଥିଲେ। ଭତ୍ତା, ଘର, ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ନେଇ ରିଆମାଳ ବ୍ଲକର ବିଭିନ୍ନ ଗାଁରୁ ଲୋକ ଅଭିଯୋଗ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିଲେ।

## ନାନୋ ୟୁନିକର୍ନ ଯୋଜନା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ

ଦେବଗଡ଼, ୧୬।୧୧(ସମିସ): ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀଙ୍କ ଆବାହକତ୍ୱରେ ରବିବାର ସରକାରୀ ବହୁବୃତ୍ତି ଅନୁଷ୍ଠାନ ଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ନାନୋ ୟୁନିକର୍ନ ଯୋଜନାର ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଉଦ୍ୟମୀତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ କେ.ରୋଜା ଦୋରା ସରକାରଙ୍କ ଏହି ଯୋଜନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଓ ଅତିରିକ୍ତ ଜିଲ୍ଲାପାଳ ବିଲୁଙ୍ଗ ଯୋଜନାର ହିତାଧିକାରୀ ମାନଙ୍କୁ ପ୍ରଶିକ୍ଷଣ ନେଇ ଜଣେ ସଫଳ ଉଦ୍ୟମୀ ହେବ ନିମନ୍ତେ ପରାମର୍ଶ ଦେଇଥିଲେ। ନାନୋ ୟୁନିକର୍ନ ମାନଙ୍କୁ ପାଠ୍ୟ ପୁସ୍ତକ ବିତରଣ ସହ ଏହି ୧୦ ଦିନିଆ ପ୍ରଶିକ୍ଷଣର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ସରକାରୀ ବହୁବୃତ୍ତି ଅନୁଷ୍ଠାନର ଅଧ୍ୟକ୍ଷ ବସନ୍ତ ସନ୍ୟାସୀ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଅନୁଷ୍ଠାନର ବହୁ ଅଧ୍ୟାପକ ଅଧ୍ୟାପିକା ତଥା ଜିଲ୍ଲା ଦକ୍ଷତା ଏବଂ ନିଯୋଜନ କାର୍ଯ୍ୟାଳୟର ବିଭିନ୍ନ କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ବିଶ୍ୱ ନିମୋନିଆ ଦିବସ

ଦେବଗଡ଼, ୧୬।୧୧(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବଂଶୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ରବିବାର ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମାସାଙ୍ଗ ମୁର୍ମୁ, ଆୟୁଷ ଡାକ୍ତର ସମ୍ବିତ ପ୍ରଧାନ, ଭାରପ୍ରାପ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ନିମୋନିଆ ରୋଗର ଲକ୍ଷଣ, କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ମାନେ ନିମୋନିଆ ଯୋଗୁଁ ଶିଶୁ ମୃତ୍ୟୁ ସମ୍ଭାବନା ଥିବାରୁ ନିମୋନିଆ ଲକ୍ଷଣ ଦେଖାଯିବା ମାତ୍ରେ ଶିଶୁକୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ। ଏହି ସଚେତନତା ବୈଠକରେ ଜିଲ୍ଲାର ସମସ୍ତ ବ୍ଲକରୁ ଆଶା ଓ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।

## 'ଅଭିଭାବକ ଆମ ଅଂଶୀଦାର' କାର୍ଯ୍ୟକ୍ରମ

**କୋଲାବିରା, ୧୬।୧୧(ସମିସ):** କୋଲାବିରା ବ୍ଲକ ତରେଇଖେଲା ସେବାଶ୍ରମ ବିଦ୍ୟାଳୟ ପରିସରରେ 'ଅଭିଭାବକ ଆମ ଅଂଶୀଦାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରଧାନଶିକ୍ଷକ ପ୍ରସନ୍ନ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ଦୀନବନ୍ଧୁ ଧରୁଆ ଓ ସମ୍ମାନିତ ଅତିଥି ଭାବେ ମମତା ପ୍ରଧାନ, ସହଦେବ ବାଗ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରୋତ୍ତମ ଭୁଏ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଲିପନ ବେହେରା ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ଛାତ୍ରଛାତ୍ରୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା, ବିଦ୍ୟାଳୟରେ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଦିଗରେ ପିତାମାତାଙ୍କ ଭୂମିକା ସମ୍ପର୍କରେ ଅତିଥି ବୃନ୍ଦ ଦିଗଦର୍ଶନ ଦେଇଥିଲେ। ପରବର୍ତ୍ତୀ ଅଧିବେଶନରେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକାଙ୍କ ମଧ୍ୟରେ ପୃଥକ ପୃଥକ ଭାବେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଅୟୋଜନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଘରେ ପଶିଲା ଓପିଜିସି ପାଉଁଶ ପାଣି

**ଇବଥର୍ମାଲ, ୧୬।୧୧(ସମିସ)**

ବନହରପାଲି ନିକଟରେ ଓପିଜିସିର ତିଲିଆ ଆସପଣ୍ଡକୁ ଯାଇଥିବା ୩ୟ ଓ ୪ର୍ଥ ୟୁନିଟ୍ ଆସ୍ ପାଇପ ଫାଟିଯାଇଛି। ଫଳରେ ରବିବାର ପାଉଁଶ ପାଣି ନିକଟସ୍ଥ ଅଞ୍ଚଳରେ ଘର ମାନଙ୍କରେ ପଶିବା ସହ ଚାଷଜମି, ପୋଖରୀ, କୂଅ ସବୁଠି ମାଡ଼ି ଯାଇ ବ୍ୟାପକ କ୍ଷତି ଘଟାଇଛି। ଆଖପାଖ ସବୁ ଅଞ୍ଚଳରେ ପାଉଁଶ ପାଣି ପଶିଯାଇ ପରିବେଶର ପ୍ରଭୁତ କ୍ଷତି ହୋଇଛି। ସ୍ଥାନୀୟ ଲୋକଙ୍କ ଅନୁସାରେ ଆଜି ଭୋର ୩ଟା ଠାରୁ ପାଉଁଶ ପାଣି ମାଡ଼ି ଆସିଥିଲା। ଫଳରେ ଉମାଶଙ୍କର ସିଣ୍ଡ ଘରେ ତଥା ଦାଣ୍ଡରେ ଆସ୍ ପାଣି ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ସଦାକର ହାତୀଙ୍କ ଅଭିଯୋଗ ହେଲା ଯେ ତାଙ୍କ ଏବଂ ଆଖପାଖ ୪ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ପାଉଁଶ ପାଣି ପଡ଼ି ଫସଲ ନଷ୍ଟ ହୋଇଛି। ପାଉଁଶ ପାଣି ଏତେ ମାତ୍ରାରେ ବୋହି ଆସିଛି ଯେ ଏକ କୂଅ ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଗାଁ ପୋଖରିକୁ ମଧ୍ୟ ପାଉଁଶ ପାଣି ପଶି ପ୍ରଦୂଷିତ କରିଛି। ଏପରି ଘଟଣା ବାରମ୍ବାର ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏପରିକି ଘରେ ପାଉଁଶ ପାଣି ମାଡ଼ି ଯାଇ ଘର ଭାଙ୍ଗୁଥିବା ଦେଖା ଦେଇଛି। ଜଳାଶୟ ମାନଙ୍କୁ ଏହି ବିଷାକ୍ତ





ପାଣି ଦୂଷିତ କରୁଥିବାରୁ ସେ ଜଳ ବ୍ୟବହାର କଲେ ନାନାଦି ଚର୍ମରୋଗର ହେଉଛି। ୨୦୨୨ ନଭେମ୍ବରରେ ମଧ୍ୟ ସମାନ ଜାଗାରେ ୩-୪ ୟୁନିଟ୍‌ର ପାଉଁଶ ପାଇପ ଦୁଇଦିନ ବ୍ୟବଧାନରେ ଦୁଇ ଦୁଇ ଥର ଫାଟିଥିଲା। ବ୍ୟାପକ କ୍ଷତି ପରେ ଓପିଜିସି ବିରୋଧରେ ପ୍ରବଳ ଜନଅସନ୍ତୋଷ ଦେଖା ଦେଇଥିଲା। ଓପିଜିସିର ବଡ଼ ବଡ଼ ଅଧିକାରୀ ତତ୍କାଳୀନ ତହସିଲଦାରଙ୍କ ସହ କ୍ଷୟକ୍ଷତି ଆକଳନ କରିଥିଲେ। ଆଗକୁ ଏପରି ହେବ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗତବର୍ଷ ସେହି ସ୍ଥାନରେ ସମାନ ସ୍ଥିତି ଦେଖାଦେଇଥିଲା ଏବଂ ଲୋକଙ୍କୁ ମଧ୍ୟ ସମାନ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସତ୍ତ୍ୱେ ଆଜି ଲୋକେ ପୁଣି ଏପରି ଦଶା ଭୋଗିଛନ୍ତି। ଓପିଜିସିର ପ୍ରତିଶ୍ରୁତି ପାଣିର ଗାର ଏବଂ ଏହା ପାଉଁଶ ପାଣିରେ ବୋହି ଯାଇଛି ବୋଲି ଲୋକ କହିଛନ୍ତି। ଆଗରୁ ଏ ସକ୍ରାନ୍ତରେ ଅନେକ ଥର ଅଭିଯୋଗ ହେବା ପରେ ଜନସାଧାରଣଙ୍କୁ କେବଳ ପ୍ରତିଶ୍ରୁତି ହିଁ ହସ୍ତଗତ ହୋଇଛି।

### ଲୋକଙ୍କ ମଧ୍ୟରେ ଅସନ୍ତୋଷ

ସୂଚନା ଯୋଗ୍ୟ, ୬୬୦୨ ମେଗାଓ୍ୱାଟ ସମ୍ପନ୍ନ ଓପିଜିସିର ୩ ଓ ୪ ୟୁନିଟ୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଏନେଇ ଦୀର୍ଘ ଦିନ ହେଲା ଅଭିଯୋଗ ହୋଇ ଆସୁଛି। ୨୦୧୯ରେ ଏହି ଦୁଇ ୟୁନିଟ୍ ଉଦ୍‌ଘାଟିତ ହୋଇଥିଲା। ତେବେ ଏହାପରେ ଏହି ପାଇପ ବାରମ୍ବାର ଫାଟି ପାଉଁଶ ପାଣି ଲୋକଙ୍କ ଘର ଦ୍ୱାରରେ ପଶି କ୍ଷୟକ୍ଷତି କରୁଥିଲେ ହେଁ ଏଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଆସ୍ ପାଇପ ଗୁଡିକର ନିୟମିତ ତଦାରଖ ହେବା ଉଚିତ। ହେଲେ ଓପିଜିସିର କର୍ତ୍ତୃପକ୍ଷ କି ପ୍ରଦୂଷଣ ବୋର୍ଡ କାହାରି ଏଥିପ୍ରତି ନିଘା ନାହିଁ। ଏଣୁ ସ୍ଥାନୀୟ ଲୋକଙ୍କୁ ଏପରି ଦୁର୍ଦ୍ଦଶା ବାରମ୍ବାର ଭୋଗିବାକୁ ହେଉଛି। ପୁଣି ହଇଓ୍ୱା ମାନଙ୍କରେ ପାଉଁଶ ପାଣି ପରିବହନ ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ଜନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଗୋଟିଏ ବର୍ଷ ପୂର୍ବରୁ ଓପିଜିସିର ପାଉଁଶ ପୋଖରୀ ହିତ ଭାଙ୍ଗି ମଧ୍ୟ ବ୍ୟାପକ କ୍ଷୟକ୍ଷତି କରିଥିଲା। ଓପିଜିସି ବେଆଇନ କାର୍ଯ୍ୟରୁ କ୍ଷାନ୍ତ ରହି ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି। ଜିଲ୍ଲାପ୍ରଶାସନ ଏଦିଗରେ ଉଚ୍ଚସ୍ତରୀୟ ତଦନ୍ତ କରି ଓପିଜିସିର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଲୋକେ ଦାବି କରିଛନ୍ତି। ଏ ସକ୍ରାନ୍ତରେ ଓପିଜିସିର ଜନ ସମ୍ପର୍କ ଅଧିକାରୀ ହୀମାଂଶୁ ବେହେରାଙ୍କ ପ୍ରଶ୍ନ କରାଯାଇଥିଲା। ଆଜିର ଘଟଣା ପରେ ସକାଳେ ଫାଟିଥିବା ଆସ୍ ପାଇପକୁ ପ୍ଲାଣ୍ଟରୁ ବନ୍ଦ କରାଯାଇଛି। ଆସ୍ ପାଣି ଅଳ୍ପ ସମୟ ପାଇଁ ହିଁ ବୋହିଥିଲା। ପାଇପର ମରାମତି କାମ ଚାଲିଛି। କ୍ଷତିର ସମ୍ମୁଖୀନ ହୋଇଥିବା ଲୋକଙ୍କ ସହ ଆଲୋଚନା କରାଯାଇଛି। ସେମାନଙ୍କ ପ୍ରକୃତ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

## ଜମି ଓ ଉପଯୋଗିତା ଗୃହ ଦାବି

**ଝାରସୁଗୁଡ଼ା, ୧୬।୧୧(ସମିସ):** ବଘରାଚକା ବିଶ୍ୱନାଥ ମେହେର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସାମାଜିକ ତଥା ସଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସରକାରୀ ଜମି ଲିଜ ପ୍ରଦାନ ଓ ଉପଯୋଗୀତା ଗୃହ ନିର୍ମାଣ ପାଇଁ ଦାବି କରାଯାଇଛି। ଏ ବାବଦରେ ଟ୍ରଷ୍ଟ ସଦସ୍ୟ ମାନେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି। ବଘରାଚକା ବିଶ୍ୱନାଥ ମେହେର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ବିଗତ ୨୦ ବର୍ଷ ଧରି ଗ୍ରାମବାସୀଙ୍କ ସହଯୋଗରେ ଦୀପାବଳୀରୁ ୫ ଦିନ ବ୍ୟାପୀ ମହାଲକ୍ଷ୍ମୀ ପୂଜା ଆୟୋଜନ କରାଯାଉଛି। ଏହି ମହୋତ୍ସବରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ତଥା ପୌରାଣିକ ନାଟକ ସହିତ ମୀନାବଜାରର ଆୟୋଜନ କରାଯାଇଥାଏ। ତେବେ ବଘରାଚକା ଗାଁରେ ସାମାଜିକ ତଥା ସଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜମିର ଅଭାବ ରହିଛି। ଏଣୁ ଲକ୍ଷ୍ମୀ ପୂଜା ପେଣ୍ଡାଲ ନିକଟରେ ଥିବା ସରକାରୀ ଜମିକୁ ଚିହ୍ନଟ କରି ବିଶ୍ୱନାଥ ମେହେର ସ୍ମାରକୀ ଟ୍ରଷ୍ଟକୁ ଲିଜ ଆକାରରେ ପ୍ରଦାନ କରିବା ସହିତ ସରକାରୀ କିମ୍ବା ସିଏସଆର ପାଣ୍ଠି ଅନୁଦାନରେ ଏକ ଉପଯୋଗୀତା ଗୃହ ନିର୍ମାଣ ନେଇ ପତ୍ରରେ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିକ୍ରମ ମେହେର, ଟଙ୍କଧର ମେହେର, ସଞ୍ଜୀବ ମେହେର, ସସ୍ମିତା ମେହେର, ବୁଧରାମ ମେହେର, ଚିନ୍ତାମଣି ମେହେର, ନୌକେଶ୍ୱର ମେହେର, ହୁତାସନ ମେହେର, ନାରାୟଣ ମେହେର, ଜଗନ୍ନାଥ ମେହେର, ବାବୁଲାଲ ମେହେର, ବାବୁଲି ମେହେର, ସେବତୀ ମେହେର, ମୀନାକ୍ଷୀ ଦାଶ, ଭାରତୀ ମେହେର, ସ୍ୱପ୍ନା ମେହେର, ଉର୍ମିଳା ମେହେର, କିଶୋର ମେହେର, ବଣ୍ଟି ମେହେର, ଲଳିତା ମେହେର ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିରରେ ଶିଶୁ ଦିବସ




**ଝାରସୁଗୁଡ଼ା, ୧୬।୧୧ (ସମିସ):** ଝାରସୁଗୁଡ଼ା ବାଲିଜୋରୀ ସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୌଭାଗ୍ୟ ପଟେଲ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶୁଭେନ୍ଦୁ ମେହେର ଓ ହିନ୍ଦୀ ଅଧ୍ୟାପକ ମୋହିତ ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ମନୋରଞ୍ଜନ ଗୁମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

### କୁଚିଣ୍ଡାକୁ ୧-୦ ଗୋଲରେ ପରାସ୍ତ କଲା କନ୍ଧମାଳ

**ଦେବଗଡ଼, ୧୬।୧୧(ସମିସ):** ନେତାଜୀ କ୍ଲବ୍ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମ ଠାରେ ରବିବାର ରାଜ୍ୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ନେତାଜୀ କ୍ଲବ୍‌ର ସଭାପତି ଧରଣୀଧର ସାହୁ ଏହାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁଗୁଡା ସେବା ସମବାୟ ସମିତିର ସଭାପତି ତଥା ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଗୁଡା ପଞ୍ଚାୟତର ସରପଞ୍ଚ କୁନୁ ବେହେରା, ସମିତି ସଦସ୍ୟ ଡମ୍ବରୁଧର ସାହୁ, ବସାଲଇ ପଞ୍ଚାୟତର ସରପଞ୍ଚ ତେଜସ୍ୱିନୀ ସାହୁ ଓ 'ମେରା ଯୁବା ଭାରତ'ର କର୍ମଚାରୀ ପ୍ରଦୀପ ବିଶ୍ୱାଳ ଯୋଗ ଦେଇଥିଲେ। କ୍ଲବ୍‌ର ସମ୍ପାଦକ ବବୁଲୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ମୋଟ ୮ଟି ବଛା ବଛା ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡାକୁ ୧-୦ ଗୋଲରେ ପରାସ୍ତ କରି କନ୍ଧମାଳ ଫୁଟବଲ ଦଳ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ରେଫରୀ ଭାବେ ଦିଲ୍ଲୀପ ରାଉତ, ଶଶୀକାନ୍ତ ଦାଶିଆ, ସୁଜିତ ରାଜହଂସ, ପଞ୍ଚାନନ ପାତ୍ର ଓ ପପୁନ ବେହେରା ପରିଚାଳନା କରିଥିଲେ। ପ୍ରଫୁଲ୍ଲ ସାହୁ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜନରେ କ୍ଲବ୍‌ର ସଦସ୍ୟ ଅଙ୍କି ସାହୁ, କରଣ ସାହୁ, ଗୁନଗୁନ ପ୍ରଧାନ, ରୂପେଶ ସାହୁ, ସୁନୀଲ ସାହୁ ଓ ସୁମନ ସାହୁ ପ୍ରମୁଖ ସହଯୋଗ କରୁଥିବା ଜଣାପଡ଼ିଛି।

## ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ

### ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

**ଝାରସୁଗୁଡ଼ା, ୧୬।୧୧(ସମିସ):** ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ, ସମସ୍ତ ଜନଜାତି ଓ ସବୁ ଭାରତୀୟଙ୍କ ଗର୍ବ ଗୌରବ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ ସମାରୋହ କିର୍ମିରା ବ୍ଲକସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ବ୍ଲକ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜନଜାତୀୟ ଗୌରବ ଦିବସ ଅବସରରେ ଗୁଜରାଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିବା କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ସମାରୋହରେ ଜନସାଧାରଣ ଦେଖିଥିଲେ। ସମାରୋହରେ ବିକଶିତ ଓଡ଼ିଶା ଗଠନ ପାଇଁ ଜନଜାତି ଛାତ୍ରଛାତ୍ରୀ ଆଗେଇ ଆସିବା ପାଇଁ ମନ୍ତ୍ରୀ ଓ ବିଧାୟକ ଆହ୍ୱାନ ଦେଇଥିଲେ। ଜଙ୍ଗଲ ଜମି ଆଇନ୍ ଅନ୍ତର୍ଗତ ୧୯ ଜନଜାତି ପରିବାରଙ୍କୁ ବ୍ୟକ୍ତିଗତ ଜମିପଟ୍ଟା (ଶିରୋନାମା) ପ୍ରଦାନ କରାଯାଇଥିଲା। ସମାଜସେବା, କୃଷି ଓ ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଜନଜାତି ବର୍ଗର ୪ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ହିତାଧିକାରୀ ଯୋଗଦାନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦିବାସୀ ମହାସଂଘର ବିର୍ସା ମୁଣ୍ଡା ଜୟନ୍ତୀ

**ଦେବଗଡ଼:** ଦେବଗଡ଼ ଜିଲ୍ଲା ଆଦିବାସୀ ମହାସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିର୍ସା ମୁଣ୍ଡା ଛକ ଠାରେ ରବିବାର ମହାନ ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କର ୧୫୦ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଆଦିବାସୀ ମହାସଂଘର ସଭାପତି ସେମ ହେମ୍ବ୍ରମ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ଉପଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ମାହାନା, ବରିଷ୍ଠ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ୯ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା ଓ ଭୀମ ଆର୍ମୀର ସଭାପତି କ୍ଷମାନିଧି ପାତ୍ର ମଞ୍ଚାସୀନ ଥିଲେ। ଆୟୋଜକ ଏବଂ ଅତିଥି ମାନେ ଶହଶହ ଲୋକାଙ୍କ ଉପସ୍ଥିତିରେ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ। କ୍ଷୀର ଢାଳି ମାଲ୍ୟାର୍ପଣ ଅର୍ପଣ କରାଯାଇଥିଲା। ଏହି ଅବସରରେ ଢୋଲ ଓ ମାଦଳର ତାଳେ ତାଳେ ଜନଜାତି ସମ୍ପ୍ରଦାୟର ପୁରୁଷ ଓ ମହିଳାଙ୍କ ଦ୍ୱାରା ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଶେଷରେ ମିନତୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ପ୍ରେସ୍ ଦିବସ

# ଖବର ପରିବେଷଣ ପୂର୍ବରୁ ସତ୍ୟତା ପରଖିବା ଜରୁରୀ






**ଝାରସୁଗୁଡ଼ା, ୧୬।୧୧(ସମିସ)**

"ଗଣମାଧ୍ୟମକୁ ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭ ଆଖ୍ୟା ଦିଆଯାଇଛି। ପ୍ରତିଦ୍ୱନ୍ଦିତା ଯୋଗୁଁ ଅନେକ ଭୁଲ୍ ଖବର ସାମ୍ନାକୁ ଆସୁଛି। ତେଣୁ ପରିବେଷଣ ପୂର୍ବରୁ ଖବରର ସତ୍ୟତା ପରଖିବା ଜରୁରୀ।" ରବିବାର ବ୍ରଜରାଜନଗର ସ୍ଥିତ ଇବ୍ ଭ୍ୟାଲି ରବୀନ୍ଦ୍ର ଭବନଠାରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରେସ୍ କ୍ଲବ୍ ଓ ଏମ୍‌ସିଏଲ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ଅବସରରେ ଏହି ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏଭଳି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ନିରପେକ୍ଷ ଖବର ପରିବେଷଣ କରିବା ଗଣମାଧ୍ୟମର କର୍ତ୍ତବ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଅତିରିକ୍ତ ଏସ୍‌ପି ମଧୁସ୍ମିତା ମିଶ୍ର ଭ୍ରମାତ୍ମକ ଖବରର ସମାଜ ଉପରେ କୁପ୍ରଭାବ ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଗଣମାଧ୍ୟମ ପ୍ରତିନିଧି ଉପନ ସାହୁ, ଉମାକାନ୍ତ ପଣ୍ଡା, ବେଦବ୍ୟାସ ପଣ୍ଡା ଓ ପ୍ରଶାନ୍ତ ମହାନ୍ତି ଆଜିର ବିଷୟ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଉପରେ ନିଜ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରି ନଥିବା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତାଙ୍କର ବାର୍ତ୍ତା ପଠାଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦେବଗଡ଼:** ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ସ୍ଥାନୀୟ ସର୍କିଟ ହାଉସ ଠାରେ ବରିଷ୍ଠ ସାମ୍ବାଦିକ ଅଶୋକ ନନ୍ଦଙ୍କ ସଂଯୋଜନାରେ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ଦେଶରେ ସାମ୍ବାଦିକଙ୍କ ଗୁରୁ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର, ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ସାମ୍ବାଦିକ ପୃଥ୍ୱୀରାଜ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଆଜିର ବିଷୟବସ୍ତୁ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ' ଉପରେ ମତ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପକୃତ ସାମ୍ବାଦିକଙ୍କୁ ଅତିଥିଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା।

## ଓପିଜିସିର ପ୍ରତିଷ୍ଠା ଦିବସ

**ଇବଥର୍ମାଲ୍, ୧୬।୧୧(ସମିସ):** ଦୁଇ ଦିନିଆ ବିବିଧ କାର୍ଯ୍ୟକ୍ରମ ସହ ଓଡ଼ିଶା ପାୱାର୍ ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଜିସି) ଦ୍ୱାରା ଇବଥର୍ମାଲ୍ ପାୱାର୍ ଷ୍ଟେସନ ଠାରେ ୪୨ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ନିର୍ଦ୍ଦେଶକ (ଅପରେସନ) ଅଞ୍ଜନ ରଞ୍ଜନ ଦାଶଙ୍କ ଦ୍ୱାରା ଇବଥର୍ମାଲ ପାୱାର୍ ଷ୍ଟେସନ୍ ସ୍ଥିତ ହେଲିପ୍ୟାଡ ପଡ଼ିଆରେ ଓପିଜିସିର ଧ୍ୱଜାରୋହଣ ପରେ ଶୁଭାରମ୍ଭ ହୋଇଥିଲା। ସିନିୟର ସିପି ଅପରେସନ ସୁକାନ୍ତ ମହାପାତ୍ର, ସିନିୟର୍ ମ୍ୟାନେଜର ଏଚ୍‌ଆର ସୁଭାଶିଷ ମୁଖର୍ଜୀ, ଅନ୍ୟ ବିଭାଗ ମୁଖ୍ୟ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସକାଳ ୭ଟାରେ କର୍ମଚାରୀ, ମହିଳା ଓ ଶିଶୁ ଏହିପରି ତିନୋଟି ବର୍ଗରେ ମିନି ମାରାଥନ ଦୌଡ କରାଯାଇଥିଲା। ମହିଳା, ପୁରୁଷ ଓ ଛାତ୍ରଛାତ୍ରୀ ସମେତ ୬୦୦ରୁ ଅଧିକ ଏଥିରେ ଭାଗ ନେଇଥିଲେ। ମାରାଥନରେ କର୍ମଚାରୀ ବର୍ଗରେ କୌଶିକ ଘୋଷ ପ୍ରଥମ, ଶେଖର ମେହେର ଦ୍ୱିତୀୟ, ଭାଗବତ ମାଝୀ ତୃତୀୟ, ମହିଳା ବର୍ଗରେ ନଳିନୀ ପ୍ରଦୀପ ପ୍ରଥମ, ଦୀପ୍ତି ସାହୁ, ପଲୋମୀ ସୀନହା ତୃତୀୟ, ଶିଶୁ ବର୍ଗରେ ପପୁ ଜେନା ପ୍ରଥମ, ମୋହନ ପ୍ରଧାନ, ପ୍ରତ୍ୟୁଷ ଦଣ୍ଡସେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ମାନଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ପରେ ହେଲିପ୍ୟାଡ୍ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସକାଳ ୯.୩୦ରେ ଇବଥର୍ମାଲ୍ ଚିକିତ୍ସାଳୟରେ ରେଡ୍‌କ୍ରସ ସହ ମିଳିତ ଭାବେ ଆୟୋଜନ ହୋଇଥିବା ରକ୍ତଦାନ ଶିବିରକୁ ନିର୍ଦ୍ଦେଶକ(ଅପରେସନ) ଉଦ୍‌ଘାଟନ କରିଥିଲେ। ଶିବିରରେ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟ ଭାଗ ନେଇଥିଲେ ଏବଂ ଏଥିରେ ୪୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଲା। ନିର୍ଦ୍ଦେଶକ ଶ୍ରୀ ଦାଶ ଚିକିତ୍ସାଳୟରେ ଭର୍ତ୍ତି ରୋଗୀମାନଙ୍କୁ ଦେଖା କରି ଫଳ ବଣ୍ଟନ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେଦାର ରଞ୍ଜନ ପାଣ୍ଡୁ କର୍ପୋରେଟ୍ କାର୍ଯ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଇବଥର୍ମାଲ କର୍ମଚାରୀମାନଙ୍କୁ ପ୍ରତିଷ୍ଠା ଦିବସର ଅଭିନନ୍ଦନ ଜଣାଇଥିଲେ। ଏହାପରେ ପ୍ରସିଦ୍ଧ ଓଡିଆ ସଙ୍ଗୀତଶିଳ୍ପୀ ଓ ବ୍ୟାଣ୍ଡଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନରେ ରାଜୀବ ଗାନ୍ଧୀ ପଡ଼ିଆରେ ଓପିଜିସିର ବରିଷ୍ଠ ବନାମ ଯୁବ କର୍ମଚାରୀ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଏବଂ ଆସୋସିଏଟ ବନାମ କର୍ମଚାରୀ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍ ଖେଳାଗଲା। ସନ୍ଧ୍ୟାଟି ଓପିଜିସି କର୍ମଚାରୀ, ଇବଥର୍ମାଲ ମହିଳା କ୍ଲବ୍ ସଦସ୍ୟ ଓ ଶିଶୁମାନଙ୍କ ଆକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶେଷ ହୋଇଥିଲା।

## ପରିବର୍ତ୍ତନ ଟ୍ରଷ୍ଟ ତରଫରୁ ନିଃଶୁଳ୍କ ଶିଶୁ ସ୍ୱାସ୍ଥ୍ୟ ଶିବିର

ବରଗଡ଼, ୧୬।୧୧(ସମିସ): ବରଗଡ଼ ସ୍ଥିତ ଚଡେଇଗାଁ ଠାରେ ପରିବର୍ତ୍ତନ ଟ୍ରଷ୍ଟ ତରଫରୁ ନିଶୁଳ୍କ ଶିଶୁ ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଶିବିରକୁ ଅତିଥି ଭାବେ ଚଡେଇଗାଁ ସରପଞ୍ଚ ସତ୍ୟବତୀ ସାହୁ ଉଦ୍‌ଘାଟନ କରିଥିଲେ । ଶିଶୁରୋଗ ବିଶେଷଜ୍ଞ ଡ.ଅମିତ ଭୋଇ ଯୋଗ ଦେଇ ଚଡେଇଗାଁ ତଥା ଆଖ ପାଖ ଅଞ୍ଚଳର ୧୦୦ ଜଣ ଶିଶୁଙ୍କୁ ମାଗଣା ଚିକିତ୍ସା ସହ ରକ୍ତ ପରୀକ୍ଷା କରିଥିଲେ । ଶିବିରରେ ସମ୍ପୂର୍ଣ୍ଣ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ସ୍ମିଥ ପ୍ରଧାନ, ସମୀର ପଧାନ, ସୁରଜ୍ ସାହୁ, ଅଭିଳାଷ ପଧାନ ଓ ଗାଁବାସୀ ସହଯୋଗ କରିଥିଲେ ।

## ଅଜଣା ମୃତଶରୀର ଉଦ୍ଧାର

ବରପାଲି, ୧୬।୧୧(ସମିସ): ବରପାଲି ବରୋଦା ବ୍ୟାଙ୍କ ନିକଟସ୍ଥ ଏକ ବାରଣ୍ଡାରୁ ଜଣେ ୬୫ ବର୍ଷିୟ ବୟସ୍କଙ୍କ ମୃତ ଶରୀରକୁ ସ୍ଥାନୀୟ ପୁଲିସ ଦ୍ୱାରା ଉଦ୍ଧାର କରାଯାଇଛି । ବୟସ୍କ ଜଣକ କେଉଁ ପରିସ୍ଥିତିରେ ଘଟଣାସ୍ଥଳକୁ ଆସିଲେ ଏବଂ ତାଙ୍କର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ରବିବାର ଛୁଟିଦିନ ହୋଇଥିବା ଯୋଗୁଁ ବ୍ୟାଙ୍କ ସହିତ ଆଖପାଖ ଦୋକାନ ବନ୍ଦ ରହିଥିଲା । ଅପରାହ୍ଣରେ ନିର୍ମାଣାଧିନ ଓଭରବ୍ରିଜ ରାସ୍ତାରେ ଯାଉଥିବା ଲୋକେ ଅସହାୟ ଭାବେ ଜଣେ ଶୋଇଥିବା ବୟସ୍କ ଏବଂ ପାଖରେ ଏକ ନୀଳରଙ୍ଗର ଏଆର ବ୍ୟାଗ ଥିବା ଦେଖି ପୁଲିସକୁ ଜଣାଇଥିଲେ । ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇବା ସହିତ ଏଆରବ୍ୟାଗକୁ ତଲାସି କରିଥିଲା । ବ୍ୟାଗ ମଧ୍ୟରୁ ଆଧାର ପରିଚୟ ମିଳିଥିଲା । ମୃତକ ଜଣକ ଉତ୍ତରପ୍ରଦେଶ ବଲିୟା ଅଞ୍ଚଳର ଓ ତାଙ୍କ ନାଁରାଜ ପ୍ରସାଦ ବୋଲି ଜଣାପଡ଼ିଥିଲା । ପରିଚୟ ଜଣାପଡ଼ିଲା ପରେ ପୁଲିସ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲା । ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚାଲିଥିବା ଜଣାପଡ଼ିଛି ।

## ରେନ୍‌ବୋ କିଡ୍ସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା



ବରଗଡ଼, ୧୬।୧୧(ସମିସ): ରେନବୋ ପବ୍ଲିକ ସ୍କୁଲ ଏବଂ ରେନବୋ କିଡ୍ସ ପ୍ଲେ ସ୍କୁଲ ଅନୁକୂଲ୍ୟରେ ୨୩ ତମ ବାର୍ଷିକ କ୍ରୀଡା ଦିବସ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲାର ସଭାପତି ବିମଳ ଦାଶ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ପ୍ରିନ୍ସିପାଲ୍ ହିମାଂଶୁ ଶେଖର ମେହେର, ସେକ୍ରେଟାରୀ ଦତ୍ତ ମଞ୍ଚାସୀନ ଥିଲେ । ମହାସଂଘର ବାଲ୍ମିକୀ ଷଡଙ୍ଗୀ, ସଦାନନ୍ଦ ମହାପାତ୍ର, କରୁଣା କର ବିଶ୍ୱାଳ, ବିଶ୍ୱନାଥ ସାହୁ, ସାମ୍ବାଦିକ ଉମାକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର

● ୧୧୪ ୟୁନିଟ ରକ୍ତ ସଂଗ୍ରହ



ବରଗଡ଼, ୧୬।୧୧(ସମିସ): ନିଷ୍ଠା ପରିବାରର ଜନ୍ମମାଟି ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗାଁରେ ରକ୍ତଦାନ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ନିଷ୍ଠା ପରିବାର ତରଫରୁ ଖଣ୍ଡହଥା ଗ୍ରାମବାସୀଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଶୁଭାରମ୍ଭ କରିଥିଲେ । ସର୍ବମୋଟ ୧୧୪ ୟୁନିଟ ରକ୍ତ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । କାର୍ଯ୍ୟକ୍ରମ ଅବସରରେ ନିଷ୍ଠା ପରିବାର ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡା ପାଲିର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଶିବିରରେ ୧୧୪ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହ ୨୬ ଜଣଙ୍କର ଅପରେସନ ପାଇଁ ଚିହ୍ନଟ କରାଯାଇଥିଲା । ୧୨ ଜଣଙ୍କୁ ଅପରେସନ ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡା ପାଲି, ବୀରମହାରାଜପୁର, ସୋନପୁରକୁ ପଠାଗଲା । ଉଭୟ ଶିବିରକୁ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ସଦସ୍ୟା ଓ ଖଣ୍ଡହଥା ଗ୍ରାମବାସୀ ପରିଚାଳନା କରିଥିଲେ ।

# ଚାଷୀଙ୍କ ଧାନ ପଞ୍ଜୀକରଣ ଓ ସଂଗ୍ରହ ସମସ୍ୟା ସମାଧାନ କେବେ










### ● ରାସ୍ତାରେ ଗଦା ଗଦା ଅମଳ ଧାନ

ପଦ୍ମପୁର, ୧୬।୧୧(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି । ଉପଖଣ୍ଡର ବିଭିନ୍ନ ବ୍ଲକରେ ପ୍ରାୟ ୯୦ ପ୍ରତିଶତ ଧାନ ଅମଳ ସରିଲାଣି । ଅପରପକ୍ଷରେ ଏଥର ଧାନ ସଂଗ୍ରହ ପକ୍ରିୟାକୁ ଅନ୍ୟ ବର୍ଷ ତୁଳନାରେ ବିଳମ୍ବିତ କରାଯାଇଛି । ପୂର୍ବରୁ ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଥିଲା । କିନ୍ତୁ ଏଥର ଚଳିତ ମାସ ୨୮ ତାରିଖରେ ଧାନ ସଂଗ୍ରହ ଆରମ୍ଭ କରାଯିବା ପାଇଁ ପ୍ରଶାସନ ଜିଲ୍ଲା ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ଏଭଳି ବିଳମ୍ବିତ ପ୍ରକ୍ରିୟା ଚାଷୀଙ୍କ ପାଇଁ ଅଡୁଆ ସାଜିଥିବା ବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି । ମଣ୍ଡି ଖୋଲି ନ ଥିବାରୁ ଚାଷୀ ସେମାନଙ୍କ ଅମଳ ଧାନକୁ ରାସ୍ତା, କ୍ଷେତ, ଖଳାରେ ଗଦା କରି ରଖିଥିବା ଦୃଶ୍ୟ ଦେଖା ଦେଉଛି । ଉପଖଣ୍ଡର ଝାରବନ୍ଧ ଠାରୁ ଆରମ୍ଭ କରି ପଦ୍ମପୁର ବିଜେପୁର ସୋହେଲାରେ ଏଭଳି ସ୍ଥିତି ଉପୁଜିଛି । ଚାଷୀଙ୍କ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମଣ୍ଡି ଖୋଲିବା ପାଇଁ ଆହୁରି ୧୨ଦିନ ବାକି ଥିବା ବେଳେ ଚାଷୀ କେଉଁଠି ଧାନ ବିକିବେ ଓ କେତେ ଦିନ ଧରି ଅମଳ ଧାନକୁ ଜଗିବେ ସେ ନେଇ ପ୍ରଶ୍ନ କରିଛନ୍ତି ।

### ● ମାଣ୍ଡୋସିଲ ଧାନମଣ୍ଡିରେ କୃଷକ ମହାସଂଘର ଧାରଣା

ପାଇକମାଳ: ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣରୁ ବଞ୍ଚିତ ଥିବା ବରଗଡ଼ ଜିଲ୍ଲାର ବିଭିନ୍ନ ସୋସାଇଟିରୁ ବହୁ ଚାଷୀ ବଞ୍ଚିତ ହୋଇଛନ୍ତି । ତନ୍ମଧ୍ୟରୁ ଜାମସେଠ ସୋସାଇଟିରୁ ୨୫୫ ଜଣ ଚାଷୀ ରହିଛନ୍ତି । ଏନେଇ ଆୟୋଜକ ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନ ତରଫରୁ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ଦିବାରାତ୍ର ଗଣଧାରଣା ଦିଆଯାଇଛି । ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନକୁ ସମର୍ଥକ ଜଣାଇ ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ତରଫରୁ ମାଣ୍ଡୋସିଲ ଧାନମଣ୍ଡି କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତା ରଖି ପ୍ରତିବାଦ କରିଛନ୍ତି । ଆସନ୍ତା ୨୮ ତାରିଖରେ ଜିଲ୍ଲାରେ ଧାନ ମଣ୍ଡି ଖୋଲିବାକୁ ଯାଉଛି । ତାପୂର୍ବରୁ ବଞ୍ଚିତ ଚାଷୀଙ୍କ ପଞ୍ଜୀକରଣ କରାଯାଉ ବୋଲି ଚାଷୀ ଦାବି ଜଣାଇଛନ୍ତି । ଧାରଣାରେ ଚାଷୀ ନିରଞ୍ଜନ ଡନସନା, ମଳୟ ହଂସ, କୃପାସିନ୍ଧୁ ବରିହା, ଦେବେନ୍ଦ୍ର ପଟେଲ, ମୁକୁନ୍ଦ ଧରୁଆ, ହରି ଭରାସାଗର, ଖଗେଶ୍ୱର ଧରୁଆ, ତୁଳସୀରାମ ଏଣ୍ଡଜା, ଟିକେଶ୍ୱର ବିଶ୍ୱାଳ, ଗୋକୁଳାନନ୍ଦ ଧରୁଆ, ନିର୍ବାଶ ସିଦାର, ଚନ୍ଦ୍ରଭାନୁ ବିଶ୍ୱାଳ, ପିତବାସ ସାହୁ, ନୂଆ ମାଝୀ, ତୁଳାରାମ ବିଶ୍ୱାଳ, ଭିଏସନନ୍ଦ ବରିହା, ହାଡୁ ପ୍ରଧାନ, ଦଶରଥ ବିନାଟ, କସ୍ତୁବ ମହାନନ୍ଦ, ଦୁର୍ଯ୍ୟୋଧନ ମାଝୀ ପ୍ରମୁଖ ରହିଥିଲେ ।

### ● ବିଳମ୍ବ ନେଇ କୃଷକ ସଂଗଠନର ଅସନ୍ତୋଷ

ଅତାବିରା: ସରକାର ୨୦ ତାରିଖରେ ରାଜ୍ୟ ସାରା ମଣ୍ଡି ଖୋଲି ଧାନ ସଂଗ୍ରହ ହେବ ବୋଲି ଘୋଷଣା କଲେ । ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ୨୮ ତାରିଖ ମଣ୍ଡି ଖୋଲିବା ନେଇ ଧାର୍ଯ୍ୟ କଲେ । ହୀରାକୁଦ ଅଞ୍ଚଳର ଅତାବିରା ବ୍ଲକରେ ଆଗୁଆ ଧାନ ଚାଷ ହେଇଥାଏ । ଏଠାରେ ଚାଷୀ ଧାନ ଅମଳ କରିବା ଆରମ୍ଭ କରି ଦେଲେଣି । ଆଉ ୪/୫ ଦିନ ମଧ୍ୟରେ ଧାନ ଅମଳ ହୋଇଯିବ । ଚାଷୀ ପାଖରେ ଧାନ ରଖିବାକୁ ଭିତ୍ତିଭୂମି ନାହିଁ । ଏଣୁ ଚାଷୀ ୨୦ ତାରିଖରେ ମଣ୍ଡିମାନଙ୍କରେ ଧାନ ରଖିବ ବୋଲି ଅତାବିରା ମୁଖ୍ୟ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ବୈଠକରେ ନିଷ୍ପତ୍ତି ହୋଇଛି । ସଂଗଠନର ଅତାବିରା ବ୍ଲକ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଗାମୀ ୧୮ ତାରିଖ ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବ । ଧାନ ମଣ୍ଡି ଖୋଲିବା ପୂର୍ବରୁ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ଅତାବିରା ବ୍ଲକର ଚାଷୀଙ୍କୁ ଖରିଫ ଧାନ ସଂଗ୍ରହରେ ସାମିଲ କରିବା ସହ ଶୀଘ୍ର ଧାନ ଡିସ୍ପୋଜାଲ କରିବା ଦିଗରେ ଆଲୋଚନା କରାଯିବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଟିଖେଲାଲ ମିଶ୍ର, ପାପରାଓ, ବୁଧଦେବ ନନ୍ଦ, ଭି କ୍ରିଷ୍ଣା ମୂର୍ତ୍ତି, ଦଶରଥ ଭୋଇ, କେରାମ ବାବୁ, ନରେନ୍ଦ୍ର ପ୍ରଧାନ, ଭୁବନ ପ୍ରଧାନ, କୁବେର ପ୍ରଧାନ, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ନାଏକ, ଅମୁଲ୍ୟ ସ୍ୱାଇଁ, ପଦ୍ମଲୋଚନ ପ୍ରଧାନ, ଦାଶରଥି ବେହେରା, ସମୀର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସୁରେଶ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ ।

### ● ଚାଷୀଙ୍କ ସମସ୍ୟା ନେଇ ଭାରତୀୟ କିଷାନ ସଂଘ ଅଣ୍ଟା ଭିଡ଼ିଲା

ବରଗଡ଼: ଚାଷୀ ପଞ୍ଜୀକରଣ ସମସ୍ୟା ନେଇ ଭାରତୀୟ କିଷାନ ସଂଘ ଅଣ୍ଟା ଭିଡ଼ିଛି । ଏନେଇ ସଂଘର ବୈଠକ ହୋଇଛି । ରାଜ୍ୟ ଓ କେନ୍ଦ୍ରୀୟ ପ୍ରତିନିଧି କେଦାର ମିଶ୍ରଙ୍କ ନେତୃତ୍ୱରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଛି । ସାରା ଓଡ଼ିଶା ବିଶେଷ କରି ବରଗଡ଼ ଜିଲ୍ଲାର ପଞ୍ଜୀକରଣ ଉପରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବାକୁ ଏବଂ ଏକ ସକାରାତ୍ମକ ସିଦ୍ଧାନ୍ତ ନେବାକୁ ମନ୍ତ୍ରୀ କିଷାନ ସଂଘର ରାଜ୍ୟ କର୍ମକର୍ତ୍ତାଙ୍କୁ ଜଣାଇ ଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚାଷୀଙ୍କର ହକ ଓ ସମାଧାନ ସକାଶେ ବରଗଡ଼ ଜିଲ୍ଲା ପ୍ରତିନିଧିଙ୍କୁ ନେଇ ରାଜ୍ୟ କମିଟି ସୋମବାରରେ ଭେଟିବାର କାର୍ଯ୍ୟକ୍ରମ ରହିଛି । ସରକାର ସବୁବେଳେ କୃଷକ ଓ କୃଷିର ହିତ ସକାଶେ ପୂର୍ବରୁ ଭାରତୀୟ କିଷାନ ସଂଘର ଅନୁରୋଧକୁ ରକ୍ଷା କରି ୫ ଦିନ ପଞ୍ଜୀକରଣର ଅବଧି ବୃଦ୍ଧି କରିଥିବାରୁ ଏହି ନ୍ୟାୟୋଚିତ ଦାବିକୁ ସରକାର ନିଶ୍ଚିତ ସମାଧାନ କରିବେ ବୋଲି କେନ୍ଦ୍ରୀୟ ସଦସ୍ୟ କେଦାର ମିଶ୍ର ଆଶା ପୋଷଣ କରିଛନ୍ତି ।

## ବ୍ଲକ୍‌ସ୍ତରୀୟ ସୁପର ସିକ୍ସଟି ସାଇନିଂଷ୍ଟାର ଉଦ୍‌ଯାପିତ

ଭେଡେନ, ୧୬।୧୧(ସମିସ): ଭେଡେନ ସ୍ଥିତ ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ସୁପର ସିକ୍ସଟି ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକ, ସମ୍ବଲପୁର ନିଉଟନ କଲେଜର ଗଣିତ ଅଧ୍ୟାପକ ସନ୍ତୋଷ ମିଶ୍ର, ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକରଞ୍ଜନ ନାଏକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରତ୍ୟକ ବିଷୟରେ ୨୦ଜଣ ସାଧନକର୍ମୀ, ୬୫ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ବିଜ୍ଞାନ ସଂଯୋଜକ ସଞ୍ଜୀବ ପଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୋଇ, ଜିଲ୍ଲା ବିଜ୍ଞାନ ନିରକ୍ଷକ ଧିରୋଜ ପଟ୍ଟନାୟକ ଯୋଗ ଦେଇଥିଲେ । ଉଦ୍‌ଯାପନି ସମାରୋହରେ ଅତିଥି ଭାବେ ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ର ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଶେଷରେ ଶିକ୍ଷକ ଆଦିତ୍ୟ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ ।



## ନବପ୍ରଭାତ ବିଦ୍ୟାୟତନରେ ଶିଶୁଙ୍କ ଦ୍ୱାରା ଚାରାରୋପଣ

ବରଗଡ଼, ୧୬।୧୧(ସମିସ): ଶିଶୁ ଦିବସ ଅବସରରେ ନବପ୍ରଭାତ ବିଦ୍ୟାୟତନ ନୂଆପାଲିରେ ମୁଖ୍ୟ ଅତିଥି ଭାବେ ମୀନକେତନ ସାହୁ, ସମ୍ମାନିତ ଅତିଥି ଭାବେ କେଦାର ନାଥ ସାହୁ ଯୋଗଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଏକ ବୈଦିକ ଯଜ୍ଞ ଆୟୋଜିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ଉପଲକ୍ଷେ ବିଦ୍ୟାଳୟରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ତରଫରୁ 'ଶିଶୁଟିଏ ଗଛଟିଏ, ସାରା ଜୀବନ ସାଥିସିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ମଞ୍ଚର ସମ୍ପାଦକ ମୀନକେତନ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି କେଦାରନାଥ ସାହୁ ଉପସ୍ଥିତ ଥିଲେ । ଶିଶୁ ଦିବସ ଉପଲକ୍ଷେ ଉପହାର ସ୍ୱରୂପ ୧୫୦ଟି ଅଶୋକ ଚାରା ଶିଶୁ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଣ୍ଟନ କରି ଆଗାମୀ ଦିନରେ ନବପ୍ରଭାତ ବିଦ୍ୟାୟତନର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ତଥା ଅନ୍ୟାନ୍ୟ କର୍ମଚାରୀଙ୍କୁ ଚାରା ବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ରବିଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରଗଡ଼ରେ ଜନଜାତୀୟ ଗୌରବ ଦିବସ



ବରଗଡ଼, ୧୬।୧୧(ସମିସ): ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ବରଗଡ଼ ଠାରେ ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ବରଗଡ଼ ଶାଖା ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଦିବସ ପାଳନ ଅବସରରେ ଜନଜାତିୟ ଗୌରବ ଦିବସ ପାଳନ ହୋଇଯାଇଛି । ପରିଷଦର ସଭାପତି ଖିରେଶ୍ୱର ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ ବରଗଡ଼ ଲଲାଟ ଲୁହା, ସମ୍ମାନିତ ଅତିଥିରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଏବଂ ସମ୍ପାଦକ ରବିଚନ୍ଦ୍ର ବୁଡେକ ମଞ୍ଚାସୀନ ଥିଲେ । ବରଗଡ଼ ବ୍ଲକ ପରିଷଦର ସଭାପତି ଚୁଙ୍ଗିଲାଲ ସେଠ୍, ଅତାବିରା ସଭାପତି ଗୋପାଳ ମେହେର, ଅମ୍ବାଭୋନା ସଭାପତି ରାଜ ବଘେଲ ମଞ୍ଚାସୀନ ଥିଲେ । ସଭା ପରିଚାଳନା କରିଥିଲେ ଜିଲ୍ଲା ପରିଷଦର ସାଂସ୍କୃତିକ ସମ୍ପାଦକ ରୋହିତ ଭୁଏ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହାକୁ ପରିଚାଳନା କରିଥିଲେ ବରଗଡ଼ ବ୍ଲକ ସମ୍ପାଦକ ମନୋରଞ୍ଜନ ଲୁହା । ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ଉଦ୍ଧବ ମହାନନ୍ଦ, ଉଚ୍ଛବ ଭୁଏ, ରାଜିବ ବିଶ୍ୱାଳ, ଅଲେଖ କନ୍ଦେଧର, ରାହୁଲ ସେଠ୍ ତଥା ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର କର୍ମଚାରୀ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ପରିଷଦର କୋଷାଧ୍ୟକ୍ଷ ନନ୍ଦିଘୋଷ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।

### ମଳୟ ଡନସନା ମେମୋରିଆଲ ଫୁଟବଲ ଲିଗ୍

## କୋଲକାତା ଏସ୍‌ଡି ୧୧ ଏଫ୍‌ସି ଚାମ୍ପିଅନ

ଭେଡେନ, ୧୬।୧୧(ସମିସ)



ଭେଡେନ ସ୍ଥିତ ରଣଜିତା ଖେଳପଡ଼ିଆରେ ଅମ୍ଲୀପାଲି ରେନବୋ କ୍ଲବ୍ ଆନୁକୂଲ୍ୟରେ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ତୃତୀୟ ମଳୟ ଡନସନା ମେମୋରୀୟଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଭେଡେନ ଥାନା ଅଧିକାରୀ ଶଶୀଭୂଷଣ ମିଶ୍ର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ଡନସନା, ମନୋଜ ରଥ ଯୋଗଦାନ କରିଥିଲେ । ଉଦ୍‌ଯାପନି ସମାରୋହର ପ୍ରଥମ ସେମିଫାଇନାଲ ମୁଣ୍ଡାପଡ଼ା ବରଗଡ଼ ଓ ଜୟ ଦୁର୍ଗା କ୍ଲବ୍ ରେଙ୍ଗାଲି ମଧ୍ୟରେ ଅନୁଷ୍ଠିତ ହୋଇ ସୁଟ ଆଉଟ ଜରିଆରେ ୫-୪ ଗୋଲରେ ମୁଣ୍ଡାପଡ଼ା ବରଗଡ଼ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା । ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ କୋଲକାତା ଏସଡି୧୧ ଏଫସି ଓ ସମ୍ବଲପୁର ସମଲେଶ୍ୱରୀ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇ ସୁଟଆଉଟ ଜରିଆରେ ୭-୬ ଗୋଲରେ କୋଲକତା ଦଳ ଫାଇନାଲ ପ୍ରବେଶ କରିଥିଲା । ଫାଇନାଲ ମ୍ୟାଚ୍ ମୁଣ୍ଡାପଡ଼ା ବରଗଡ଼ ଓ କୋଲକତା ଏସଡି୧୧ ଏଫସି ମଧ୍ୟରେ ହୋଇଥିଲା ଏବଂ ସୁଟଆଉଟ ଜରିଆରେ ୪-୨ ଗୋଲରେ କୋଲକତା ଏସଡି୧୧ ଏଫସି ଚାମ୍ପିଅନ ହୋଇଥିଲା । ଅତିଥି ବୃନ୍ଦ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିବା ସହ ଏକ ଲକ୍ଷ ଟଙ୍କା ପୁରସ୍କାର ଓ ଉପବିଜେତା ଦଳକୁ ଟ୍ରଫି ସହ ୭୦ ହଜାର ଟଙ୍କା ରାଶି ପ୍ରଦାନ କରିଥିଲେ । ଖେଳକୁ ରାଜ ମଣ୍ଡଳ, ଶ୍ରୀନିବାସ ରାଓ, ଅଜୟ ପଧାନ, ଗୋପୀନାଥ ପାଣ୍ଡେ, ସାହିଲ ବେହେରା, ସୁଧାଂଶୁ ସେଟ, ଶିବୁ ଛେତ୍ରି ଓ ଜିତୁ ପାତ୍ର, ସନ୍ତୋଷ ଛେତ୍ରି ପରିଚାଳନା କରିଥିବା ବେଳେ ସନ୍ତୋଷ ନାୟର, ସୂର୍ଯ୍ୟ ଦେହେରି, ଲିପୁନ ବେହେରା, ମହେନ୍ଦ୍ର ସେଠ ଧାରାବିବରଣୀ ପ୍ରଦାନ କରିଥିଲେ । ମାନସ ରଥ, ଜୟଗୁରୁ ଡନସନା, ଦେବବ୍ରତ ଡନସନା, ପିଣ୍ଟୁ ବାଗ, ହେପି ମଲ୍ଲିକ, ପ୍ରଶାନ୍ତ ମହାପାତ୍ର, ବାବୁଲୁ ଦେହେରି, ଜଗା ବାଗ, ବାପି ଭୁକ୍ତା, ରମେଶ ସାହୁ, ରାହୁଲ ମଲ୍ଲିକ, ରାଜୁ ଖାଁ, ନିରୋଜ ଗଣ୍ଡ, ଅନିଲ ମଲ୍ଲିକ, ସୁଗ୍ରୀବ କର୍ମୀ, ଜୟନ୍ତ ମଲ୍ଲିକ, ରାଜେଶ ଛନ୍ଦ, ପ୍ରଦୀପ ମଲ୍ଲିକ, ସୁଭମ ଡନସନା, ପିଣ୍ଟୁ ମେହେର, ଅନ୍ନୟ କର୍ମୀ, ଙ୍କ ସମେତ ରେନବୋ କ୍ଲବ୍‌ର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ । ମଳୟ ଡନସନା ଅମଲିପାଲି ଗାଁର ଦେବେନ୍ଦ୍ର ଡନସନା ଓ ସୁରଭି ଡନସନାଙ୍କ ପୁତ୍ର ଥିଲେ । ମାତ୍ର ୨୦ବର୍ଷରେ ଏକ ସଡକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା । ଫୁଟବଲ ଖେଳାଳି ଭାବେ ନିଜ ଗାଁ ଅମଲିପାଲିରୁ ଆରମ୍ଭ କରି ସମଗ୍ର ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ । ତାଙ୍କ ସ୍ମୃତିରେ ଗାଁର ରେନେବୋ କ୍ଲବ୍‌ର ଯୁବକ ସହିତ ଅଞ୍ଚଳ ମାନ୍ୟଗଣ୍ୟ ବ୍ୟକ୍ତି ମିଳିତ ଭାବେ ଟୁର୍ଣ୍ଣାମେଣ୍ଟକୁ ଆୟୋଜିତ କରୁଛନ୍ତି ।

### ଜାତୀୟ ପ୍ରେସ୍ ଦିବସ

## ବିକାଶ ପାଇଁ ଗଣମାଧ୍ୟମ-ପ୍ରଶାସନର ସମନ୍ୱୟ ଜରୁରୀ

ବରଗଡ଼, ୧୬।୧୧(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ମହାଆଡମ୍ବର ସହକାରରେ ପାଳିତ ହୋଇଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସେମାନେ ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ପ୍ରତ୍ୟେକ ଖବରକୁ ତର୍ଜମା କରିବା ଉଚିତ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିଷୟବସ୍ତୁ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଉପରେ ମତ ପ୍ରକାଶ କରିଥିଲେ ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଡେପୁଟି କଲେକ୍ଟର ସୂର୍ଯ୍ୟମଣୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଭାବେ ସମାଜ ଖବର କାଗଜର ଜିଲ୍ଲା ପ୍ରତିନିଧି ବାଲାଜୀ ବିଭୁରଞ୍ଜନ ତରାସିଆ ଏବଂ ନ୍ୟୁଜ-୧୮ ଓଡିଆ ଜିଲ୍ଲା ପ୍ରତିନିଧ ରଞ୍ଜନ ଦେବତା ଜାତୀୟ ପ୍ରେସ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ । ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ସମ୍ବାଦିକତାର ଗାରିମାକୁ ବଜାୟ ରଖିବା ଏବଂ ଏକତ୍ରିତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ । ଓଟିଭି ଜିଲ୍ଲା ପ୍ରତିନିଧି ଧର୍ମଦତ୍ତ ପାଢ଼ୀ ସୁନ୍ଦର କବିତା ପାଠ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



### ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଗୋଲକୁଣ୍ଡା ଚାମ୍ପିଅନ, ବାରବାଟୀ ରନର୍ସଅପ୍

ଭୁବନେଶ୍ୱର, ୧୬।୧୧(ସମିସ)




ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଓଡ଼ିଶାରେ ପ୍ରଥମଥର ଆୟୋଜିତ ହୋଇଥିବା ଓଡ଼ିଶା ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୋଲକୁଣ୍ଡା ଗାର୍ଡିଅନ୍ସ ଚାମ୍ପିଅନ ହୋଇଥିଲାବେଳେ ବାରବାଟୀ ବ୍ୟାଟଲର୍ସ ରନସ ଅପ୍ ହୋଇଛି। ଭିକ୍ଟୋରିଆ ଭିକ୍ଟର୍ସ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲାବେଳେ ଅମ୍ବର ଆଭେଞ୍ଜର୍ସ ଚତୁର୍ଥ ସ୍ଥାନରେ ରହିଥିଲା। ପୁରସ୍କାର ବାବଦରେ ଚାମ୍ପିଅନ ଗ୍ରାଣ୍ଡ ଆୱାସ ମାଲିକାନାରେ ଖେଳୁଥିବା ଗୋଲକୁଣ୍ଡାକୁ ଟ୍ରଫି ସହ ୫ ଲକ୍ଷ, ଟ୍ରିପଲ 'ସି' କ୍ଲବ୍ ମାଲିକାନାରେ ଖେଳୁଥିବା ବାରବାଟୀ ବ୍ୟାଟଲର୍ସକୁ ରନର୍ସ ଅପ୍ ଟ୍ରଫି ସହ ୩ ଲକ୍ଷ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛତିଶଗଡ଼ର ରାଘବେନ୍ଦ୍ର ସିଂଘାଣିଆଙ୍କ ଟିମ୍ ଭିକ୍ଟୋରିଆ ଭିକ୍ଟର୍ସକୁ ରନର୍ସ ଅପ୍ ଟ୍ରଫି ସହ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ସାଂସଦ ପ୍ରଦୀପ କୁମାର ବର୍ମା ମୁଖ୍ୟଅତିଥି, ଜେମିନୀ ଅଏଲର ଜେନେରାଲ ମ୍ୟାନେଜର ପ୍ରଦୀପ କିଶୋର ମହାପାତ୍ର, ଜିଏସ୍‌ଟି କମିଶନର ପ୍ରୀତିରଞ୍ଜନ ନାଥ, ଏଆଇସିଏଫ୍ ଯୁଗ୍ମ ସଚିବ ମନୀଷ କୁମାର, ଏଓସିଏ ସମ୍ପାଦକ ଦେବବ୍ରତ ଭଙ୍ଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଦୀପ୍ତ ମହାନ୍ତି, ଡ. ସଞ୍ଜୟ ଚୌଧୁରୀ, ଡ. ଚିଦାତ୍ମିକା ଖଟୁଆ, ଡ. ସେକ୍ ସମିମ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

ଆଇପିଏଲ ଢ଼ାଞ୍ଚାରେ ହୋଟେଲ ଲାଇଫ୍‌ରେ ଗତ ୩ ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳ ହେବା ପରେ ୪ଟି ଦଳ ନକ୍‌ଆଉଟକୁ ଉନ୍ନୀତ ହୋଇଥିଲେ। ଆଇପିଏଲ୍ ପରି ପ୍ରଥମ ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ରେ ପରସ୍ପର ସହ ମୁକାବିଲା କରିଥିଲେ। ଏଥିରେ ଭିକ୍ଟୋରିଆକୁ ହରାଇ ନଂ-୧ ଟିମ୍ ଗୋଲକୁଣ୍ଡା ପ୍ରଥମ ଟିମ୍ ଭାବେ ଫାଇନାଲକୁ ଯାଇଥିଲା। ଏଲିମିନେଟରରେ ଅମ୍ବର ଆଭେଞ୍ଜର୍ସକୁ ହରାଇ ବାରବାଟୀ ଦ୍ୱିତୀୟ କ୍ୱାଲିଫାୟର୍ସକୁ ଯାଇଥିଲା। ପରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାଲିଫାୟରରେ ଭିକ୍ଟୋରିଆକୁ ହରାଇ ବାରବାଟୀ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଫାଇନାଲରେ ବାରବାଟୀକୁ ହରାଇ ଗୋଲକୁଣ୍ଡା ଗାର୍ଡିଆନ୍ସ ଚାମ୍ପିଅନ ହୋଇଥିଲା। ଏହି ଦଳରେ ଆର୍ଯ୍ୟ ଅର୍ଣ୍ଣବ ସାମନ୍ତରାୟ, ମହୀତୋଷ ଦେ', ଅଧିନାୟକ ତଥା ଆଇଏମ୍ ଆରାଧ ଗର୍ଗ, ସ୍ୱପ୍ନିଳ ପ୍ରିୟଦର୍ଶୀ, ମୁକୁନ୍ଦ ହେମନ୍ତ ଅଗରୱାଲ, ଆଶ୍ରିୟା ଦାସ, ରାକେଶ କୁମାର ନାୟକ ଏବଂ ସୋୟମ ଲକ୍ଷ୍ମୀଦତ୍ତ ଡି ସାବତ ଖେଳାଳିଭାବେ ଚମତ୍କାର ପ୍ରଦର୍ଶନ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟର ଚିଫ୍ ଆର୍ବିଟର ଭାବେ ଆଇଏ ସୁରେଶ ଚନ୍ଦ୍ର ସାହୁ, ଡେପୁଟି ଚିଫ୍ ଆର୍ବିଟର ଭାବେ ଆଇଏ ତାପସ କୁମାର ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର, ଅଭିଷେକ ଆଚାର୍ଯ୍ୟ ଓ ଅନ୍ୟ ଆର୍ବିଟରମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଏଓସିଏ କାର୍ଯ୍ୟନିର୍ବାହୀ ସଦସ୍ୟ ରୀତେଶ ରଥ, ପଦ୍ମିନୀ ସିଂ, ଧନଞ୍ଜୟ ସାବତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ଉଦ୍‌ଯାପିତ

## ଖୋର୍ଦ୍ଧା ପ୍ରଥମ, କଟକ ଦ୍ୱିତୀୟ

**ଭୁବନେଶ୍ୱର, ୧୬।୧୧(ସମିସ):** ଓଡ଼ିଶା ରାଜ୍ୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୬ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲ୍ଲା ୨୩ଟି ସ୍ୱର୍ଣ୍ଣପଦକ ଜିତି ପ୍ରଥମ, କଟକ ଜିଲ୍ଲା ୮ଟି ସ୍ୱର୍ଣ୍ଣପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସୁନ୍ଦରଗଡ଼ ୭ଟି ସ୍ୱର୍ଣ୍ଣ ସହ ତୃତୀୟ ହୋଇଛି। ଖେଳ ଶେଷରେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର, ଚନ୍ଦ୍ରଶେଖର ସାହୁ, ପ୍ରଦୀପ କୁମାର ପାତ୍ର, ଏନ୍‌ବି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ଲକିରାଣୀ ପାତ୍ର, ସ୍ୱାଗତିକା ଖଟେଇ ଓ ଅନୁପମା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



## ଶ୍ୱେତପଦ୍ମାଙ୍କୁ ମିଳିଲା ଏକଲବ୍ୟ ପୁରସ୍କାର


**ଭୁବନେଶ୍ୱର, ୧୬।୧୧(ସମିସ):** ରାଜ୍ୟର ପ୍ରମୁଖ ଅନ୍ତର୍ଜାତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ଶ୍ୱେତପଦ୍ମା ପଣ୍ଡାଙ୍କୁ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ଏକ ଘରୋଇ ହୋଟେଲେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ୱେତପଦ୍ମାଙ୍କୁ ଇମ୍ପାକ୍ଟ ପ୍ରଦତ୍ତ ଟ୍ରଫି, ମାନପତ୍ର ଓ ୭ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ଏହା ବ୍ୟତୀତ ରାଜ୍ୟର ଆଉ ଦୁଇଜଣ ଖେଳାଳିଙ୍କୁ ସମ୍ମାନିତ କରାଯାଇଛି। ଭାରୋତ୍ତୋଳିକା ପ୍ରିତୀସ୍ମିତା ଭୋଇ ଓ ଉଦୀୟମାନ ଟେନିସ ଖେଳାଳି ଆହାନଙ୍କୁ ମାନପତ୍ର, ଟ୍ରଫି ଓ ଦେଢ଼ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଥିଲା।

**ସମ୍ମାନିତ ହେଲେ ପ୍ରୀତିସ୍ମିତା ଓ ଆହାନ**



ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଟ୍ରଷ୍ଟି ପାରମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିତରଣ ଉତ୍ସବକୁ ପୁରସ୍କାର କମିଟି ସଂଯୋଜକ ତଥା କର୍ପୋରେଟ ବ୍ୟାପାର ମୁଖ୍ୟ ଅଶ୍ୱିନୀପ୍ରସାଦ ମହାନ୍ତି ପରିଚାଳନା କରିଥିଲେ। ୧୯୯୩ ମସିହାରୁ ରାଜ୍ୟର ଉଦୀୟମାନ ଖେଳାଳିଙ୍କୁ ଇମ୍‌ଫା ପକ୍ଷରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାହୋଇଆସୁଛି।

## ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିଅନ୍‌ସିପ୍ ଆରମ୍ଭ



ଭୁବନେଶ୍ୱର, ୧୬।୧୧(ସମିସ): ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୪ଟି ବିଭାଗରେ ହେବାକୁ ଥିବା ଏହି ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିଅନସିପ୍‌କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ସମୀର ଅଲି ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ଶୀର୍ଷ ଖେଳାଳି, କ୍ଲବ୍ ମାଲିକ ଚେତନ ଆନନ୍ଦ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଶେଷ ହୋଇଥିବା ସବଜୁନିଅର ବିଲିୟାର୍ଡ୍ସରେ ଆଜ୍‌ଲାନ ଅଲିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ସିନିଅର ବିଲିୟାର୍ଡ୍ସ ସେମିଫାଇନାଲରେ ସୁବ୍ରତ ଦାସ, ସମୀର ଅଲି ଓ ଚିରଞ୍ଜୀବ ସିଂ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିନିଅର ସ୍ନୁକର ପ୍ରଥମ ରାଉଣ୍ଡରେ ଜଗଦୀଶ ମହାନ୍ତି, ଅନୁଜ ପଣ୍ଡା, ନିଶି ପ୍ରକାଶ, ଉଦ୍‌ଭାସ ମହାପାତ୍ର, ପ୍ରିୟା ଗୋବିନ୍ଦ ଓ ରାକେଶ ମହାନ୍ତି ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟ୍

## ପାକିସ୍ତାନକୁ ହରାଇଲା ଭାରତ

କଲମ୍ବୋ, ୧୬।୧୧(ଏଜେନ୍ସି): ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୮ ୱିକେଟରେ ପଡୋଶୀ ପାକିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୩ ରନ୍‌ରେ ୪ଟି ୱିକେଟ ହରାଇବା ପରେ ମେହେରିନ୍ ଅଲିଙ୍କ ୬୬ ରନ୍ ସହାୟତାରେ ୮ ୱିକେଟ ହରାଇ ୧୩୫ ରନ୍ କରିଥିଲା। ଜବାବରେ ଭାରତ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଏହି ବିଜୟ ଫଳରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ସୋମବାର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ।

### ଜାତୀୟ ପାରା ସୁଇମିଂ ଚାମ୍ପିଅନ୍‌ସିପ୍

## ପ୍ରଥମ ଦିବସରେ ଓଡ଼ିଶାକୁ ୭ ପଦକ



**ଭୁବନେଶ୍ୱର, ୧୬।୧୧ (ସମିସ):** ହାଇଦରାବାଦ୍‌ରେ ରବିବାର ଜାତୀୟ ପାରା ସୁଇମିଂର ୨୫ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶା ସନ୍ତରଣକାରୀମାନେ ପ୍ରଭାବୀ ପ୍ରଦର୍ଶନ କରି ୭ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲର ଏସ୍-୪ କାଟାଗୋରୀରେ ବଳରାମ ସ୍ୱାଇଁ, ଏସ୍-୫ କାଟାଗୋରୀରେ ନରହରି ବେହେରା ଓ ମହିଳା ଏସ୍-୬ କାଟାଗୋରୀରେ କବିତା ଦଳାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ପୁରୁଷ ବ୍ୟାକ୍ ଷ୍ଟ୍ରୋକ ଏସ୍-୧୧ କାଟାଗୋରୀରେ ରଞ୍ଜନ ହାଁସଦାଙ୍କୁ ରୌପ୍ୟ ପଦକ ମିଳିଛି। କାଂସ୍ୟ ପଦକ ସଫଳତା ପାଇଥିବା ସନ୍ତରଣକାରୀମାନେ ହେଲେ ଦୀନେଶ ମାଝୀ, ଶିବାନନ୍ଦ ବୈଦ୍ୟ ଓ କମଳ ଟୁଡୁ।

### ଆଜିଠୁ ମହିଳା କବାଡ଼ି ବିଶ୍ୱକପ୍

## ଟାଇଟଲ୍ ବଜାୟ ଲକ୍ଷ୍ୟରେ ଭାରତ

**ଢାକା, ୧୬।୧୧ (ଏଜେନ୍ସି):** ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ସୋମବାରଠାରୁ ବାଂଲାଦେଶର ଢାକାରେ ଆରମ୍ଭ ହେବାକୁଯାଉଛି। ୧୩ ବର୍ଷର ବ୍ୟବଧାନ ପରେ ମହିଳା କବାଡ଼ି ବିଶ୍ୱକପ୍ ଖେଳାଯିବ। ୨୦୧୨ରେ ବିହାରରେ ଖେଳାଯାଇଥିବା ପ୍ରଥମ ସଂସ୍କରଣରେ ଭାରତୀୟ ମହିଳା ଦଳ ଇରାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଫଳରେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଭାରତ ଏଥର ବିଶ୍ୱକପ୍‌ରେ ପ୍ରବେଶ କରିଛି। ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦ୍ୱିତୀୟ ସଂସ୍କରଣରେ ମୋଟ୍ ୧୧ଟି ଦଳ ଭାଗନେଇଛନ୍ତି। ଆୟୋଜକ ବାଂଲାଦେଶ ଓ ଭାରତ ସମେତ ଜର୍ମାନୀ, ଥାଇଲାଣ୍ଡ ଓ ଉଗାଣ୍ଡା ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-ବି'ରେ ଇରାନ, କେନିଆ, ନେପାଳ, ପୋଲାଣ୍ଡ, ଚାଇନିଜ ତାଇପେଇ ଓ ଯାଞ୍ଜିବର ରହିଛନ୍ତି। ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନା ଓହରିଯିବାରୁ ଗ୍ରୁପ୍-ଏ'ରେ ୫ଟି ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ପ୍ରବେଶ କରିବେ।

### କୁଚ୍ ବିହାର ଟ୍ରଫି

## ଅର୍ପିତଙ୍କୁ ୩ ୱିକେଟ୍; ମହାରାଷ୍ଟ୍ର ୨୯୯/୫



**କଟକ, ୧୬।୧୧(ସମିସ):** ଘରୋଇ ମହାରାଷ୍ଟ୍ର ଓ ଓଡ଼ିଶା ମଧ୍ୟରେ ରବିବାରଠାରୁ ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ କୁଚ୍ ବିହାର ଟ୍ରଫି (୧୯ ବର୍ଷରୁ କମ୍) ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ମହାରାଷ୍ଟ୍ର ଦଳ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ୱିକେଟ ବିନିମୟରେ ୨୯୯ ରନ ସଂଗ୍ରହ କରି ଦୃଢ଼ସ୍ଥିତିରେ ରହିଛି। ଦଳ ପକ୍ଷରୁ ଓପନର ଜାସନ ସିଂହ ସର୍ବାଧିକ ୧୦୨ ରନ କରିଥିଲେ। ସେହିଭଳି ୱିକେଟକିପର ସାଇ ପ୍ରଦେଶୀ ଏବଂ ଏସ୍ ଜଗତପ ଯଥାକ୍ରମେ ୪୫ ଏବଂ ୪୮ ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୩ଟି ଏବଂ ରାଜ ଯାଦବ ୨ଟି ୱିକେଟ ଦଖଲ କରିଛନ୍ତି। ପ୍ରଥମ ଦିବସରେ ଓଡ଼ିଶା ବୋଲର ୯୨ ଓଭର ବୋଲିଂ କରି ମାତ୍ର ୫ ୱିକେଟ୍ ନେଇ ନିରାଶ କରିଛନ୍ତି।

### ଏସିଆ କପ୍ ରାଇଜିଂ ଷ୍ଟାର୍

## ସୂର୍ଯ୍ୟବଂଶୀଙ୍କ ଦ୍ରୁତ ଇନିଂସ ବେକାର

**ଦୋହା, ୧୬।୧୧ (ଏଜେନ୍ସି):** ଏଠାରେ ଚାଲିଥିବା ଏସିଆ କପ୍ ରାଇଜିଂ ଷ୍ଟାର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ଏ ପ୍ରଥମ ପରାଜୟବରଣ କରିଛି। ରବିବାର ରାତିରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଭାରତ-ଏ ୮ ୱିକେଟ୍‌ରେ ପାକିସ୍ତାନ-ଏ ନିକଟରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୧୯ ଓଭରରେ ୧୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଓପନର୍ ବୈଭବ ସୂର୍ଯ୍ୟବଂଶୀ ୨୮ ବଲରେ ୫ ଚୌକା ଓ ୩ ଛକା ସହ ସର୍ବାଧିକ ୪୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ୩୫, ହର୍ଷ ଦୁବେ ୧୯, ନେହାଲ ୱାଧେର ୮ ଓ ରମନଦୀପ୍ ସିଂହ ୧୧ ରନ କରିଥିଲେ। ପାକିସ୍ତାନର ଶାହିଦ ଅଜିଜ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ-ଏ ୧୩.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ମାଜ୍ ସାଦକତ୍ ୪୭ ବଲରେ ଅପରାଜିତ ୭୯ ରନ କରିଥିଲେ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ପ୍ରଥମ ମ୍ୟାଚରେ ୧୪୮ ରନରେ ୟୁଏଇ'କୁ ହରାଇଥିଲା। ଶେଷ ମ୍ୟାଚରେ ଭାରତ ମଙ୍ଗଳବାର ଓମାନକୁ ଭେଟିବ।

### ଟୋକିଓ ଡିଫ୍ ଅଲିମ୍ପିକ୍ସ

## ଟାଇଟଲ୍ ବଜାୟ ରଖିଲେ ଶୁଟର୍ ଶ୍ରୀକାନ୍ତ



**ଟୋକିଓ, ୧୬।୧୧ (ଏଜେନ୍ସି):** ଜାପାନର ରାଜଧାନୀ ଟୋକିଓରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଡିଫ୍ (ବଧିର) ଅଲିମ୍ପିକ୍ସର ୨୫ତମ ସଂସ୍କରଣରେ ଭାରତୀୟ ସୁଟର୍ ଧନୁଶ ଶ୍ରୀକାନ୍ତ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ପୁରୁଷ ଏୟାର ରାଇଫଲ୍‌ରେ ଶ୍ରୀକାନ୍ତ ୨୫୨.୨ ସ୍କୋର ସହ ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ଶ୍ରୀକାନ୍ତ ୨୦୨୨ରେ ବ୍ରାଜିଲରେ ଅନୁଷ୍ଠିତ ଡିଫ୍ ଅଲିମ୍ପିକ୍ସର ଗତ ସଂସ୍କରଣରେ ମଧ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅନ୍ୟତମ ଭାରତୀୟ ସୁଟର୍ ମହମ୍ମଦ ଭାନିଆ ୨୫୦.୧ ସ୍କୋର ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଫଳରେ ଭାରତ ଏହି ଇଭେଣ୍ଟରୁ ୨ଟି ପଦକ ଜିତିବାରେ ସଫଳ ହୋଇଛି। ସେହିଭଳି ମହିଳା ଏୟାର ରାଇଫଲ୍ ଇଭେଣ୍ଟରେ ମଧ ଭାରତ ୨ଟି ପଦକ ଜିତିଛି। ମହିତ ସାନ୍ଧୁ ଓ କୋମଲ ୱାଗମାରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି।

## ରାଜ୍ୟ ଓପନ ଚେସ୍ ଜିତିଲେ ତନ୍ମୟ

**ଭୁବନେଶ୍ୱର, ୧୬।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ପକ୍ଷରୁ ଆଉ ଏକ ପ୍ରୋତ୍ସାହନମୂଳକ ଚେସ୍ ପ୍ରତିଯୋଗିତା 'ନିର୍ମଳ କୁମାର ପଟ୍ଟନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍' ରବିବାର ଅନୁଷ୍ଠିତ ହୋଇଯାଇଛି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଛନ୍ତି। ତାଙ୍କ ପଛକୁ ପାରାଦୀପର ଜ୍ଞାନରଞ୍ଜନ ସେଠୀଙ୍କୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। କଟକର ନିରେକ ପରିଡ଼ା, ପ୍ରତ୍ୟୁଷ ମହାପାତ୍ର, ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର, ଭୁବନେଶ୍ୱରର ସତ୍ୟମାଧବ ଶତପଥୀ, ପୁରୀର କ୍ରିତୀଶ କୁମାର ଓ ଗଜପତିର ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ତୃତୀୟରୁ ୮ମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରଜ୍ଞା ସାହୁ, ସଞ୍ଜୀବ ପଟ୍ଟନାୟକ, ସ୍ମିତା ଭୋଳ ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।



### ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଟାଇବ୍ରେକର୍‌ରେ ଜିତିଲା ସେଞ୍ଚୁରିଆନ କ୍ଲବ୍

ଶରଣକୁଳ,୧୬।୧୧(ସମିସ)



ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନର ୬୪ ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦଘାଟିତ ହୋଇ ଯାଇଛି। ଆସାସିଏସନର ସଭାପତି ତଥା ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଡ଼ିଆରୀ, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଥିଲେ। ଉଦଘାଟନୀ ମ୍ୟାଚ ଭୁବନେଶ୍ୱରର ସେଞ୍ଚୁରିଆନ କ୍ଲବ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ବେଶ ଚିତ୍ତାକର୍ଷକ ଥିବାବେଳେ ୧୧ ତମ ମିନିଟରେ ଜଟଣୀ ଦଳର ୧୦ ନମ୍ବର ଜର୍ସି ଖେଳାଳି ଚିଣ୍ଟୁ ସାମଲ ଚତୁରତାର ସହ ପ୍ରଥମ ଗୋଲ ସ୍କୋର କରି ଦଳକୁ ଆଗେଇ ନେଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟରେ ଭୁବନେଶ୍ୱର ଦଳର ୭ ନମ୍ବର ଜର୍ସି ଖେଳାଳି ଅମିନୁ ଗୋଲ ଶୁଝାଇ ଦଳକୁ ସମାନ ସ୍ତରକୁ ଆଣିଥିଲେ। ଖେଳ ୧-୧ରେ ସମାନ ହେବା ପରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା ଓ ୩୧ ତମ ମିନିଟ ରେ ଚିଣ୍ଟୁ ସାମଲ ବିପକ୍ଷ ଦଳକୁ ଆଉ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଶେଷ ସମୟ ପୂର୍ବରୁ ଭୁବନେଶ୍ୱର ଦଳ ଶୁଝାଇଦେବାରୁ ନିର୍ଦ୍ଧାରିତ ସମରେ ଖେଳ ୨-୨ ଗୋଲରେ ସମାନସ୍ତରେ ରହିଥିଲା। ମ୍ୟାଚ୍ର ଫଳାଫଳ ଲାଗି ଟାଇବ୍ରେକର ପଦ୍ଧତି ନିଆଯାଥିଲା। ଏଥରେ ଭୁବନେଶ୍ୱର ଦଳ ବିଜୟୀ ହୋଇଥିଲା ଓ ଦଳର ଅମିନୁଙ୍କୁ ଶ୍ରେଷ୍ଠ ଖେଳାଳି ରୁପେ ଚୟନ କରାଯାଇଥିଲା। ଶରଣକୁଳ ଜନସଂଗ୍ରାମ ପ୍ରେସ ପକ୍ଷରୁ ଅତିଥିଙ୍କ ଦ୍ୱାରା ଏକହଜାର ଅର୍ଥ ରାଶି ସହିତ ଏକ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ବିକ୍ରମ କୁମାର ଦାଶ,କୃଷ୍ଣଚନ୍ଦ୍ର ମହାପାତ୍ର,ଚିତ୍ତ ରଞ୍ଜନ ବରାଡ଼,କୃଷ୍ଣଚନ୍ଦ୍ର ତ୍ରିପାଠୀ,ରମେଶଚନ୍ଦ୍ର ବରାଡ଼,ଅଖିଳ କୁମାର ମହାପାତ୍ର ପ୍ରମୁଖ ଖେଳ ରେ ସହଯୋଗ କରିଥିଲେ। ସୋମବାର ଖେଳ ଡ଼ିଏମଏସଏଫସି କେପିଝାଡ଼ଖଣ୍ଡ ଏବଂ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସମ୍ପାଦକ ରବିନ୍ଦ୍ର କୁମାର ଚୌଧୁରୀ ଜଣାଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୩୧- ଇକ୍ୱାଡୋର ଓ ଭେନେଜୁଏଲା ଗ୍ରେଟର୍ କଲମ୍ବିଆଠାରୁ ଅଲଗା ହେଲେ।
- ୧୯୨୮ -ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ୍ ରାୟଙ୍କ ବିୟୋଗ।
- ୧୯୬୬- ରୀତା ଫାରିଆ ବିଶ୍ୱ ସୁନ୍ଦରୀ ହେଲେ।
- ୧୯୯୯ -ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ପାଇଁ ୟୁନେସ୍କୋ ଅନୁମତି ଦେଲା।



# ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ
## କରନ୍ ଦେଲେ ଇସାରା


ବଲିଉଡ୍‌ର କିଙ୍ଗ୍‌ଖାନ୍ ଶାହାରୁଖ୍, କାଜଲ ଓ ରାନୀ ମୁଖାର୍ଜୀଙ୍କ ଅଭିନୀତ 'କୁଛ କୁଛ ହୋତା ହୈ'(୧୯୯୮) ଫିଲ୍ମ ବଲିଉଡର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି। ଫିଲ୍ମଟି ପ୍ରେମ ଏବଂ ବନ୍ଧୁତା ଉପରେ ପର୍ଯ୍ୟବେସିତ ଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କରନ୍ ଜୋହର୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ନିକଟରେ କରନ୍ ଏକ ସାକ୍ଷାତକାରରେ 'କୁଛ କୁଛ ହୋତା ହୈ ୨' ବିଷୟରେ କହିବା ସହ ଏଥିରେ କେଉଁ କଳାକାରମାନେ ଅଭିନୟ କରିବେ ସେବିଷୟରେ ମଧ୍ୟ କହିଥିଲେ। କରନ୍ କହିଥିଲେ ଯେ, ଯଦି 'କୁଛ କୁଛ ହୋତା ହୈ'ର ସିକ୍ୱେଲ ସେ ଆଣୁଛନ୍ତି ତେବେ ଏଥିରେ ରଣବୀର ସିଂହ, ଆଲିଆ ଭଟ୍ଟ, ଅନନ୍ୟା ପାଣ୍ଡେଙ୍କୁ ନେବେ। ଆଲିଆ ମଡର୍ଣ୍ଣ ଅଞ୍ଜଳି, ରଣବୀର ରାହୁଲ ଓ ଅନନ୍ୟା ଟିନା ହେବେ। ଟିନା ପାଇଁ ଜାହ୍ନବୀ କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ମଧ୍ୟ ସେ ବିକଳ୍ପ ଭାବେ ରଖିଥିବା କହିଛନ୍ତି। କରନ୍‌ଙ୍କ ଏହି ବୟାନ ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ଏହି ଫିଲ୍ମକୁ ପସନ୍ଦ କରୁଥିବା ଅନେକ ୟୁଜର୍ସ ଏଭଳି ଏକ ଆଇକନିକ୍ ଫିଲ୍ମର ସିକ୍ୱେଲ ଆଣନ୍ତୁ ନାହିଁ ବୋଲି କରନ୍‌ଙ୍କୁ କହିଛନ୍ତି। ଏଯାବତ୍ କରନ୍ ଏହାକୁ ନିର୍ମାଣ କରିବେ କି ନାହିଁ ତାହା ସ୍ପଷ୍ଟ ଭାବେ କିଛି କହିନାହାନ୍ତି।

# ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଦେଲେ ଘରଭଡ଼ା

ପତିପତ୍ନୀଙ୍କ ମଧ୍ୟରୁ କାହାରି ଜଣକର ମୃତ୍ୟୁ ହୋଇଗଲେ ଆର ଜଣକ ବଞ୍ଚିବା ବେଶ୍ କଷ୍ଟଦାୟକ ହୋଇଥାଏ। ଏହି କ୍ରମରେ ଜାପାନରୁ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ୨୬ ବର୍ଷ ଧରି ଏକ ଫ୍ଲାଟ୍‌ର ଭଡ଼ା ଦେଇ ଆସୁଥିଲେ ଯେଉଁଠାରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ପତ୍ନୀର ହତ୍ୟାକାରୀଙ୍କୁ ଧରିବା ପାଇଁ କୌଣସି ତଥ୍ୟ ମିଳିଯାଉ ବୋଲି ଆଶା କରି ସେ ଏପରି କରି ଆସୁଥିଲେ। ୧୩ ନଭେମ୍ବର, ୧୯୯୯ ମସିହାରେ ନାମିକୋ ତାକାବାଙ୍କୁ ତାଙ୍କ ଫ୍ଲାଟ୍‌ରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀ ତାଙ୍କ ବେକରେ ବାରମ୍ବାର ଛୁରୀ ଭୂଷିଥିଲା। ଏହି ସମୟରେ ତାଙ୍କ ସାନ ପୁଅ ପାଖରେ ଶୋଇଥିଲେ ମଧ୍ୟ ତାର କୌଣସି କ୍ଷତି ହୋଇ ନ ଥିଲା। ଏନେଇ ପୁଲିସ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରିବା ପରେ ବି ହତ୍ୟାକାରୀର ସନ୍ଧାନ ମିଳି ନ ଥିଲା। ତେବେ ସାତୋରୁ ତାକାବା(ନାମିକୋଙ୍କ ସ୍ୱାମୀ) ଅପରାଧ ସ୍ଥଳରେ ଲାଗିଥିବା ରକ୍ତଛିଟାକୁ ସଫା କରିବା ତଥା ସେହି ଫ୍ଲାଟ୍‌ରୁ ତାଙ୍କର ଆସବାବପତ୍ରକୁ ହଟାଇବାକୁ ସିଧାସିଧା ମନା କରିଥିଲେ। ସେ ନିଜ ଝିଅକୁ ଧରି ଅନ୍ୟ ଏକ ସ୍ଥାନରେ ରହିଲେ। ସେ ଦ୍ୱିତୀୟ ବିବାହ କରି ନ ଥିଲେ। ସ୍ତ୍ରୀର ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଧରି ଫ୍ଲାଟ୍‌ର ଭଡ଼ା ବାବଦରେ ୧.୨ କୋଟି ଟଙ୍କା ଦେଇଥିଲେ। ସେ ଲଗାତାର ଗଣମାଧ୍ୟମରେ ସାକ୍ଷାତକାର ଦେଇ ତାଙ୍କ ସ୍ତ୍ରୀଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ କହୁଥିଲେ। ଶେଷରେ ଏହି ଘଟଣାର ୨୬ ବର୍ଷ ପରେ ଚଳିତ ବର୍ଷ ଅକ୍ଟୋବର ମାସରେ ହତ୍ୟାକାରୀ ଚିହ୍ନଟ ହୋଇଥିଲେ। ହତ୍ୟାକାରୀ ନାଁ ହେଉଛି କୁମିକୋ ୟାସୁଫୁକୁ। ସେ ସାତୋରୁଙ୍କର ସ୍କୁଲ ସାଙ୍ଗ ଥିଲେ। କୁମିକୋ ସାତୋରୁଙ୍କୁ ଏକତରଫା ପ୍ରେମ କରୁଥିଲେ। ସାତୋରୁଙ୍କୁ କିନ୍ତୁ କୁମିକୋଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କରିଥିଲେ। ୩୦ ଅକ୍ଟୋବର, ୨୦୨୫ରେ କୁମିକୋ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ଅପରାଧ ସ୍ଥଳକୁ ମିଳିଥିବା ରକ୍ତନମୁନା ତାଙ୍କ ସହିତ ମ୍ୟାଚ୍ ହୋଇଥିଲା। ତେବେ ସାତୋରୁ ହତ୍ୟାକାରୀଙ୍କ ସମ୍ପର୍କରେ ଶୁଣିବା ପରେ ସ୍ତବ୍ଧ ହୋଇ ଯାଇଥିଲେ। ସାତୋରୁ କହିଛନ୍ତି ଯେ, 'ସେ ଯେଉଁ ଘର ପାଇଁ ଏତେ ଦିନରୁ ଭଡ଼ା ଦେଇ ଆସୁଥିଲେ କୁମିକୋ ତାରି ଆଖପାଖରେ ଦୀର୍ଘ ବର୍ଷ ଧରି ରହି ଆସୁଥିଲେ।' ଦୀର୍ଘ ୨୬ବର୍ଷ ଧରି ସେ ନ ରହି ମଧ୍ୟ ଯେଉଁ ଫ୍ଲାଟ୍ ପାଇଁ ଭଡ଼ା ଦେଇ ଆସୁଥିଲେ, ଉକ୍ତ ନିଷ୍ପତ୍ତି ଠିକ୍ ଥିଲା ବୋଲି ସାତୋରୁ କହିଛନ୍ତି।



# କର୍ମଚାରୀଙ୍କୁ ସୁନା କି-କ୍ୟାପ୍ ଉପହାର



ଅନେକ କମ୍ପାନି କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ବୋନ୍‌ସ, ଉପହାର ଆଦି ଦିଅନ୍ତି। ଏହି କ୍ରମରେ ଚୀନ୍‌ର ଏକ କମ୍ପାନି ଉପହାରରେ କର୍ମଚାରୀଙ୍କୁ ସୁନା କି ବୋର୍ଡ କ୍ୟାପ୍ ଦେଇ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚୀନ୍ ଶେନ୍‌ଝେନ୍‌ରେ ଥିବା ଇନ୍‌ଷ୍ଟା ୩୬୦ ନାମକ କମ୍ପାନି କର୍ମଚାରୀଙ୍କୁ ଦୀର୍ଘ ଚାରିବର୍ଷ ଧରି ସୁନା କିବୋର୍ଡ କ୍ୟାପ୍ ଦେଇ ଆସୁଛି। କମ୍ପାନି ପକ୍ଷରୁ ଏହାର ନାମ 'ଗୋଲଡେନ୍ ବୋନସ୍' ନାମ ଦିଆଯାଇଛି। ନିକଟରେ ଏହି କମ୍ପାନି ଚୀନ୍ ପ୍ରୋଗାମର ଡେ ( ୨୪ ଅକ୍ଟୋବରରେ) ଅବସରରେ ୨୧ ଜଣ କର୍ମଚାରୀଙ୍କୁ ସୁନାର କି କ୍ୟାପ୍ ଉପହାରରେ ଦେଇଥିଲା। ଏହି କି କ୍ୟାପ୍‌ଗୁଡ଼ିକ ମଧ୍ୟରେ ସ୍ପେଶ୍ ବାର୍ ମଧ୍ୟ ଥିଲା। ଏହାର ମୂଲ୍ୟ ପାଖାପାଖି ୪୫ ଲକ୍ଷ ଟଙ୍କା ହେବ। ଏଯାବତ୍ କମ୍ପାନି ପକ୍ଷରୁ କର୍ମଚାରୀଙ୍କୁ ସମୁଦାୟ ୫୫ଟି ସୁନାର କି କ୍ୟାପ୍ ପ୍ରଦାନ କରାଯାଇଛି। ସୁନାର ଏହି କି କ୍ୟାପ୍‌ଗୁଡ଼ିକ କେବଳ ବୋନସ୍ ନୁହେଁ ଏହା କର୍ମଚାରୀଙ୍କ ପରିଶ୍ରମ ଓ ନିଷ୍ଠାର ପ୍ରତୀକ ବୋଲି ଇନ୍‌ଷ୍ଟା ୩୬୦ ପକ୍ଷରୁ କୁହାଯାଇଛି। ସୁନା ଦେଉଥିବାରୁ ଏହି କମ୍ପାନିକୁ ଚୀନ୍‌ରେ 'ଗୋଲଡ୍ ଫ୍ୟାକ୍ଟ୍ରି' ବୋଲି କୁହାଯାଏ। ସେହିପରି ଇନ୍‌ଷ୍ଟା ୩୬୦ ଏହାର ୧୦ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀ ଓ ଇଣ୍ଟର୍ଣ୍ଣଙ୍କୁ ଉପହାର ସ୍ୱରୂପ ଗୋଲଡ୍ ବ୍ଲାଇଣ୍ଡ ବାକ୍ସ ଦେଇଥିଲା। ଏଥିରେ ୦. ୩୬ ଗ୍ରାମ୍‌ର ଶୁଦ୍ଧ ସୁନାର ଷ୍ଟିକର୍ ଥିଲା। ଏହି କମ୍ପାନି କର୍ମଚାରୀଙ୍କୁ କେବଳ ବୋନ୍‌ସ ନୁହେଁ, ସେମାନଙ୍କ ବ୍ୟକ୍ତିଗତ ଖୁସିକୁ ମଧ୍ୟ ପ୍ରାଧାନ୍ୟ ଦେଇଥାଏ। ବିଶେଷ ଅବସରରେ ସୁନା ଉପହାର ଦେଇଥାଏ। କୌଣସି କର୍ମଚାରୀଙ୍କ ବିବାହ କିମ୍ବା ପିଲା ଜନ୍ମ ହେଲେ କମ୍ପାନି ପକ୍ଷରୁ ଏକ ଗ୍ରାମ୍ ଓଜନର ସୁନା ମୁଦ୍ରା ପ୍ରଦାନ କରାଯାଏ।


# ତୁଳସୀ ଜଟାର ମହତ୍ତ୍ୱ



**ହିନ୍ଦୁ ଧର୍ମରେ ତୁଳସୀକୁ ସବୁଠୁ ପବିତ୍ର ବୃକ୍ଷ ବୋଲି କୁହାଯାଇଛି। ତୁଳସୀ କେବଳ ଭଗବାନ ବିଷ୍ଣୁଙ୍କ ପ୍ରିୟ ନୁହେଁ, ଏହା ଘରର ସକାରାତ୍ମକ ଶକ୍ତି ସଞ୍ଚାର କରିବା ସହିତ ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଏ। ଯେମିତି ତୁଳସୀ ପତ୍ରର ମହତ୍ତ୍ୱ ଅଛି, ଠିକ୍‌ସେମିତି ତୁଳସୀ ଫୁଲ ବି ମଙ୍ଗଳକାରୀ। କୁହାଯାଏ ତୁଳସୀ ଗଛରେ ତୁଳସୀ ଫୁଲ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ।**

ଧାର୍ମିକ ଗ୍ରନ୍ଥରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କ ପୂଜା ତୁଳସୀ ବିନା ଅଧୁରା। ତେଣୁ ତୁଳସୀରେ ଫୁଲ ଆସିଲେ ଏହାକୁ ଶ୍ରୀହରିଙ୍କ ଭୋଗ ସହିତ ଅର୍ପଣ କରନ୍ତୁ। ଏଭଳି କରିବା ଦ୍ୱାରା ଭଗବାନ ବିଷ୍ଣୁ ଅତ୍ୟନ୍ତ ପ୍ରସନ୍ନ ହୋଇଥାନ୍ତି ଏବଂ ପୁଣ୍ୟ ପ୍ରାପ୍ତି ହୁଏ। ଏହା ଜୀବନରୁ ନକାରାତ୍ମକତାକୁ ଦୂରେଇ ସୌଭାଗ୍ୟ ଆଣେ। ସେହିପରି ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ, ଶୁକ୍ରବାର ମା' ଲକ୍ଷ୍ମୀଙ୍କୁ ତୁଳସୀ ଫୁଲ ଅର୍ପଣ କରିବା ଉଚିତ। ଏଭଳି କରିବା ଦ୍ୱାରା ଦେବୀ ଲକ୍ଷ୍ମୀ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏହି ଉପାୟ ଅର୍ଥ ସମସ୍ୟା ଦୂର କରେ।

ସେହିପରି ଘରେ ଲଗାତାର କଳି, ଝଗଡ଼ା, ଚିନ୍ତା ଓ ନକାରାତ୍ମକ ପରିବେଶ ବଜାୟ ରହିଲେ, ତୁଳସୀ ଫୁଲକୁ ବ୍ୟବହାର କରିବା ଭଲ। ଏକ ପାତ୍ରରେ ଗଙ୍ଗାଜଳ ନେଇ ତାହାକୁ ତୁଳସୀ ଫୁଲରେ ଘରେ ସିଞ୍ଚନ କରିବା ଦ୍ୱାରା ଘର ପରିବେଶ ଶୁଦ୍ଧ ଓ ଶାନ୍ତିପୂର୍ଣ୍ଣ ହୋଇଥାଏ। ଉଭୟ ତୁଳସୀ ଓ ଗଙ୍ଗାଜଳ ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାର ମିଶ୍ରଣ ଶୁଭଫଳ ପ୍ରଦାନ କରେ।




# ପୂଜା ଫୁଲ ଧୋଇ ଚଢ଼ାଉ ଥିଲେ

ଫୁଲ ବିନା ଦେବୀ ଦେବତା ଏବଂ ଧାର୍ମିକ ଅନୁଷ୍ଠାନ ଅଧୁରା ବୋଲି କୁହାଯାଏ। ଶାସ୍ତ୍ରରେ ପୂଜା ଫୁଲର ଅନେକ ନିୟମ ରହିଛି। ସେହିପରି ଭଗବାନଙ୍କ ପାଖେ ଲାଗି ହେଉଥିବା ଫୁଲର ମହତ୍ତ୍ୱ ବେଶି। ତେବେ ଏହି ଫୁଲକୁ ଭଗବାନଙ୍କୁ ଲାଗି କରିବା ପୂର୍ବରୁ ଏହାକୁ ଅନେକ ଧୋଇ ଚଢ଼ାଇ ଥାନ୍ତି। ହେଲେ ଏଭଳି କରିବା ଠିକ୍ କି ଭୁଲ୍ ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ।

ଧ୍ୟାନ ଦେବା ଦରକାର ଯେ, ଭଗବାନଙ୍କୁ କୌଣସି ଜିନିଷ ଲାଗି କରିବା ବେଳେ ତାହା ତାଜା ଥିବା ଦରକାର। ତେଣୁ ଭଗବାନଙ୍କୁ ଚଢ଼ାଯାଉଥିବା ଫୁଲ ବାସି ହେବା ଅନୁଚିତ। ଫୁଲରେ ଜଳ ସ୍ପର୍ଶ ହେବା ଯୋଗୁଁ ତାହା ଜଳ ଦେବତାଙ୍କୁ ଅର୍ପିତ ବୋଲି ବିବେଚନା କରାଯାଏ। ତେଣୁ ଫୁଲକୁ ଧୋଇ ଠାକୁରଙ୍କୁ ଲାଗି କରିବା ଠିକ୍ ନୁହେଁ। ଫୁଲକୁ ଧୋଇ ଚଢ଼ାଇବା ଦ୍ୱାରା ଏହାର ପବିତ୍ରତା ନଷ୍ଟ ହୁଏ। ତା'ସହ ଭଗବାନଙ୍କ ପାଖେ ଅର୍ପଣ ହେଉଥିବା ଫୁଲକୁ ଧୋଇବା ଠିକ୍ ନୁହେଁ। ନିୟମ ଅନୁସାରେ, ସ୍ନାନ ପରେ ଫୁଲ ତୋଳିବା ଉଚିତ। ସେହିପରି ବଜାରରୁ ଆଣୁଥିବା ଫୁଲକୁ ମଧ୍ୟ ନ ଧୋଇ ପୂଜା ଥାଳିରେ ସିଧା ରଖିବା ଉଚିତ। ହିନ୍ଦୁ ମାନ୍ୟତାନୁସାରେ, ଭଗବାନଙ୍କୁ ବାସି, ପୋକ ଲଗା ଭୁଲ, ଛିଣ୍ଡା ଫୁଲ, ତଳେ ପଡ଼ିଥିବା ଫୁଲ ଲାଗି କରିବା ଅନୁଚିତ। ସେହିପରି ଠାକୁରଙ୍କ ପାଖରେ ଲାଗି ହୋଇଥିବା ଫୁଲକୁ ଅନ୍ୟ ଠାକୁରଙ୍କୁ ଲାଗି କରିବା ଅନୁଚିତ।





# ମା' ଲକ୍ଷ୍ମୀଙ୍କ ପ୍ରିୟ ଭୋଗ



**ମା'ଲକ୍ଷ୍ମୀଙ୍କ ପୂଜାରେ ଭୋଗର ବିଶେଷ ମହତ୍ତ୍ୱ ରହିଛି। କୁହାଯାଏ ଠିକ୍ ଓ ପବିତ୍ର ଭୋଗ ସାମଗ୍ରୀ ଦ୍ୱାରା ମା' ଲକ୍ଷ୍ମୀଙ୍କ ଆରାଧନା କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ। ତେଣୁ ମା'ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଭୋଗ ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ।**

- କ୍ଷୀର, ଚାଉଳ ଏବଂ ଗୁଡ଼ରେ ପ୍ରସ୍ତୁତ କ୍ଷୀରି ଭୋଗ ମା' ଲକ୍ଷ୍ମୀଙ୍କୁ ଅର୍ପଣ କରିବା ଶୁଭ। କ୍ଷୀରି ଭୋଗ ଲାଗି କରିବା ଦ୍ୱାରା ଘରେ ଧନ, ସୁଖ ଓ ସମୃଦ୍ଧି ବଜାୟ ରହେ।
- ଲଡ୍ଡୁକୁ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ବେସନ କିମ୍ବା ବୁନ୍ଦିରେ ତିଆରି ଲଡ୍ଡୁ ମା' ଲକ୍ଷ୍ମୀଙ୍କୁ ଲାଗି କରିବା ଦ୍ୱାରା ପାରିବାରିକ ସମୃଦ୍ଧି ଓ ପ୍ରେମ ଭାବ ବୃଦ୍ଧି ପାଏ।
- ସୁଜି, ଦେଶୀ ଘିଅ ଓ ଗୁଡ଼ରେ ପ୍ରସ୍ତୁତ ହାଲୁଆ ମା' ଲକ୍ଷ୍ମୀଙ୍କ ଅତ୍ୟନ୍ତ ପ୍ରିୟ। ଏହାକୁ ଭୋଗ ଭାବେ ଅର୍ପଣ କଲେ ଘରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।
- କଦଳୀ, ସେଓ, ଡାଳିମ୍ବ ଭଳି ଅନ୍ୟ ଫଳ ଲକ୍ଷ୍ମୀ ମା'ଙ୍କୁ ଅର୍ପଣ କଲେ ଜୀବନରେ ସ୍ଥିରତା ଆସେ। ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।
- ନଡ଼ିଆ ବା ଶ୍ରୀଫଳକୁ ପୂର୍ଣ୍ଣତାର ପ୍ରତୀକ ବୋଲି ବିବେଚନା କରାଯାଏ। ଏହାକୁ ଅର୍ପଣ କଲେ ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ। ମା' ଲକ୍ଷ୍ମୀଙ୍କୁ ଏହା ପ୍ରଦାନ କଲେ ଭୌତିକ ସୁଖ, ସାଧନର ବିକାଶ ଘଟେ।



# ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣର ନିୟମ

**ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରିବା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ଜଳ ଅର୍ଘ୍ୟ ଅର୍ପଣ କରିବା ଉଚିତ। ଏହି ଅର୍ଘ୍ୟ ଅର୍ପଣର ନିୟମ ବି ଅଛି।**

- ପ୍ରଥମେ ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରନ୍ତୁ।
- ତା'ସହ ଅର୍ଘ୍ୟ ଅର୍ପଣର ସମୟ ନିର୍ଦ୍ଧାରିତ କରି ସେହି ସମୟରେ ସବୁଦିନ ଅର୍ଘ୍ୟ ଦେବା ଉଚିତ।
- ତମ୍ବା ଢ଼ାଳରେ ଅର୍ଘ୍ୟ ଅର୍ପଣ କରିବା ଉଚିତ।
- ଅର୍ଘ୍ୟ ଜଳରେ ନାଲି ଫୁଲ, ଚନ୍ଦନ ଓ ଅକ୍ଷତ ପକାନ୍ତୁ। ସେହି ଜଳକୁ ଅର୍ଘ୍ୟ ଭାବେ ଅର୍ପଣ କରନ୍ତୁ।
- ଅର୍ଘ୍ୟ ଦେବାବେଳେ ଜଳଧାରରେ ସୂର୍ଯ୍ୟଙ୍କ ଦର୍ଶନ କରିବା ଶୁଭ।
- ଏହି ଅର୍ଘ୍ୟ ସମୟରେ ସୂର୍ଯ୍ୟଙ୍କ କିରଣ ଦେଖିବା ଉତ୍ତମ।
- ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ବେଳେ ସୂର୍ଯ୍ୟ ମନ୍ତ୍ର ଜପ କରିବା ଉଚିତ।
- ଅର୍ଘ୍ୟ ଅର୍ପଣ ସମୟରେ ନିଜ ମୁଖକୁ ପୂର୍ବ ଦିଗରେ ରଖନ୍ତୁ।

ଇଡେନ୍ ସ୍ପିନ୍ ପିଚ୍ ହେଲା ବୁମେରାଂ | ହାର୍ମର ଶ୍ରେଷ୍ଠ ଖେଳାଳି | ୨୨ରୁ ଦ୍ୱିତୀୟ ଟେଷ୍ଟ

# ଅଢ଼େଇ ଦିନରେ ହାରିଲା ଭାରତ

କୋଲକାତା,୧୬।୧୧(ଏଜେନ୍ସି)

ଅଢ଼େଇ ଦିନରେ ଇଡେନ୍ ଟେଷ୍ଟ ଲଢ଼େଇ ଶେଷ। ଅଧିନାୟକ ଶୁବମନ ଗିଲ୍ଙ୍କ ଅନୁପସ୍ଥିତିରେ ଇଡେନ୍‌ର ସ୍ପିନ୍ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ଉଚିତ ମୁକାବିଲା କରିପାରିଲାନି ଭାରତ। ଯାହା ଫଳରେ ଏଠାରେ ରବିବାରର ଶେଷ ହୋଇଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନ ଟି' ପୂର୍ବରୁ ଭାରତ ୩୦ ରନ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଭ୍ରମଣକାରୀ ଦଳ ପ୍ରଦତ୍ତ ୧୨୪ ରନ୍‌ର ଟାର୍ଗେଟ୍‌କୁ ହାସଲ କରିବାରେ ସମର୍ଥ ହେଲାନି ଭାରତ। ଦଳ ୩୫ ଓଭରରେ ୯ ୱିକେଟ ହରାଇ ୯୩ ରନ୍ କରିଅଲଆଉଟ ହୋଇଥିଲା। ଆହତ ଯୋଗୁଁ ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିଥିବା ଗିଲ୍ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଦକ୍ଷିଣ ଆଫ୍ରିକାର ଏହି ଐତିହାସିକ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ୩୭ ବର୍ଷୀୟ ଅଫ୍‌ସ୍ପିନର ସାଇମନ ହାର୍ମର ଉଭୟ ଇନିଂସରେ ୪ଟି ଲେଖାଏଁ ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟରେ ସିରିଜ୍‌ରେ ୧-୦ରେ ଆଗୁଆ ରହିଥିବା ଦକ୍ଷିଣ ଆଫ୍ରିକା ଆସାମର ଗୁଆହାଟୀରେ ଭାରତ ସହ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳିବ। ଭାରତରେ ଦୀର୍ଘ ୧୫ ବର୍ଷ ପରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବାରେ ସମର୍ଥ ହୋଇଛି। ତାହା ପୁଣି ସ୍ପିନ୍ ବୋଲରଙ୍କ ସଫଳତା ବଳରେ। ଭାରତ ଉଭୟ ଇନିଂସରେ ହରାଇଥିବା ୧୮ଟି ୱିକେଟ ମଧ୍ୟରୁ ଦକ୍ଷିଣ ଆଫ୍ରିକୀୟ ସ୍ପିନରମାନେ ୧୨ଟି ୱିକେଟ ନେଇଥିଲେ।



### ୨୦୬ ଓଭର, ୫୧୭ ରନ୍, ୩୮ ୱିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଅଢ଼େଇଦିନରେ ଶେଷ ହୋଇଛି। ଆଲୋକ ଅଭାବରୁ ଖେଳ ବ୍ୟାହତ ହୋଇ ନ ଥିଲେ ଆହୁରି ଆଗରୁ ଶେଷ ହୋଇଥାନ୍ତା। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୫୫ ଓଭରରେ ୧୫୯ ରନ୍ କରିଥିଲା। ଜବାବରେ ଗିଲ୍ ୪ ରନ୍‌ରେ ମ୍ୟାଚ୍ ଛାଡ଼ିବା ପରେ ଭାରତ ୬୬.୨ ଓଭରରେ ୧୮୯ ରନ୍ କରିଥିଲା। ୩୦ ରନ୍‌ରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫୪ଓଭରରେ ୧୫୩ ରନ୍ କରିଥିଲା। ଏହା ଫଳରେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ୧୨୪ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୩୫ ଓଭର ଖେଳି ୯୩ ରନ୍‌ରେ ଆଉଟ ହୋଇଥିଲା। ଆହତ ଯୋଗୁ ଗିଲ୍ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏହା ଫଳରେ ଏହି ମ୍ୟାଚ୍‌ରେ ମୋଟ ୨୦୬.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଉଭୟ ଦଳ ମିଳିତଭାବେ ୫୧୭ ରନ୍ କରିଥିଲାବେଳେ ୩୮ ଟି ୱିକେଟର ପତନ ଘଟିଥିଲା। ଆହତ ଥିବାରୁ ଗିଲ ଉଭୟ ଇନିଂସରେ ବ୍ୟାଟିଂ କରି ପାରି ନ ଥିଲେ।

ଏହି ମ୍ୟାଚ୍‌ର ଆଜି ସକାଳେ ଦକ୍ଷିଣ ଆଫ୍ରିକା ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୯୩ ରନ୍‌ରୁ ଖେଳ ଆରମ୍ଭ କରି ୧୫୩ ରନ୍‌ରେ ଆଉଟ ହୋଇଥିଲା। ୨୯ ରନ୍‌ରେ ଅପରାଜିତ ଥିବା ଅଧିନାୟକ ତେମ୍ବା ୧୩୬ ବଲ୍‌ରୁ ଏହି ମ୍ୟାଚ୍‌ରେ ସର୍ବାଧିକ ୫୫ ରନ୍ କରି ଶେଷଯାଏ ଆଉଟ ହୋଇ ନ ଥିଲେ। କିନ୍ତୁ ନଂ-୯ରେ ବ୍ୟାଟିଂ କରିଥିବା କର୍ବିନ ବୋଶ୍‌ଙ୍କ ୨୫ ରନ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି, କୁଲଦୀପ ଯାଦବ ଓ ମହମ୍ମଦ୍ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଏହା ଫଳରେ ଏହି ମ୍ୟାଚ୍ ଜିତିବାକୁ ଭାରତ ପାଇଥିବା ୧୨୪ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଦ୍ୱିତୀୟ ଇନିଂସରେ ୯୩ ରନ୍ କରିଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ୯୨ ବଲ୍ ଖେଳି ସର୍ବାଧିକ ୩୧, ଅକ୍ଷର ପଟେଲ ୨୬, ଜାଡେଜା ୧୮ ଓ ଧ୍ରୁବ ଜୁରେଲ ୧୩ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ସାଇମନ ହାର୍ମର ୨୧ ରନ୍‌ରେ ୪ଟି, ମାର୍କୋ ୟାନ୍‌ସେନ୍ ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**


**ଦକ୍ଷିଣ ଆଫ୍ରିକା**: ୧୫୯ (ମାରକ୍ରମ-୩୧, ବୁମ୍‌ରା-୫/୨୭) ଓ ୧୫୩ (ବଭୁମା-୫୫*, ଜାଡେଜା-୪/୫୦)।
**ଭାରତ**: ୧୮୯ (ରାହୁଲ-୩୯, ସୁନ୍ଦର-୨୯, ହାର୍ମର-୪/୩୦, ୟାନ୍‌ସେନ୍-୩/୩୫) ଓ ୯୩ (ସୁନ୍ଦର-୩୧, ଅକ୍ଷର-୨୬, ଜାଡେଜା-୧୮, ହାର୍ମର-୪/୨୧)।

## ୧୫ ବର୍ଷ ପରେ ଟେଷ୍ଟ ଜିତିଲା ଦ. ଆଫ୍ରିକା



କୋଲକାତା,୧୬।୧୧(ଏଜେନ୍ସି): ଭାରତକୁ ୩୦ ରନ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ଭାରତ ମାଟିରେ ଦୀର୍ଘ ୧୫ ବର୍ଷ ପରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ୨୦୧୦ରେ ଶେଷଥର ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବା ପରେ ଏଠାରେ ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ୬ଷ୍ଠ ବିଜୟ ହାସଲ କରିଛି। ୩୬ ବର୍ଷ ୨୭୯ ଦିନରେ ସ୍ପିନର ସାଇମନ୍ ହାର୍ମର ତୃତୀୟ ବରିଷ୍ଠ ଖେଳାଳି ଭାବେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ କ୍ଲାଇବ୍ ଲୟଡ ୧୯୮୩-୮୪ରେ ଓ କିଥ୍ ଫ୍ଲେଚର ୧୯୮୧-୮୨ ଟେଷ୍ଟ ସିରିଜ୍‌ରେ ଭାରତ ବିପକ୍ଷରେ ହାର୍ମରଙ୍କଠାରୁ ଅଧିକ ବୟସରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### ● ଇଡେନ୍ ପିଚ୍‌କୁ ଗମ୍ଭୀରଙ୍କ ସମର୍ଥନ



ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାର ଇଡେନ ଗାର୍ଡେନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ପିଚ୍‌କୁ ସମର୍ଥନ ଜଣାଇଛନ୍ତି ଭାରତୀୟ କୋଚ୍ ଗୌତମ ଗମ୍ଭୀର। ଏହି ମ୍ୟାଚ୍ ଅଢ଼େଇ ଦିନରେ ଶେଷ ହୋଇଥିଲା ଓ ମୋଟ ୨୦୬.୨ ଓଭର ଖେଳରେ ଉଭୟ ଦଳ ଦୁଇଥର ଲେଖାଏଁ ଅଲଆଉଟ ହୋଇଥିଲେ। ଏହା ସତ୍ତ୍ୱେ ଗମ୍ଭୀର ଇଡେନ୍ ପିଚ୍‌କୁ ଖରାପ ବୋଲି କହି ନ ଥିଲେ। ବରଂ ଆମେ ଏଭଳି ପିଚ୍‌ରେ ୧୨୪ ରନ୍ କରିବା ସମ୍ଭବ ଥିଲା। ପିଚ୍ ନିର୍ମାତା ସୁଜନ ମୁଖାର୍ଜୀ ଖୁବ୍ ସହଯୋଗ କରିଥିଲେ। ଆମେ ଯେଉଁ ପିଚ୍ ଚାହିଁଥିଲୁ ତାହା ମିଳିଥିଲା। କିନ୍ତୁ ଯେଉଁ ଦଳ ଭଲ ଖେଳିଲା, ସେହି ଦଳ ବିଜୟୀ ହେଲା ବୋଲି ଗମ୍ଭୀର କହିଛନ୍ତି।

### ● ଅପରାଜେୟ ଟେଷ୍ଟ ଅଧିନାୟକ ତେମ୍ବା



ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳର ନେତୃତ୍ୱ ନେବା ପରଠାରୁ ଅଧିନାୟକ ତେମ୍ବା ବଭୁମା ଗୋଟିଏ ହେଲେ ମ୍ୟାଚ୍‌ରେ ହାରି ନାହାନ୍ତି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଦଳ ୧୧ଟି ଟେଷ୍ଟ ଖେଳି ୧୦ଟିରେ ବିଜୟୀ ହୋଇଛି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡର ଲର୍ଡ୍ସର ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ସର୍ବଶ୍ରେଷ୍ଠ ବୋଲି ସେ କହନ୍ତି। ସେହିପରି ଭାରତୀୟ ମାଟିରେ ମଧ୍ୟ ଦଳକୁ ସେ ୧୫ ବର୍ଷ ପରେ ଟେଷ୍ଟ ବିଜୟର ସ୍ୱାଦ ଚଖାଇଛନ୍ତି।

### ● ବିଶ୍ୱ ଚାମ୍ପିଅନ ହେଲା ଭଳି ଲାଗିଲା

କୋଲକାତାରେ ଭାରତ ବିପକ୍ଷ ବିଜୟକୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜୟ ସହ ତୁଳନା କରିଛନ୍ତି ଦକ୍ଷିଣ ଆଫ୍ରିକାର କୋଚ୍ ଶୁକରି କନରାଡ। ତାଙ୍କ ମତରେ ଏହି ବିଜୟ ମୋତେ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ବିଜୟ ଭଳି ଲାଗୁଛି। ୧୫ ବର୍ଷ ପରେ ଭାରତରେ ଟେଷ୍ଟ ଜିତିଥିବାରୁ ଏହା ବୋନସ ମିଳିଲା ଭଳି ଲାଗୁଛି। ଏତିକିରେ ଆମର କାମ ଶେଷ ହୋଇନାହିଁ। ସିରିଜ୍ ବିଜୟୀ ହେବା ପରେ ଆମେ ଭାରତର ଦୁର୍ଗ ଦଖଲ କରିବୁ ବୋଲି ସେ କହିଛନ୍ତି।

### ● ଚତୁର୍ଥ ଇନିଂସରେ ଭାରତର ତୃତୀୟ ସର୍ବନିମ୍ନ ସ୍କୋର

ଏଠାରେ ଭାରତ ଆଗରେ ୧୨୪ ରନ୍‌ର ଟାର୍ଗେଟ ରହିଥିଲା। ଜବାବରେ ଭାରତ ୯୩ ରନ୍ କରିଥିଲା। ଟେଷ୍ଟ ଇତିହାସର ଚତୁର୍ଥ ଇନିଂସରେ ଏହା ଭାରତର ତୃତୀୟ ସର୍ବନିମ୍ନ ସ୍କୋର। ପୂର୍ବରୁ ଦଳ ୧୯୯୭ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୮୧, ୧୯୭୭ ଇଂଲଣ୍ଡ ବିପକ୍ଷରେ ୮୩ ରନ୍ କରିଥିଲା। ଏଠାରେ ୯୩ ରନ୍‌ରେ ଆଉଟ ହେବା ଭାରତର ତୃତୀୟ ସର୍ବନିମ୍ନ ଟେଷ୍ଟ ସ୍କୋର। ୯ମ ଥର ଲାଗି ଭାରତ ଟେଷ୍ଟର ପ୍ରଥମ ଇନିଂସରେ ଅଗ୍ରଣୀ ନେବା ପରେ ପରାଜିତ ହୋଇଛି।

---

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଦିନିକିଆରେ ଦକ୍ଷିଣ ଆଫ୍ରିକା-ଏ' ପରାସ୍ତ

## ଆଗୁଆ ସିରିଜ୍ କବ୍‌ଜା କଲା ଭାରତ-ଏ

ରାଜକୋଟ, ୧୬।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଦିନିକିଆ ମ୍ୟାଚକୁ ଭାରତ-ଏ ୯ ୱିକେଟ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ଘରୋଇ ବୋଲର ନିଶାନ୍ତ ସିନ୍ଧୁ ଓ ହର୍ଷିତ ରାଣାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୦.୩ ଓଭରରେ ୧୩୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ରିଭାଲ୍ଡୋ ମୁନସାମୀ ସର୍ବାଧିକ ୩୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଲାନୋ ପୋଟଗିଟର ୨୩, ଡିଆନ ଫଷ୍ଟର ୨୨, ଲୁଆନ-ଡି ପ୍ରିଟୋରିୟସ ୨୧ ରନ କରିଥିଲେ। ଭାରତ-ଏ ପକ୍ଷରୁ ନିଶାନ୍ତ (୭-୧-୧୬-୪) ଓ ହର୍ଷିତ (୫-୧-୨୧-୩) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଓ ଅଧିନାୟକ ତିଲକ ବର୍ମାଙ୍କ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ୧୩୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦଳ ଓପନର୍ ଋତୁରାଜ ଗାଏକୱାଡଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୨୭.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଋତୁରାଜ ୮୩ ବଲରେ ୬୮ ରନ ଓ ଅଧିନାୟକ ତିଲକ ୬୨ ବଲରେ ଅପରାଜିତ ୨୯ ରନ କରିଥିଲେ। ଅଭିଷେକ ଶର୍ମା ୨୨ ବଲ୍‌ରେ ୩୨ ରନ କରି ଏକମାତ୍ର ବ୍ୟାଟର୍ ଭାବେ ଆଉଟ୍ ହୋଇଥିଲେ। ଗାଏକୱାଡଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ପ୍ରଥମ ଦିନିକିଆକୁ ୪ ୱିକେଟ୍‌ରେ ଜିତିଥିବା ଭାରତ-ଏ ଏଥିସହ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ଅନ୍ତିମ ତଥା ୩ୟ ମ୍ୟାଚ୍ ନଭେମ୍ବର ୧୯ ରେ ଏଠାରେ ଅନୁଷ୍ଠିତ ହେବ।

---

ରଣଜୀ ଟ୍ରଫି

## ଓଡ଼ିଶାର ସମ୍ମାନ ରଖିଲେ ବିପ୍ଳବ-ଅନିଲ

ଭୁବନେଶ୍ୱର, ୧୬।୧୧ (ସମିସ):

ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରବିବାରଠାରୁ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ରଣଜୀ ଟ୍ରଫି ୫ମ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୯ ଓଭରରେ ୭ ୱିକେଟ୍ ହରାଇ ୨୪୩ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଅନିଲ ପରିଡ଼ା ୯୮ ଓ ରାଜେଶ ମହାନ୍ତି ୨ ରନ କରି ଖେଳୁଛନ୍ତି। ଅନିଲଙ୍କ ସହ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଦମ୍‌ଦାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଓଡ଼ିଶାର ସମ୍ମାନ ରଖିଛନ୍ତି। ଚଳିତ ସିଜନରେ ଉଭୟ ବିପ୍ଳବ ଓ ଅନିଲ ପ୍ରଥମ ମ୍ୟାଚ୍ ଖେଳୁଛନ୍ତି। ଗତ ସିଜନରେ ଅନୀଲ ଡେବ୍ୟୁ ମ୍ୟାଚ୍‌ରେ ଅପରାଜିତ ୯୯ ରନର ଇନିଂସ ଖେଳିବା ପରେ ଆଉ ସୁଯୋଗ ପାଇ ନ ଥିଲେ।

### ୩୪/୪: ଓଡ଼ିଶାର ପ୍ରାରମ୍ଭିକ ବିପର୍ଯ୍ୟୟ

ପାଞ୍ଚ ବର୍ଷର ବ୍ୟବଧାନ ପରେ କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ରଣଜୀ ଲଢ଼େଇରେ ଟସ୍ ଜିତି ଘରୋଇ ଓଡ଼ିଶାର ଅଧିନାୟକ ଶୁଭ୍ରାଂଶୁ ସେନାପତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଶୁଭ୍ରାଂଶୁଙ୍କ ଏହି ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହୋଇଥିଲା। ଧୀମା ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୦ ଓଭରବେଳକୁ ମାତ୍ର ୩୪ ରନ ମଧ୍ୟରେ ଦୁଇ ଓପନର୍ ଗୌରବ ଚୌଧୁରୀ (୧୦ ରନ) ଓ ସ୍ୱସ୍ତିକ ସାମଲ (୯)ଙ୍କ ସହ ଶୁଭ୍ରାଂଶୁ (୧୩) ଓ ଗୋବିନ୍ଦ (୦)ଙ୍କ ୱିକେଟ୍ ହରାଇଥିଲା। ଏହି ସମୟରେ ମଧ୍ୟକ୍ରମରେ ଅଭିଜ୍ଞ ବିପ୍ଳବଙ୍କ ସହ ଯୁବ ବ୍ୟାଟର୍ ଅନିଲ ବ୍ୟାଟିଂର ମଙ୍ଗ ସମ୍ଭାଳିଥିଲେ।





ଗତ ସିଜନ ଭଳି ଚଳିତ ବର୍ଷ ମଧ୍ୟ ପ୍ରାରମ୍ଭରୁ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ପ୍ରତ୍ୟାବର୍ତ୍ତନ ସୁଯୋଗର ଭରପୁର ଫାଇଦା ଉଠାଇଥିଲେ। ଅନିଲଙ୍କ ସହ ମିଶି ବିପ୍ଳବ ନାଗାଲାଣ୍ଡ ବୋଲରଙ୍କୁ ଧୈର୍ଯ୍ୟର ସହ ମୁକାବିଲା କରି ୫ମ ୱିକେଟ୍‌ରେ ୧୭୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଫଳରେ ଦଳୀୟ ସ୍କୋର ୨୦୦ ଶହ ରନ ଅତିକ୍ରମ ହୋଇଥିଲା। ତେବେ ବିପ୍ଳବ ୯୨ ରନ (୧୪୫ ବଲ୍, ୯ ଚୌକା ଓ ୧ ଛକା) କରିଥିବାବେଳେ ନାଗାଲାଣ୍ଡ ବାମହାତୀ ସ୍ପିନର ଲାମଲିୱତି ଲେମତରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ସମ୍ବିତ ବରାଳ (୧୧ ରନ) ଓ ପଦାର୍ପଣକାରୀ ୱିକେଟ୍‌କିପର ଶାଓନ ପହରିୟା (୧) ନିରାଶ କରିଥିଲେ। ଅନିଲ ଓ ରାଜେଶ ଏହାପରେ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ନିଜର ୨ୟ ମ୍ୟାଚ୍ ଖେଳୁଥିବା ଅନିଲ ୨୪୯ ବଲରେ ୯ ଚୌକା ଓ ୧ ଛକା ସହ ୯୮ ରନ କରି ଅପରାଜିତ ରହିଛନ୍ତି। ଗତ ସିଜନରେ ପଦାର୍ପଣରେ ସର୍ଭିସେସ ବିପକ୍ଷରେ ଅପରାଜିତ ୯୯ ରନ କରିଥିଲେ ମଧ୍ୟ ଅନିଲଙ୍କୁ ଚଳିତ ସିଜନ ପ୍ରାରମ୍ଭରୁ ଅଣଦେଖା କରାଯାଇଥିଲା। ଦେବାଶିଷ ମହାନ୍ତିଙ୍କ ପ୍ରଶିକ୍ଷଣରେ ଖେଳୁଥିବା ନାଗାଲାଣ୍ଡର ଅଧିନାୟକ ରଙ୍ଗସେନ ଜୋନାଥନ, ରୋନିତ୍ ମୋରେ ଓ ଲାମଲିୱତି ୨ଟି ଲେଖାଏ ୱିକେଟ୍ ନେଇଛନ୍ତି।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ
Presented by: BHARAT MASALA — The Taste of New India
In Association with: CBSE-XI & XII SRI VINAYAKA Concept School BHUBANESWAR
5th Anniversary

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୬୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡ଼ା | ନ୍ୟାସନାଲ ହାଇସ୍କୁଲ ନୂଆପଡ଼ା | ଘନଶ୍ୟାମ ଭୋଇ - ୯୯୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୨୧୪୯୧୬୬ |
| ଝାରସୁଗୁଡ଼ା | PKSS କଲେଜ, ଝାରସୁଗୁଡ଼ା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୪୫୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୭୧୩୩୦ |
| ରାଉରକେଲା | ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍ ଉଦିତନଗର, ରାଉରକେଲା - ୭୬୯୦୦୬ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |

୨୩ ନଭେମ୍ବର ୨୦୨୫ । ରବିବାର
ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS